
ଧରିତ୍ରୀ 52 Years
ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, December 12/2025 | Page 16 | ₹ 7.00 | BERHAMPUR

୫୨ଶ ଭାଗ ୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 19 | ମୂଲ୍ୟ₹୭/-




## Kia Seltos
Badass. Forever.

Bigger in stance, longer in profile, and stronger in presence, the all-new Seltos has arrived with a reinvigorated sense of authority. The new design strikes harder, the Trinity Panoramic Display amplifies the cabin, Ventilated Seats bring comfort, and ADAS Level 2 equips you with unmatched confidence. A complete transformation that carries forward the one thing that never changed: its unmistakable badass attitude. Experience the all-new Seltos today!

**Commanding Presence** Advanced, with attitude


Command-Centric Trinity Panoramic Display


Over-the-Air (OTA) Software Updates with Kia Remote Diagnostics*


Dual Pane Panoramic Sunroof


Iconic R18 - 46.20 cm (18") Sporty Crystal Cut Alloy Wheels with Neon Brake Calipers


ADAS Level 2 with 21 Autonomous Features*


Front, Rear and Side Parking Sensors

**Robust 24 Hi-Safety Package**
STANDARD ACROSS ALL VARIANTS

Front Dual Airbags | Front Seat Side Airbags | Side Curtain Airbags | Highline Tyre Pressure Monitor | ABS (Anti-lock Brake System) | BAS (Brake Assist System) | ESC (Electronic Stability Control) | VSM (Vehicle Stability Management) | HAC (Hill-start Assist Control) | ESS (Emergency Stop Signal) | Child Lock | All Wheel Disc Brakes | Rear Parking Sensors x4 | Speed Sensing Auto Door Locks | Impact Sensing Auto Door Unlock | Front & Rear All Seat 3-Point Seat Belts with Reminder | ISOFIX (Rear Anchors) | Front Passenger Airbag On/ Off Switch | Front Passenger Airbag On/ Off Indicator | Rear Occupant Alert | DBC (Downhill Brake Control) | Rollover Sensor | Auto Light Control & Headlamp Escort Function | Rear View Camera with Dynamic Guidelines

**Kia Service**
Connected • Adaptive • Responsive • Engage

3 Years Unlimited km Warranty | Extended Warranty* Up to 7 Years | My Convenience Plus* Best-in-class Cost of Ownership | Scratch Care Program* | IoT Based Smart Services* | 24x7 | 3 Years Nationwide RSA*

**Bookings open** | **Call** 1800 108 5000 | **Visit** www.kia.com | Kia Seltos | Look for "Kia India" @

*Terms & Conditions Apply. The product & feature images shown in this ad is for representation purpose only. Features and specifications as shown may not be part of standard fitment and may vary. The colors shown are subject to availability and may not be available across all variants and may differ slightly from those shown in this ad. The specifications and features may vary depending on models/ variants. As a standard feature in defined segment. Segment is defined as Mid SUV whose length lies between 4 220-4 460 mm and width between 1 760-1830 mm. ADAS features are for driver assistance only. Driver is responsible for safe and attentive driving. For details on functioning of ADAS, Safety, Kia Connect 2.0 features kindly refer to the owners manual. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, Kia Connect 2.0 features and other details of any model as mentioned in this ad to discontinue any model without prior notice. For more details visit your local Kia dealership. Kia India Pvt. Ltd. urges you to follow traffic rules, these are meant to keep you safe on roads. We do not endorse vandalism or illegal activities related to road safety. Safety is a top priority, and we urge responsible behavior regarding traffic regulations and road safety.

**FOR INFORMATION CONTACT: BERHAMPUR: CENTRAL KIA,** PH: 9124563157, **BHUBANESHWAR: CENTRAL KIA,** PAHAL, PH: 7440004288, 7440002919, **TRUPTI KIA,** PATRAPADA, PH: 7064414001/ 7064414004/ 7064414005, PURI BYPASS ROAD, PH: 7064414001, **EMPREO KIA,** PATIA, PH: 9777064777, 9124401571, **BHAWANIPATNA: MAJESTY KIA,** PH: 9124572956, **BOLANGIR: MAJESTY KIA,** PH: 9124672378/ 9124572963, **CUTTACK: CENTRAL KIA,** PH: 9237304769, **ROURKELA: KRISHNA KIA,** PH: 7852941723, **BALASORE: BASANTI KIA,** PH: 7077732182, **SAMBALPUR: CENTRAL KIA,** PH: 7440004263, 7440003022, **ANGUL: CENTRAL KIA,** PH: 7440004255, 9124563136, **JAJPUR: SANJIB KIA,** PH: 993768900, **JEYPORE: MAJESTY KIA,** PH: 9124572378, **KEONJHAR: TRUPTI KIA,** PH: 7064414005

INNOCEAN-064/25



ଗୁଆହାଟୀରେ ନାଗରିକ ସଂଶୋଧନ ଆଇନ (ସିଏଏ) ବିରୋଧରେ ଅଲ୍ ଆସାମ ଷ୍ଟୁଡେଣ୍ଟ୍ସ ୟୁନିୟନ ପକ୍ଷରୁ କଳାଦିବସ ପାଳନ ବେଳେ ବିକ୍ଷୋଭ ପ୍ରଦର୍ଶନ।

# ୬୦ କୋଟି ଜମା କରିବାକୁ ଶିଳ୍ପା ସେଟ୍ଟୀ, ରାଜ କୁନ୍ଦ୍ରାଙ୍କୁ ନିର୍ଦ୍ଦେଶ

## ଲୁକ୍‌ଆଉଟ୍ ସର୍କୁଲାର ଉଠାଇବା ଆବେଦନ



ମୁମ୍ବାଇ,୧୧।୧୨

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିରୋଧରେ ଜାରି ହୋଇଥିବା ଲୁକ୍‌ଆଉଟ୍ ସର୍କୁଲାରକୁ ଉଠାଇବାକୁ ହେଲେ ସେମାନଙ୍କୁ ୬୦ କୋଟି ଟଙ୍କା ଜମା କରିବାକୁ କିମ୍ବା ଏକ ଜାତୀୟକରଣ ବ୍ୟାଙ୍କରୁ କ୍ରମାଗତ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିବାକୁ ବମ୍ବେ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ମୁମ୍ବାଇ ପୋଲିସର ଆର୍ଥିକ ଅପରାଧ ଶାଖା ଶିଳ୍ପା ଏବଂ ରାଜ କୁନ୍ଦ୍ରାଙ୍କ ବିରୋଧରେ ବହୁକୋଟି ଟଙ୍କା ଠକେଇ ମାମଲା ରୁଜୁ କରିଥିବାବେଳେ ସେମାନଙ୍କ ବିଦେଶ ଗସ୍ତ ଉପରେ କଟକଣା ପାଇଁ ଲୁକ୍‌ଆଉଟ୍ ସର୍କୁଲାର (ଏଲ୍‌ଓସି) ଜାରି ହୋଇଛି। ତେବେ କୁନ୍ଦ୍ରାଙ୍କ ଅସୁସ୍ଥ ବାପାଙ୍କୁ ଦେଖିବା ପାଇଁ ସେମାନେ ଲଣ୍ଡନ ଯିବା ନିମନ୍ତେ ଏଲ୍‌ଓସି ସ୍ଥଗିତ ରଖିବା ଲାଗି ନିର୍ଦ୍ଦେଶ ଦେବା ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ଖବର ଅନୁଯାୟୀ କୁନ୍ଦ୍ରାଙ୍କ ବାପାଙ୍କଠାରେ ରକ୍ତହୀନତା ସମେତ ବିଭିନ୍ନ ଦୀର୍ଘସ୍ଥାୟୀ ସମସ୍ୟା ଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେଉଛି। ଡାକ୍ତରମାନେ ତାଙ୍କୁ କ୍ୟାପ୍‌ସୁଲ୍ ଏଣ୍ଡୋସ୍କୋପି କିମ୍ବା ଡବଲ-ବେଲୁନ୍ ଏଣ୍ଟରସ୍କୋପି ଚିକିତ୍ସା ପାଇଁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତି ଦର୍ଶାଇ ଶିଳ୍ପା ଓ କୁନ୍ଦ୍ରା ଜାନୁଆରୀ ୨୦ ପୂର୍ବରୁ ଲଣ୍ଡନ ଯିବା ଲାଗି ଅନୁମତି ମାଗିଥିଲେ।

## ଦିଲ୍ଲୀ ଦଙ୍ଗା ମାମଲା

# ଉମର ଖଲିଦଙ୍କୁ ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ,୧୧।୧୨

୨୦୨୦ ଦିଲ୍ଲୀ ଦଙ୍ଗା ସହ ଜଡ଼ିତ ଷଡ଼ଯନ୍ତ୍ର ମାମଲାରେ ଗିରଫ ହୋଇ ଜେଲରେ ଥିବା ଜେଏନ୍‌ୟୁର ପୂର୍ବତନ ଛାତ୍ର ନେତା ଉମର ଖଲିଦଙ୍କୁ ଗୁରୁବାର ଦିଲ୍ଲୀର ଏକ ଅଦାଲତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଭଉଣୀ ବାହାଘରରେ ଯୋଗଦେବା ପାଇଁ ତାଙ୍କୁ ଡିସେମ୍ବର ୧୬ରୁ ୨୯ ମଧ୍ୟରେ ଜାମିନରେ ଯିବା ନିମନ୍ତେ ଅନୁମତି ମିଳିଛି। ଜାମିନରେ ରହିବା ସମୟରେ ସୋସିଆଲ ମିଡିଆ ବ୍ୟବହାର ନ କରିବା କିମ୍ବା କୌଣସି ସାକ୍ଷୀଙ୍କ ସହ ଯୋଗାଯୋଗ ନ ରଖିବା ପାଇଁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କେବଳ ତାଙ୍କ ପରିବାର ସଦସ୍ୟ, ବନ୍ଧୁ ଓ ସମ୍ପର୍କୀୟମାନଙ୍କୁ ଭେଟିପାରିବେ।



ଏଥିସହିତ ତାଙ୍କୁ କେବଳ ନିଜ ଘରେ ଏବଂ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବା ସ୍ଥାନରେ ରହିବା ପାଇଁ ଏଏସ୍‌ଜେ ସମୀର ବାଜପାୟୀ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୦ ଫେବୃଆରୀରେ ଦିଲ୍ଲୀରେ ଘଟିଥିବା ବିକ୍ଷୋଭ ଓ ସାମ୍ପ୍ରଦାୟିକ ହିଂସା ଘଟଣାର ଯୋଜନା ଉମର କରିବା ସହ ଏହାକୁ କାର୍ଯ୍ୟକାରୀ କରିବାରେ ସମନ୍ୱୟ ରଖିଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ତାଙ୍କର ନିୟମିତ ଜାମିନ ଆବେଦନ ତଳ କୋର୍ଟ ଏବଂ ଦିଲ୍ଲୀ ହାଇକୋର୍ଟରେ ଖାରଜ ହୋଇଥିଲା।

# ପ୍ରଭାବିତ ଯାତ୍ରୀଙ୍କୁ ୧୦ ହଜାର ଟଙ୍କାର ଭାଉଚର ଦେବ ଇଣ୍ଡିଗୋ

ନୂଆଦିଲ୍ଲୀ,୧୧।୧୨

ଇଣ୍ଡିଗୋ ବିମାନ ଉଡ଼ାଣ ବିଳମ୍ବ ଯୋଗୁ ଗତ ୩ରୁ ୫ ତାରିଖ ମଧ୍ୟରେ ଦୀର୍ଘ ସମୟ ଧରି ଅଟକି ରହିଥିବା ପ୍ରତ୍ୟେକ ଯାତ୍ରୀଙ୍କୁ ଏୟାରଲାଇନ୍ସ ୧୦,୦୦୦ ଟଙ୍କାର ଭାଉଚର ପ୍ରଦାନ କରିବ ବୋଲି ଗୁରୁବାର ଘୋଷଣା କରିଛି। ଏହି ଭାଉଚର ଆଗାମୀ ୧୨ ମାସ ପର୍ଯ୍ୟନ୍ତ ଯେକୌଣସି ଇଣ୍ଡିଗୋ ବିମାନ ପାଇଁ ବୈଧ ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଉଡ଼ାଣ ବାତିଲ ହୋଇଥିବା ବିମାନଯାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସେମାନଙ୍କ ଟିକେଟ ଦେୟ ଫେରସ୍ତ କରାଗଲାଣି। ଅବଶିଷ୍ଟ କେତେଜଣ ଯାତ୍ରୀଙ୍କ ଭଡ଼ା ଖୁବ୍‌ଶୀଘ୍ର ଫେରାଇ ଦିଆଯିବ ବୋଲି ଆଶା କରାଯାଉଛି। ଯେଉଁମାନେ ଟ୍ରାଭେଲ ପ୍ଲାଟ୍‌ଫର୍ମ ଜରିଆରେ ଟିକେଟ ବୁକିଂ କରିଥିଲେ, ସେମାନଙ୍କ ଅର୍ଥ ଫେରସ୍ତ ଆରମ୍ଭ ହୋଇଛି। ଯଦି କୌଣସି ଗ୍ରାହକଙ୍କ ଯୋଗାଯୋଗ ବିବରଣୀ ଏୟାରଲାଇନ୍ସ ସିଷ୍ଟମ୍‌ରେ ଅସମ୍ପୂର୍ଣ୍ଣ ରହିଥାଏ, ସେମାନଙ୍କୁ customer.experience@goindigo.inକୁ ଲେଖି ଜଣାଇବା ପାଇଁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ପାଇଲଟ୍ ଏବଂ କର୍ମଚାରୀ ଅଭାବରୁ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଇଣ୍ଡିଗୋର ଶତାଧିକ ବିମାନ ଉଡ଼ାଣ ବାତିଲ ହେବା ସହ ଅତ୍ୟଧିକ ବିଳମ୍ବ ହୋଇଥିଲା। ଫଳରେ ଅନେକ ହଜାର ଯାତ୍ରୀ ଦେଶର ବିଭିନ୍ନ ଏୟାରପୋର୍ଟରେ ଫସିରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ଚିମୁଟା, ତାୱା ଧରି ଲଢ଼େଇ କର

## ଏସ୍‌ଆଇଆର୍ ବିରୋଧରେ ପଶ୍ଚିମବଙ୍ଗ ମହିଳାଙ୍କୁ ମମତାଙ୍କ ଆହ୍ୱାନ

କୋଲକାତା,୧୧।୧୨(ଏଜେନ୍ସି)

ଭୋଟର ତାଲିକାର ଶୁଦ୍ଧୀକରଣ ନାମରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ଦେଶରେ ବିବାଦୀୟ ସ୍ଥିତି ଉପୁଜିଥିବାବେଳେ ଗୁରୁବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସଙ୍ଗରେ ଭାଜପା ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ଟାର୍ଗେଟ କରିଛନ୍ତି। ୨୦୨୬ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରୁ ପଶ୍ଚିମବଙ୍ଗର ୧.୫ କୋଟି ମତଦାତାଙ୍କ ନାମ ହଟାଇବା ପାଇଁ କେନ୍ଦ୍ର ସରକାର ଇସିଙ୍କୁ ନିୟୋଜିତ କରାଇଛନ୍ତି। ଲୋକଙ୍କୁ ଆତଙ୍କିତ କରିବା ପାଇଁ ଭାଜପା ବାହାର ଲୋକଙ୍କୁ ବ୍ୟବହାର କରୁଛି। ତେବେ ଯେଉଁ ମହିଳାମାନଙ୍କ ନାମ ଭୋଟର ତାଲିକାରୁ କଟିଯାଇଥିବ, ସେମାନେ ଚିମୁଟା, ତାୱା ଓ ବେଲଣା ଭଳି ରୋଷେଇଘର ଉପକରଣ ଧରି ଲଢ଼େଇ କରନ୍ତୁ ବୋଲି ମମତା ଆହ୍ୱାନ ଦେଇଛନ୍ତି।

ନଦିଆ ଜିଲାର କ୍ରିଷ୍ଣାନଗରରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଏକ ରାଲିକୁ ସମ୍ବୋଧିତ କରି ଦଳର ସୁପ୍ରିମୋ ମମତା ବାନାର୍ଜୀ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍‌ଶାହା ଜଣେ ବିପଜ୍ଜନକ ବ୍ୟକ୍ତି। ତାଙ୍କ ୨ ଆଖି ବିପର୍ଯ୍ୟୟର ବାର୍ତ୍ତା ଦେଇଥାଏ। ଗୋଟିଏ ଆଖିରେ ମହାଭାରତର ଦୁର୍ଯ୍ୟୋଧନ ଓ ଅନ୍ୟ ଆଖିରେ ଦୁଃଶାସନଙ୍କୁ ଦେଖିବାକୁ ମିଳିଥାଏ। ପଶ୍ଚିମବଙ୍ଗର ଭୋଟର ତାଲିକାରୁ ଯେପରି ୧.୫ କୋଟି ମତଦାତାଙ୍କ ନାମ କଟାଯିବ ସେଥିଲାଗି ଶାହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ୟମ ଚାଲିଛି। ଏଥିଲାଗି ଜିଲାପାଳମାନଙ୍କ ଉପରେ ଚାପ ପକାଯାଉଛି। ଏସ୍‌ଆଇଆର୍ ପ୍ରକ୍ରିୟାରେ ଜଣେ ହେଲେ ଯୋଗ୍ୟ ଭୋଟରଙ୍କ ନାମ କଟିଲେ ସେ ଧାରଣାରେ ବସିବେ ବୋଲି ମମତା ଚେତାବନୀ ଦେଇଛନ୍ତି।

ମମତା ଆହୁରି କହିଛନ୍ତି, ଭାଜପା ଭୋଟ ପାଇଁ ଏତେ ଭୋକିଲା ହୋଇଯାଇଛି ଯେ ସେମାନେ ନିର୍ବାଚନର ଠିକ୍ ୨ ମାସ ପୂର୍ବରୁ ଏସ୍‌ଆଇଆର୍ ଆରମ୍ଭ କରିଛନ୍ତି। ସେମାନେ ବିହାରରେ ଏପରି କରି ନିର୍ବାଚନକୁ ମ୍ୟାନେଜ୍ କରିବାରେ ସଫଳ ହୋଇଛନ୍ତି। ପଶ୍ଚିମବଙ୍ଗରେ ତାକୁ ଦୋହରାଇବାକୁ ଯାଇ ଭାଜପାର ଆଇଟି ସେଲ୍ ନିର୍ଦ୍ଦେଶକ୍ରମେ ଭୋଟର ତାଲିକା ପ୍ରସ୍ତୁତି ଚାଲିଛି। କିନ୍ତୁ ପଶ୍ଚିମବଙ୍ଗରେ ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ। ରାଜ୍ୟରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) କିମ୍ବା କୌଣସି ଅଟକ କେନ୍ଦ୍ର କରାଇ ଦିଆଯିବ ନାହିଁ। ସେମାନେ ଯଦି କାହାକୁ ତାଲିକାରୁ ହଟାଇଦେଇଥିବେ ତାଙ୍କୁ ଫେରାଇ ଆଣିବାର ବିଦ୍ୟା ଆମକୁ ଜଣା ଅଛି। ତୁମେ ଏସ୍‌ଆଇଆର୍ ନାମରେ ଆମ ମା'ଭଉଣୀଙ୍କ ଅଧିକାର ଛଡ଼ାଇବାକୁ ଆସିଛ? ଦିଲ୍ଲୀରୁ ପୋଲିସକୁ ଡକାଇବ? ଯଦି କୌଣସି ମହିଳାଙ୍କ ନାମ କାଟିଦିଆଯାଏ ତେବେ ମା'ଭଉଣୀମାନେ ରୋଷେଇ ଘରେ ବ୍ୟବହାର କରୁଥିବା ଉପକରଣଗୁଡ଼ିକୁ ଶକ୍ତିଶାଳୀ ଅସ୍ତ୍ର କରି ଲଢ଼େଇ କରିବେ। ମହିଳାମାନେ ଆଗରେ ରହିବେ ଓ ସେମାନଙ୍କ ପଛରେ ପୁରୁଷମାନେ ଛିଡ଼ା ହୋଇଥିବେ ବୋଲି ମମତା କହିଛନ୍ତି।

ପ୍ରକାଶ ଯେ, ଶାହା ବୁଧବାର ପାର୍ଲାମେଣ୍ଟରେ କହିଥିଲେ, ଯେଉଁମାନେ ଅନୁପ୍ରବେଶକାରୀଙ୍କୁ ସମର୍ଥନ କରୁଛନ୍ତି, ସେମାନେ ପଶ୍ଚିମବଙ୍ଗରୁ ଉଭାନ୍ ହୋଇଯିବେ। ଏହାର ଦିନକ ପରେ କ୍ଷୁବ୍ଧ ମମତା ଶାହାଙ୍କୁ ଏପରି ଟାର୍ଗେଟ କରିଛନ୍ତି।


ମମତା ବାନାର୍ଜୀ

# ୬ ରାଜ୍ୟରେ ଏସ୍‌ଆଇଆର୍ ତାରିଖ ଅବଧି ବୃଦ୍ଧି

## ପଶ୍ଚିମବଙ୍ଗ ପାଇଁ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୧୧।୧୨

ଭାରତର ନିର୍ବାଚନ କମିଶନ (ଇସିଆଇ) ଗୁରୁବାର ୫ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ତାରିଖ ଅବଧି ବୃଦ୍ଧି କରିଛନ୍ତି। ତାମିଲନାଡୁ, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତର ପ୍ରଦେଶ ଓ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଏସ୍‌ଆଇଆର୍ ପ୍ରକ୍ରିୟା ଗୁରୁବାର ଶେଷ ହେବାକୁ ଥିବାବେଳେ ଚିଠା ଭୋଟର ତାଲିକା ଡିସେମ୍ବର ୧୬ରେ ପ୍ରକାଶ ପାଇବା ନେଇ ପୂର୍ବରୁ ସ୍ଥିର ହୋଇଥିଲା। ନୂଆ ନିଷ୍ପତ୍ତି ଅନୁସାରେ ତାମିଲନାଡୁ ଓ ଗୁଜରାଟରେ ଗଣନା ଅବଧି ଡିସେମ୍ବର ୧୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାବେଳେ ଚିଠା ଭୋଟର ତାଲିକା ୧୯ରେ ପ୍ରକାଶ ପାଇବ। ସେହିପରି ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଗଣନା ଅବଧି ଡିସେମ୍ବର ୧୮ ପର୍ଯ୍ୟନ୍ତ ବଢ଼ାଯାଇଥିବାବେଳେ ଚିଠା ଭୋଟର ତାଲିକା ୨୩ରେ ପ୍ରକାଶିତ ହେବ। ୟୁପିରେ ଏହି ତାରିଖ ଯଥାକ୍ରମେ ଡିସେମ୍ବର ୨୬ ଓ ୩୧କୁ ବୃଦ୍ଧି କରାଯାଇଛି। କିନ୍ତୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଶାସନାଧୀନ ପଶ୍ଚିମବଙ୍ଗରେ ଏହି ତାରିଖ ଅପରିବର୍ତ୍ତିତ ରହିଛି। ଇସିଙ୍କ ବିବୃତି ଅନୁସାରେ ଗୋଆ, ପଣ୍ଡିଚେରୀ, ଲାକ୍ଷାଦ୍ୱୀପ, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ଗୁରୁବାର ଗଣନା କାର୍ଯ୍ୟ ଶେଷ ହୋଇଥିବାବେଳେ ଡିସେମ୍ବର ୧୬ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ପୂର୍ବରୁ କେରଳ ପାଇଁ ଏହି ତାରିଖ ଯଥାକ୍ରମେ ଡିସେମ୍ବର ୧୮ ଓ ୨୩କୁ ବୃଦ୍ଧି କରାଯାଇଥିଲା।

# ଗଭୀର ଖାତକୁ ଟ୍ରକ୍ ଖସି ୨୧ ଶ୍ରମିକ ମୃତ

ତିନ୍‌ସୁକିଆ/ଡିବ୍ରୁଗଡ଼,୧୧।୧୨

ଅରୁଣାଚଳପ୍ରଦେଶରେ ଏକ ଗଭୀର ଖାତ ମଧ୍ୟକୁ ଟ୍ରକ୍ ଖସିପଡ଼ିବାରୁ ୨୧ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଆସାମ ତିନ୍‌ସୁକିଆ ଜିଲାର ୨୨ ଜଣ ଶ୍ରମିକ ନିର୍ମାଣ କାର୍ଯ୍ୟ ପାଇଁ ଗତ ୮ ତାରିଖରେ ଏକ ଟ୍ରକ୍‌ରେ ଯାଉଥିବାବେଳେ ଅଞ୍ଜାଓ ଜିଲା ଅନ୍ତର୍ଗତ ହାୟୁଲିଆଙ୍ଗ-ଚଗଲାଗାମ୍ ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପ୍ରତିରକ୍ଷା ପିଆର୍‌ଓ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ମହେନ୍ଦ୍ର ରାୱତ୍ ସୂଚନା ଦେଇଛନ୍ତି। ଜଣେ ଶ୍ରମିକ ବଞ୍ଚିଥିବାବେଳେ ସେ ଚିପ୍ରା ଜେନେରାଲ ରିଜର୍ଭ ଇଞ୍ଜିନିୟର ଫୋର୍ସ (ଜିଆର୍‌ଇଏଫ୍) କ୍ୟାମ୍ପରେ ପହଞ୍ଚିବା ପରେ ତାଙ୍କଠାରୁ ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିଥିବା ରାୱତ୍ କହିଛନ୍ତି। ଦୁର୍ଘଟଣାସ୍ଥଳ ଚଗଲାଗାମ୍‌ଠାରୁ ୧୨ କିଲୋମିଟର ଦୂର ଏବଂ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଦୁର୍ଘଟଣାର ଖବର ମିଳିବାରେ ବିଳମ୍ବ ହୋଇଛି। ମୃତଦେହଗୁଡ଼ିକୁ ଦଉଡ଼ି ସାହାଯ୍ୟରେ ଖାତରୁ ବାହାର କରାଯାଇଛି। ତଲାସି ଓ ଉଦ୍ଧାର କାର୍ଯ୍ୟରେ ସେନାକୁ ନିୟୋଜିତ କରାଯାଇଥିଲା।

# ମା' ଜାତି ଆଧାରରେ ଝିଅଙ୍କୁ ପ୍ରମାଣପତ୍ର ଦେବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୧।୧୨

ଏକ ଭିନ୍ନ ଜାତି ବିବାହ ମାମଲାରେ ମା'ଙ୍କ ଜାତି ଆଧାରରେ ତାଙ୍କ ଝିଅଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାଆ ଜଣେ ଆଦି ଦ୍ରାବିଡ଼ ହୋଇଥିବାବେଳେ ସେ ଅନୁସୂଚିତ ଜାତିର ହୋଇ ନ ଥିବା ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ସେମାନଙ୍କ ନାବାଳିକା ଝିଅର ପାଠପଢ଼ା ପାଇଁ ମାଆ ଜାତି ଆଧାରରେ ପ୍ରମାଣପତ୍ର ଦେବା ନିମନ୍ତେ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ବାପାଙ୍କ ଜାତି ଆଧାରରେ ପିଲାମାନଙ୍କ ଜାତି ନିର୍ଦ୍ଧାରଣକୁ ଚ୍ୟାଲେଞ୍ଜ କରି ଅନେକ ପିଟିଶନ୍ ବିଚାରାଧୀନ ରହିଛି। ମାଡ୍ରାସ ହାଇକୋର୍ଟଙ୍କ ଏକ ରାୟକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନରେ ହସ୍ତକ୍ଷେପ କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ପଣ୍ଡିଚେରୀ ନାବାଳିକାଙ୍କ ଶିକ୍ଷାଗତ କ୍ୟାରିୟର ଯେପରି କ୍ଷତିଗ୍ରସ୍ତ ନ ହେବ, ସେଥିପାଇଁ ତାଙ୍କୁ ଅନୁସୂଚିତ ଜାତି ପ୍ରମାଣପତ୍ର ପ୍ରଦାନ କରିବାକୁ ଖଣ୍ଡପୀଠ କହିଛନ୍ତି। ଚ୍ୟାଲେଞ୍ଜ ସମୟରେ କାହିଁକି ମା'ଙ୍କ ଜାତି ଆଧାରରେ ପ୍ରମାଣପତ୍ର ପ୍ରଦାନ କରା ନ ଯିବ ବୋଲି ସିଜେଆଇ କହିଛନ୍ତି। ଏହାର ଅର୍ଥ ଅନୁସୂଚିତ ଜାତି ମହିଳା ଉଚ୍ଚ ଜାତିରେ ବିବାହ କରିଥିଲେ ଓ ଉଚ୍ଚଜାତି ପରିବାରରେ ପାଳନପୋଷଣ ହୋଇଥିଲେ ମଧ୍ୟ ସେ ଅନୁସୂଚିତ ଜାତି ପ୍ରମାଣପତ୍ର ପାଇବାକୁ ହକ୍‌ଦାର ହେବ। ସୂଚନାଯୋଗ୍ୟ, ଉଚ୍ଚଜାତିର ସ୍ୱାମୀ ଅନୁସୂଚିତ ଜାତିର ମହିଳାଙ୍କୁ ବିବାହ କରିବା ଦିନରୁ ତାଙ୍କ ଘରେ ରହିଆସୁଛନ୍ତି। ତେଣୁ ସେମାନଙ୍କ ୨ ଝିଅ ଓ ପୁଅଙ୍କୁ ମହିଳାଙ୍କ ଜାତି ଆଧାରରେ ଜାତି ପ୍ରମାଣପତ୍ର ପ୍ରଦାନ ପାଇଁ ତହସିଲଦାରଙ୍କୁ ନିବେଦନ କରିଥିଲେ।

## ଫୁରସତ୍

# ଗୁମର ଖୋଲିଲେ ଅଭିଷେକ


ଅଭିଷେକ ବଚ୍ଚନ

ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରାୟତଃ ଛାଡ଼ପତ୍ର ବିଷୟରେ ଆଲୋଚନା ହୁଏ। କିନ୍ତୁ ଏହା ସିଧାସଳଖ ସେମାନଙ୍କ ପରିବାର ଏବଂ ପିଲାମାନଙ୍କୁ ପ୍ରଭାବିତ କରେ। ନିକଟରେ ଅଭିଷେକ ବଚ୍ଚନ ଏବଂ ଐଶ୍ୱର୍ଯ୍ୟା ରାୟଙ୍କ ମଧ୍ୟରେ ଫାଟ ବିଷୟରେ ଚର୍ଚ୍ଚା ହୋଇଥିଲା। ଏହି ଚର୍ଚ୍ଚା ଉଭୟଙ୍କ ପରିବାର ଉଭୟଙ୍କୁ ପ୍ରଭାବିତ କରିଥିଲା। ଏ ବିଷୟରେ ସେମାନଙ୍କ ଝିଅ ଆରାଧ୍ୟା ଜାଣିଥିଲେ କି? ଅଭିଷେକ ନିଜେ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି। ଏକ ସାକ୍ଷାତ୍‌କାରରେ ଅଭିଷେକ କହିଛନ୍ତି, ତାଙ୍କ ୧୪ ବର୍ଷୀୟା ଝିଅ ଆରାଧ୍ୟା ଏ ବିଷୟରେ ଜାଣିନାହାନ୍ତି। ଆରାଧ୍ୟାଙ୍କର ଏପର୍ଯ୍ୟନ୍ତ ନିଜର ମୋବାଇଲ ଫୋନ ମଧ୍ୟ ନାହିଁ, ତେଣୁ ସେ ଏପରି କୌଣସି ଗୁଜବ ଜାଣିପାରିବେ ନାହିଁ। ସେ ଜଣେ ବୁଦ୍ଧିମାନ ଏବଂ ଭଲ ଝିଅ। ଐଶ୍ ତାଙ୍କୁ ବହୁତ ଭଲ ଭାବରେ ପାଳନ କରିଛନ୍ତି। ମୁଁ ଭାବୁନାହିଁ ଯେ ଏହା ତାଙ୍କର ପ୍ରାଥମିକତାର ଏକ ଅଂଶ। ଯଦି ତାଙ୍କ ସାଙ୍ଗମାନେ ତାଙ୍କ ସହିତ କଥା ହେବାକୁ ଚାହାନ୍ତି, ତେବେ ସେମାନଙ୍କୁ ତାଙ୍କ ମା'ଙ୍କ ମୋବାଇଲ୍‌କୁ କଲ୍ କରିବାକୁ ପଡ଼ିବ। ଅବଶ୍ୟ ଏହି ନିଷ୍ପତ୍ତି ଆମେ ବହୁ ପୂର୍ବରୁ ନେଇଥିଲୁ। ଆରାଧ୍ୟା ଇଣ୍ଟରନେଟ୍ ବ୍ୟବହାର କରନ୍ତି, କିନ୍ତୁ ସେ ଅନ୍‌ଲାଇନରେ ତାଙ୍କ ମାତାପିତାଙ୍କ ବିଷୟରେ ଗୁଜବ ଖୋଜିବାକୁ ସାହସ କରନ୍ତି ନାହିଁ। ସେ ତାଙ୍କ ପାଠପଢ଼ାରେ ଅଧିକ ଆଗ୍ରହୀ ଆଉ ସ୍କୁଲ ଯିବାକୁ ଭାରି ଭଲ ପାଆନ୍ତି। ତେବେ ଅଭିଷେକ ଛାଡପତ୍ର ଗୁଜବକୁ ଅବାନ୍ତର, ଶସ୍ତା ଏବଂ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ସେମାନଙ୍କ ସମ୍ପର୍କ ବିଷୟରେ ପ୍ରାୟତଃ ମନଗଢ଼ା କାହାଣୀ ସୃଷ୍ଟି କରାଯାଏ। ନିକଟରେ ରେଡ୍ ସି ଫିଲ୍ମ ଫେଷ୍ଟିଭାଲରେ ଐଶ୍ୱର୍ଯ୍ୟା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଆରାଧ୍ୟା ସୋସିଆଲ ମିଡିଆରେ ନାହାନ୍ତି।

# ଦେଶର ପ୍ରଥମ ହାଇଡ୍ରୋଜେନ୍ ଜାହାଜ ଚଳାଚଳ ଆରମ୍ଭ

ବାରାଣସୀ,୧୧।୧୨

ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ହାଇଡ୍ରୋଜେନ୍ ଇନ୍ଧନ-ସେଲ୍ ଜାହାଜର ଚଳାଚଳକୁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଗୁରୁବାର ଶୁଭାରମ୍ଭ କରିଛନ୍ତି। ସ୍ୱଚ୍ଛ ଓ ସ୍ଥାୟୀ ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ଦିଗରେ ଏହା ଏକ ବଡ଼ ସଫଳତା। ଉକ୍ତ ଜାହାଜର ବ୍ୟବସାୟିକ ଚଳାଚଳକୁ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ହାଇଡ୍ରୋଜେନ୍ ଚାଳିତ ଜାହାଜ ଭାରତର ବର୍ଦ୍ଧିତ ବୈଷୟିକ ସାମର୍ଥ୍ୟ ଏବଂ ସ୍ଥାୟୀ ଇନ୍ଧନ ପାଇଁ ଏହାର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଏହା କେବଳ ଏକ ପ୍ରଯୁକ୍ତିଗତ ଅଗ୍ରଗତି ନୁହେଁ, ବରଂ ସ୍ୱଚ୍ଛ ଇନ୍ଧନ ଏବଂ ସ୍ୱଦେଶୀ ସମାଧାନ ଦିଗରେ ଆମେ ଆତ୍ମବିଶ୍ୱାସର ସହ ଅଗ୍ରସର ହେଉଛେ ବୋଲି ସୋନୋୱାଲ କହିଛନ୍ତି। ଏହି ସଫଳତା ସହ ଭାରତ ହାଇଡ୍ରୋଜେନ୍‌ଚାଳିତ ଜାହାଜ ଥିବା ଅଳ୍ପ କେତୋଟି ଦେଶ ତାଲିକାରେ ନିଜକୁ ସାମିଲ କରିଛି। ବର୍ତ୍ତମାନ କେବଳ ଚାଇନା, ନରୱେ, ନେଦରଲାଣ୍ଡସ୍ ଏବଂ ଜାପାନରେ ଏଭଳି ଜାହାଜ ଚଳାଚଳ କରୁଛି।



ବାରାଣସୀସ୍ଥିତ ଗଙ୍ଗା ନଦୀରେ ଭାରତ ନିର୍ମିତ ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଯାତ୍ରୀବାହୀ ଜାହାଜ ଗୁରୁବାର ବ୍ୟବସାୟିକ ଚଳାଚଳ ଶୁଭାରମ୍ଭ କରିଛି।

ଧରିତ୍ରୀ 52 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୨/୨୦୨୫ | Bhubaneswar, Friday, December 12/2025


# ଭାରତ ଉପରେ ମେକ୍ସିକୋ କଷିଲା ୫୦% ଟାରିଫ୍

## ପ୍ରଭାବିତ ହେବ ପ୍ରାୟ ୫.୬ ବିଲିୟନ ଆମେରିକୀୟ ଡଲାରର ରପ୍ତାନି

**ଆମେରିକା ପରେ ଏହାର ପଡ଼ୋଶୀ ଦେଶ ମେକ୍ସିକୋ ଭାରତକୁ ବଡ଼ ଆର୍ଥିକ ଝଟକା ଦେଇଛି। ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ମେକ୍ସିକୋ ୫୦% ପର୍ଯ୍ୟନ୍ତ ଟାରିଫ୍ ଘୋଷଣା କରିଛି, ଯାହାକି ୨୦୨୬ ଆରମ୍ଭରୁ ଲାଗୁହେବାକୁ ଯାଉଛି। ନିଜ ଜାତୀୟ ଶିଳ୍ପ ଓ ନିର୍ମାତାଙ୍କୁ ସୁରକ୍ଷା ଦେବା ପାଇଁ ମେକ୍ସିକୋ ଏହି ନିଷ୍ପତ୍ତି ନେଇଥିବା କହିଛି। କିନ୍ତୁ ଆମେରିକାର ପ୍ରଭାବରେ ଏଭଳି ପଦକ୍ଷେପ ନିଆଯାଇ ଭାରତ ଉପରେ ଚାପ ସୃଷ୍ଟି କରାଯାଇଥିବା ଅନେକେ ମନେକରୁଛନ୍ତି। ୨୦୨୫ ଅଗଷ୍ଟରୁ ଆମେରିକାକୁ ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ଲାଗୁଥିବାବେଳେ ମେକ୍ସିକୋର ଏହି କଠୋର ପଦକ୍ଷେପ ଯୋଗୁ ଦେଶର ରପ୍ତାନି ଆହୁରି ପ୍ରଭାବିତ ହୋଇପାରେ। ଭାରତ ୨୦୨୩-୨୪ରେ ପ୍ରାୟ ୫.୩ ବିଲିୟନ ଆମେରିକୀୟ ଡଲାରର ବିଭିନ୍ନ ସାମଗ୍ରୀ ମେକ୍ସିକୋକୁ ରପ୍ତାନି କରିଥିଲା। ସେଥିମଧ୍ୟରେ ରହିଛି ୧ ବିଲିୟନ ଡଲାରର ଅଟୋ ପାର୍ଟ୍ସ ଓ ଯାନବାହନ। ସେହିପରି ପୋଷାକ, ପ୍ଲାଷ୍ଟିକ୍, ଷ୍ଟିଲ୍, ଘରକରଣା ଉପକରଣ, ଖେଳନା, ଟେକ୍ସଟାଇଲ୍, ଆସବାବପତ୍ର, ଜୋତା, ଚମଡ଼ା ସାମଗ୍ରୀ, କାଗଜ ଓ କାର୍ଡବୋର୍ଡ, ଆଲୁମିନିୟମ୍, କାଚ, ସାବୁନ, ଅତର ଓ ପ୍ରସାଧନ ସାମଗ୍ରୀର ରପ୍ତାନି ଅଧିକ ପ୍ରଭାବିତ ହେବା ଆଶଙ୍କା ଉପୁଜିଛି। ତେବେ ମେକ୍ସିକୋର ଏହି ନୂଆ ଟାରିଫ୍ କେବଳ ଭାରତ ପାଇଁ ନୁହେଁ, ବରଂ ଚାଇନା ସମେତ ଅନ୍ୟ କେତେକ ଏସୀୟ ରାଷ୍ଟ୍ରର ସାମଗ୍ରୀ ଉପରେ ମଧ୍ୟ ଲାଗୁହେବ।**

ନୂଆଦିଲ୍ଲୀ/ମେକ୍ସିକୋ ସିଟି, ୧୧।୧୨(ବ୍ଲୁମ୍‌ବର୍ଗ/ରଏଟର୍ସ)

ମେକ୍ସିକୋ ସିନେଟ୍‌ରେ ବୁଧବାର ନୂଆ ଟାରିଫ୍ ରିଜାଇମ୍ ସମ୍ପର୍କିତ ଏକ ବିଲ୍ ପାରିତ ହୋଇଛି। ବିଧେୟକ ସପକ୍ଷରେ ୭୬ ଓ ବିରୋଧରେ ୫ ଭୋଟ ପଡ଼ିଥିବାବେଳେ ୩୫ ଜଣ ସିନେଟର ମତଦାନରୁ ବିରତ ରହିଥିଲେ। ଉକ୍ତ ବିଲ୍ ଅନୁଯାୟୀ ମେକ୍ସିକୋ ସହ ଯେଉଁ ଦେଶଗୁଡ଼ିକର ଆନୁଷ୍ଠାନିକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇନାହିଁ, ସେହି ଦେଶରୁ ଆମଦାନୀ ହେବାକୁ ଥିବା ୧,୪୦୦ ପ୍ରକାର ସାମଗ୍ରୀ ଉପରେ ୫୦% ଟାରିଫ୍ ଲାଗୁ ହେବ। ଏହି ଦେଶଗୁଡ଼ିକ ମଧ୍ୟରେ ଭାରତ, ଚାଇନା, ଦକ୍ଷିଣ କୋରିଆ, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ରହିଛନ୍ତି। ପୂର୍ବରୁ ଉକ୍ତ ବିଲ୍ ନିମ୍ନ ସଦନରେ ଗୃହୀତ ହୋଇସାରିଥିବାରୁ ସିନେଟ୍‌ର ସଦ୍ୟ ମଞ୍ଜୁରୀ ପରେ ଏହା ଆଇନରେ ପରିଣତ ହେବାରେ ବାଧା ନାହିଁ। ୨୦୨୬ ଜାନୁଆରୀ ପହିଲାରୁ ଲାଗୁ ହେବାକୁ ଥିବା ନୂଆ ଟାରିଫ୍ ଆଟୋମୋବାଇଲ୍ସ ଓ ପାର୍ଟ୍ସ, ଟେକ୍ସଟାଇଲ୍ସ, ଆପାରେଲ, ପ୍ଲାଷ୍ଟିକ୍, ମେଟାଲ, ଫୁଟ୍‌ୱେର ଭଳି ଶିଳ୍ପ କଞ୍ଚାମାଲ ଓ ଉପଭୋକ୍ତା ସାମଗ୍ରୀ ରପ୍ତାନି କ୍ଷେତ୍ରରେ ବାଧା ଉପୁଜାଇବ। କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଲାଗୁ ହେବାକୁ ଥିବାବେଳେ ଅଧିକାଂଶ ସାମଗ୍ରୀର ରପ୍ତାନିକାରୀଙ୍କୁ ୩୫% ଟାରିଫ୍ ବୋଝ ସହିବାକୁ ପଡ଼ିବ। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନ୍‌ବଉମ୍‌ଙ୍କ ☞ପୃଷ୍ଠା-୨

### ସର୍ବାଧିକ ପ୍ରଭାବିତ ହେବ ଅଟୋମୋବାଇଲ୍ସ ସେକ୍ଟର

୨୦୨୩-୨୪ରେ ଭାରତ-ମେକ୍ସିକୋ ବାଣିଜ୍ୟିକ କାରବାର ୮.୪ ବିଲିୟନ୍ ଡଲର ରହିଥିଲା। ସେଥିରୁ ଭାରତ ୫.୩ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା। ମେକ୍ସିକୋର ଟାରିଫ୍ ବୃଦ୍ଧି ଭାରତର ରପ୍ତାନି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଦକ୍ଷିଣ ଆଫ୍ରିକା ଓ ସାଉଦି ଆରବ ପରେ ଭାରତ ହେଉଛି ମେକ୍ସିକୋକୁ ସର୍ବାଧିକ କାର୍ ପଠାଉଥିବା ଦେଶ। ସେହି ବର୍ଷ ଭାରତ ମେକ୍ସିକୋକୁ ୧,୬୯୭ ନିୟୁତ ଡଲାର ମୂଲ୍ୟର କାର୍ ଓ ଅନ୍ୟ ଯାନବାହନ ରପ୍ତାନି କରିଥିଲା। ବର୍ତ୍ତମାନ ଭାରତର ଅଟୋମୋବାଇଲ ସାମଗ୍ରୀ ରପ୍ତାନି ଉପରେ ମେକ୍ସିକୋ ୨୦% ଆମଦାନୀ ଶୁଳ୍କ ଲଗାଉଥିବାବେଳେ ୨୦୨୬ରୁ ଏହା ୫୦%କୁ ବୃଦ୍ଧି ପାଇବ। ଏଥିଯୋଗୁ ଭୋଲ୍କସ୍‌ୱାଗନ, ହୁଣ୍ଡାଇ, ନିସାନ୍ ଓ ମାରୁତି ସୁଜୁକି ☞ପୃଷ୍ଠା-୨


୧୩ ଦଫା ଦାବିରେ ଆଶାକର୍ମୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

## ଲୁଥ୍ରା ଭ୍ରାତା ଥାଇଲାଣ୍ଡରେ ଅଟକ

### ଗୋଆ ନାଇଟ୍‌କ୍ଲବ ଅଗ୍ନିକାଣ୍ଡ


ଗୌରବ ଓ ସୌରଭ

ବ୍ୟାଙ୍କକ୍, ୧୧।୧୨

ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ପରେ ଏହାର ମାଲିକ ସୌରଭ ଲୁଥ୍ରା ଏବଂ ଗୌରବ ଲୁଥ୍ରା ଭାରତରୁ ଥାଇଲାଣ୍ଡ ପଳାଇଥିଲେ। ସେମାନଙ୍କୁ ଥାଇଲାଣ୍ଡ ପୋଲିସ ଅଟକ ରଖିଥିବା ଗୁରୁବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ନିବେଦନକ୍ରମେ ସେମାନଙ୍କୁ ଫୁକେଟ୍‌ରୁ ଧରାଯାଇଛି। ସେମାନଙ୍କୁ ଭାରତ ପଠାଯିବାର ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। ଗତ ୭ ତାରିଖ ବିଳମ୍ବିତ ରାତିରେ ଉତ୍ତର ଗୋଆର ଆର୍ପୋରାଠାରେ ଥିବା ବିର୍ଚ ବାଇ ରୋମିଓ ଲେନ୍ ନାଇଟ୍ କ୍ଲବ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ମାତ୍ର ଅଳ୍ପ ସମୟ ପରେ ନାଇଟ୍ କ୍ଲବ୍ ମାଲିକ ଲୁଥ୍ରା ଭ୍ରାତା ଅନ୍‌ଲାଇନ୍ ଟ୍ରାଭେଲ୍ ପୋର୍ଟାଲ ଜରିଆରେ ଥାଇଲାଣ୍ଡର ☞ପୃଷ୍ଠା-୨

## କଥା ବୁଝୁଛି ଏଆଇ ରୋବୋ

ରାଉରକେଲା, ୧୧।୧୨(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ଗବେଷକମାନେ ଲୋକଙ୍କ ସହ କଥୋପକଥନ କରୁଥିବା ରୋବୋଟିକ୍ ସିଷ୍ଟମ୍ ବିକଶିତ କରିଛନ୍ତି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଓ ଲାର୍ଜ ଲାଙ୍ଗୁଏଜ୍ ମଡେଲ (ଏଲ୍‌ଏଲ୍‌ଏମ୍) ବ୍ୟବହାର କରି ଏହି ଉଦ୍ଭାବନ କରାଯାଇଛି। ଏଥିରେ ମୌଖିକ ଓ ଅଣ ମୌଖିକ ଯୋଗାଯୋଗକୁ ଏକୀକୃତ କରି ନିର୍ବିଘ୍ନରେ ମାନବ ଯନ୍ତ୍ର ଭାବ ବିନିମୟ ସୃଷ୍ଟି କରିବା ଉପରେ ଧ୍ୟାନ ଦିଆଯାଇଛି। ଏହି ସିଷ୍ଟମ ବ୍ୟବହାର କରିବାକୁ ସହଜ ଓ ପୂର୍ବଭାଷିତ ଉତ୍ତରଗୁଡ଼ିକ ବ୍ୟତୀତ ପ୍ରତିଦିନର ଭାଷା ବୁଝିପାରିବ, ନିର୍ଦ୍ଦେଶାବଳୀ ଅନୁସରଣ କରିପାରିବ, ପ୍ରଶ୍ନର ଉତ୍ତର ଦେଇପାରିବ ଏବଂ ବାସ୍ତବ ସମୟରେ ଯୋଗାଯୋଗ କରିପାରିବ। ଏହି ବିକଶିତ ସିଷ୍ଟମ ଘର, ଶ୍ରେଣୀଗୃହ, କାର୍ଯ୍ୟାଳୟ, ହସ୍ପିଟାଲ, ସାମୁଦାୟିକ ସ୍ଥାନଗୁଡ଼ିକରେ କଥାବାର୍ତ୍ତା କରିବା ପାଇଁ ସକ୍ଷମ। ଏହି ବିକଶିତ ନବସୃଜନ ଓ ସିଷ୍ଟମ ପାଇଁ ଏନ୍‌ଆଇଟି ରାଉରକେଲା ପେଟେଣ୍ଟ ହାସଲ କରିଛି। ଏହି ଗବେଷଣାର ନିଷ୍କର୍ଷଗୁଡ଼ିକ ପ୍ରତିଷ୍ଠିତ ପତ୍ରିକା କମ୍ପ୍ୟୁଟର୍ସ ଆଣ୍ଡ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ପ୍ରକାଶିତ ହୋଇଛି। ଏହାକୁ ରାଉରକେଲା ଏନ୍‌ଆଇଟିର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଅନୁପ ନନ୍ଦୀ, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଅସୀମ ନସ୍କର, ରିସର୍ଚ୍ଚ ସ୍କଲାର ସୌଗତମୟ ବିଶ୍ୱାସ ଏବଂ ଏମ୍‌ଟେକ୍ ଗ୍ରାଜୁଏଟ୍ ରାହୁଲ ସାଓ ଲେଖିଛନ୍ତି। ଭାଷା ବୁଝିବା ଓ ପ୍ରୟୋଗ କରିବା ସହିତ ଏହି ସିଷ୍ଟମ ହାତ ହଲାଇବା ଓ ହାତ ଉଠାଇବା ଭଳି ସାଙ୍କେତିକ ☞ପୃଷ୍ଠା-୨

### ପେଟେଣ୍ଟ ହାସଲ କଲା ରାଉରକେଲା ଏନ୍‌ଆଇଟି


ରୋବୋ ସହ ଏନ୍‌ଆଇଟି ଗବେଷକ।

**ଆଜିର ସମ୍ପାଦକୀୟ** | ଭବିଷ୍ୟତର ଭଯ୍

## ସେମିଲିଗୁଡ଼ାରେ ୩.୫ ଡିଗ୍ରୀକୁ ଖସିଲା ପାରଦ

### ୧୦ ଡିଗ୍ରୀ ତଳେ ୧୬ ସହର

ଭୁବନେଶ୍ୱର, ୧୧।୧୨ (ବନ୍ଦନା ସେଠୀ)

ଶୀତରେ ଥରୁଛି ସାରା ଓଡ଼ିଶା। ଆହୁରି ୨ ଦିନ ଯାଏ ଶୀତ ଲହରି ଜାରି ରହିବ। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ଶୀତ ଲହରି ଜାରି ରହିଥିବାବେଳେ ଆସନ୍ତା ୧୩ ତାରିଖ ଯାଏ ପ୍ରବଳ ଶୀତ ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପାରଦ ୩ ଡିଗ୍ରୀ ସେଲ୍‌ସିୟସ ଛୁଇଁବା ସହ ୧୬ ସହରରେ ରାତି ତାପମାତ୍ରା ୧୦ଡିଗ୍ରୀଠାରୁ କମ୍ ରେକର୍ଡ କରାଯାଇଛି। ରାଜ୍ୟର ସର୍ବନିମ୍ନ ତାପମାତ୍ରା ସେମିଲିଗୁଡ଼ାରେ ରେକର୍ଡ ହୋଇଛି। ଏଠାରେ ପାରଦ ୩.୫ଡିଗ୍ରୀ ଛୁଇଁଥିବାବେଳେ ଜି. ଉଦୟଗିରିରେ ୪, ଫୁଲବାଣୀରେ ୫.୨, ଚିପିଲିମାରେ ୬.୧, ରାଉରକେଲାରେ ୬.୬, ଦାରିଙ୍ଗିବାଡ଼ିରେ ୭, ଭବାନୀପାଟଣାରେ ୮, କିରେଇରେ ୮.୧, ନବରଙ୍ଗପୁରରେ ୮.୬, କୋରାପୁଟ ଓ ବଲାଙ୍ଗୀରରେ ୯.୩, କେନ୍ଦୁଝର ଓ ସୁନ୍ଦରଗଡ଼ରେ ୯.୬ ଏବଂ ସୋନପୁରରେ ୧୦ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଝାରସୁଗୁଡାଠାରେ ଅତ୍ୟଧିକ ଥଣ୍ଡା ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ସର୍ବନିମ୍ନ ତାପମାତ୍ରା ☞ପୃଷ୍ଠା-୨






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସକାଳ ୯ଟା ୩୦।
- ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ରାଲି, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଜନତା ଅଧିକାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଡିଜିଟାଲ ମିଡିଆ ଅଫିସ, ଏଜି ଟ୍ରାଫିକ୍ ଅଫିସ ପାଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।
- ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍ ପକ୍ଷରୁ ୩୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଭିଏସ୍‌ଏସ୍ ନଗର, ସମୟ: ଅପରାହ୍ନ ୨ଟା।
- ଅପୂର୍ବା ପକ୍ଷରୁ ୭ମ ରାଜ୍ୟ ପୁସ୍ତକ ମହୋତ୍ସବ ସାରସ୍ୱତ ସନ୍ଧ୍ୟା, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଏସ୍‌ଆଇଇପି ଏକାଡେମୀ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ୧୬ତମ ଭାରତମୁନି ଫେଷ୍ଟିଭାଲ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ୱେତପଦ୍ମ ସାଂସ୍କୃତିକ ପରିବାର ପକ୍ଷରୁ ୧୨ତମ ଓଡ଼ିଆ ମଞ୍ଚ ନାଟକ ମେଳା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ଏଫ୍‌ଏମ୍ ଅଟୋନୋମସ୍ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଭଦ୍ରକ**
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ଆଦମପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଦୋଵଲ, ଧାମନଗର, ସମୟ: ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ରାତି ୮ଟା।

**କେନ୍ଦୁଝର**
- ଏକ ଦିବସୀୟ କ୍ରିକେଟ୍ ମ୍ୟାଚ, ସ୍ଥାନ: ସୋସୋ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟା।
- ପାଟଣାରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପ୍ରଥମ ଗ୍ରାମସଭା, ସ୍ଥାନ: ଭୃଙ୍ଗରାଜପୋଷି, ପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ : ହାଟଡ଼ିହୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ସତ୍ୟସାଇଙ୍କ ଭଜନ, ସତ୍‌ସଙ୍ଗ, ସ୍ଥାନ: କଣିଆରୀ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ବାଣୀପୀଠ ମହୋତ୍ସବ, ସ୍ଥାନ:ବଡ଼ସାହି, ସମୟ: ସକାଳ ୧୦ଟା।
- ଲେଟ କଟ୍ କ୍ଲବ୍ ଆନୁକୂଲ୍ୟରେ ସର୍ବଭାରତୀୟ ଟି-୨୦ କ୍ରିକେଟ ମ୍ୟାଚ,ସ୍ଥାନ:ପ୍ରଫୁଲ୍ଲନଗର ଲେଟ୍‌କଟ୍ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ମାତୃଶ୍ରୀ ଆଙ୍ଗ୍ଲୋବେଦିକ ସ୍କୁଲର ବାର୍ଷିକ କ୍ରୀଡ଼ା, ସ୍ଥାନ: କେ.ସି.ହାଇସ୍କୁଲ ଖେଳପଡ଼ିଆ, ସମୟ: ସକାଳ ୭ଟା ୩୦।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଚଣ୍ଡୀମନ୍ଦିର, ଲାଞ୍ଜିପଲ୍ଲୀ,ସମୟ: ସକାଳ ୭ଟା ୩୦।

**ଗଞ୍ଜାମ**
- ରାଶନ କାର୍ଡ ବଣ୍ଟନ, ପାତ୍ରପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦଭାବନା ହଲ, ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।

**ଅନୁଗୋଳ**
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ଆଠମଲ୍ଲିକ ଅଇଡ଼ାସ୍ଥିତ ପଇଞ୍ଚକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

**ଜଗତ୍‌ସିଂହପୁର**
- ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ସକାଳ ୯ଟା।
- ମେଘମହ୍ଲାର କଳା ପରିଷଦ ଅନୁଷ୍ଠାନର ୫ମ ବାର୍ଷିକ ଉତ୍ସବ, ସ୍ଥାନ: ଜୟଦେବ ଭବନ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ବ୍ଲକସ୍ତରୀୟ ରାଜସ୍ୱ ଅଭିଯୋଗର ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କ୍ରିକେଟ ମ୍ୟାଚ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଜୟଦୁର୍ଗା ଆଥଲେଟିକ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ହରିଅଙ୍କ ହାଇସ୍କୁଲ ପଡ଼ିଆ, ଡେରାବିଶ, ସମୟ: ଅପରାହ୍ନ ୨ଟା।

**ଯାଜପୁର**
- କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ : କୋରେଇ ସିଏଚ୍‌ସି ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ୟାସନଗର ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ୧୬ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ୧୬ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସରେ ବାହାଡା ବନାମ ଭୋଗଡା, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସୁନାଖଳା ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ସିଟି ସ୍କୁଲ ପଡ଼ିଆ ସୁନାଖଳା, ସମୟ: ସଂଧ୍ୟା ୬ଟା।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ ଚଇତି -୨୦୨୫, ସ୍ଥାନ: ନୂତନ ବସ୍‌ଷ୍ଟାଣ୍ଡ, ଗୁଡାରି, ସମୟ: ସକାଳ ୮ଟା।
- ରାୟଗଡା ବ୍ଲକ୍‌ସ୍ତରୀୟ ଚଇତି ମହୋତ୍ସବ, ସ୍ଥାନ: ବାରିଖୋଲା ଚଇତି ପଡିଆ, ରାୟଗଡ଼ା ବ୍ଲକ୍, ସମୟ : ସକାଳ ୯ଟା।
- ଉପଖଣ୍ଡ ସ୍ତରୀୟ ଚଇତି ମହୋତ୍ସବ ପାଇଁ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ,ଗୁଣପୁର, ସମୟ: ଅପରାହ୍ନ ୩ଟା।

**ନବରଙ୍ଗପୁର**
- ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁରସମୟ: ଅପରାହ୍ନ ୨ଟା
- ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଉଦ୍‌ଘାଟିତ, ସ୍ଥାନ: ନବରଙ୍ଗପୁର, ସମୟ: ସନ୍ଧ୍ୟା ୭ଟା।

**କୋରାପୁଟ**
- ଅନ୍ତ୍ୟୋଦୟ ଆବାସ ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୂତନ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ଦୈନିକ ବଜାର ଓ ସାପ୍ତାହିକ ହାଟ ଉଦ୍‌ଘାଟନ, ସ୍ଥାନ: ଗିର୍ଲା ପଞ୍ଚାୟତ, କୋଟପାଡ଼, ସମୟ: ଅପରାହ୍ନ ୨ ଟା।
- ପୌଷ ପୂର୍ଣ୍ଣିମା ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ:ଗୋପବନ୍ଧୁ ପାଠାଗାର, କୋଟପାଡ଼, ସମୟ: ରାତି ୭ଟା।

**ସମ୍ବଲପୁର**
- ବ୍ଲୁ ଡାଇମଣ୍ଡ କ୍ଲବ ପକ୍ଷରୁ ଜିଲାସ୍ତରୀୟ ଜୁନିୟର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୮ଟା ୩୦।
- ଜିଲା ଚେସ ସଂଘ ଆୟୋଜନରେ ସମୀକ୍ଷା ନାୟକ ସ୍ମାରକୀ ଜିଲା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା-୨୦୨୫, ସ୍ଥାନ: ହାଟପଡ଼ା କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା।
- କଲମ ପରିବାର ଟ୍ରଷ୍ଟ ଆୟୋଜନରେ ତୃତୀୟ ସମ୍ବଲପୁରୀ ବହିହାଟ-୨୦୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ବ୍ରଜ ମହୋତ୍ସବ, ସ୍ଥାନ: ସାକ୍ଷୀପଡାସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ: ଅପରାହ୍ନ ୨ଟା।
- କେନ୍ଦ୍ରୀୟ ବିଦ୍ୟାଳୟର ସମ୍ବଲପୁର-୧ର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା୩୦।
- ସମ୍ବଲପୁରୀ ଧନୁଯାତ୍ରା ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଓଡ଼ିଶା-କର୍ଣାଟକ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ର ଚତୁର୍ଥ ଦିବସ ଖେଳ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଯୋଗୀସର୍ଡା ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡାର ଉଦ୍‌ଯାପନୀ ଦିବସ, ସ୍ଥାନ: କଲେଜ ଖେଳ ପଡିଆ, ଲୋଇସିଂହା ବ୍ଲକ, ସମୟ ପୂର୍ବାହ୍ନ ୧୦ଟା।
- ଜାତୀୟ ଯୁବ ମହୋତ୍ସବ ୨୦୨୫ ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୦୬ ତମ ଭାଲେର ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ଧନୁଯାତ୍ରା ମଣ୍ଡପ, ଭାଲେର, ପୁଇଁନ୍ତଲା, ବଲାଙ୍ଗୀର, ସମୟ: ଅପରାହ୍ନ ୧ଟା ୩୦।
- ନଟରାଜ କଳା ପରିଷଦର ନାଟକ ମହୋତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: କୋଶଳ କଳା ମଣ୍ଡଳ ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୫।
- ନାଟକ ମହୋତ୍ସବର ପ୍ରଥମ ଦିନର ନାଟକ 'ବା' ଓ 'ଯାଦୁବାଲା', ସ୍ଥାନ: କୋଶଳ କଳା ମଣ୍ଡଳ ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ରାତି ୭ଟା ଓ ୮ଟା ୧୫।

**ରାଉରକେଲା**
- ସୁରୁଚି ବଜାର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୫, ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ସାଧନା ଶିବିରର ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା।।
- ପିଏମ୍ ଶ୍ରୀ ଶିକ୍ଷକ ତାଲିମ ଶିବିରର ଉଦ୍‌ଯାପନୀ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡିଶା ଓ୍ୱିଣ୍ଟର କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡିଆ, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଏୟାରପୋର୍ଟ କମିଟି ପକ୍ଷରୁ ଷ୍ଟ୍ରିଟ୍ କର୍ନର ମିଟିଂ, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ନ ୫ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୧୧ତମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।
- କଳ୍ପତରୁ ଆଶ୍ରମରେ ଗୀତାଯଜ୍ଞ, ସ୍ଥାନ: ବାସନ୍ତୀ କଲୋନି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

**ସୁନ୍ଦରଗଡ଼**
- ଖରିଫ ଧାନ ସଂଗ୍ରହ ନିମନ୍ତେ ତାଲିମ ଶିବିର, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ବରଗଡ଼**
- ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ଶିଶୁ ଉତ୍ସବ, ସ୍ଥାନ: ଟାଉନ ହାଇସ୍କୁଲ, ପଦ୍ମପୁର, ସମୟ: ସକାଳ ୯ଟା ୩୦।
- ବରଗଡ଼ ଧନୁଯାତ୍ରା କଳାକାରମାନଙ୍କ ପୂର୍ବାଭ୍ୟାସ, ସ୍ଥାନ: ଗାନ୍ଧିଛକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦

**କଳାହାଣ୍ଡି**
- ବ୍ରିଜ ନିର୍ମାଣ ଦାବିରେ ଗଣଧାରଣା, ସ୍ଥାନ: ଭବାନୀପାଟଣା ବ୍ଲକ ଡୁର୍କେଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ଶ୍ରୀଅରବିନ୍ଦ ଶିକ୍ଷା ଶିବିର, ସ୍ଥାନ: କେସିଙ୍ଗା ବ୍ଲକ ବୋରିଆ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଦାବିହୀନ ଜମା ରାଶି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ମଧ୍ୟାହ୍ନ ୧୨ଟା।
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ତୃତୀୟ ଦିବସ, ସ୍ଥାନ: ଭୈରବୀ ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ର ଦ୍ୱିତୀୟ ଦିବସ, ସ୍ଥାନ: ସୋନପୁର ପିପିଲିପାଲି ସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ପରିସର, ସମୟ: ସକାଳ ୯ଟା।

**ନୂଆପଡ଼ା**
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଭୁମେରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ବିଘ୍ନରାଜ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର ସଚେତନତା ଶିବିର, ସ୍ଥାନ: ନିଳାଦ୍ରି ବିହାର ପ୍ରାଙ୍ଗଣ ନୂଆପଡ଼ା, ସମୟ: ସକାଳ ୧୦ଟା।
- ଆଦିବାସୀ ଓ ହରିଜନ ସେବାଶ୍ରମରେ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: କୋମନା ବ୍ଲକ ମିଛାପାଲି ସେବାଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡିଏମ୍‌ଏଫ୍ ଅଡିଟୋରିୟମ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ମହିଳାଙ୍କୁ ଦଳିଦେଲା ହାତୀ

**କଣ୍ଟାବାଞ୍ଜି,୧୧।୧୨(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା ତୁରେକେଲା ଥାନା ବଡ଼ବାଙ୍କୀ ପଞ୍ଚାୟତ ସାନବାଙ୍କୀ ଗ୍ରାମରେ ବୁଧବାର ରାତିରେ ହାତୀ ଦଳିଦେବାରୁ ମନ୍ଦାର ପୁଟେଲ(୩୫) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ସତ୍ୟାନନ୍ଦ ପୁଟେଲ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ନୂଆପଡ଼ା ଜିଲା ଖରିଆର ମିଶନ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ସକାଳେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଗତ କିଛି ଦିନ ହେଲା ୩୦ଟିକିଆ ହାତୀପଲ ସେହି ଅଞ୍ଚଳରେ ଫସଲ ଖାଇଯାଇଥିବାବେଳେ ଘରଦ୍ୱାର ଭାଙ୍ଗି ଦେଉଛନ୍ତି। ବନ ବିଭାଗ ପକ୍ଷରୁ ଗଜସାଥୀ ସହାୟତାରେ ହାତୀ ଘଉଡ଼ାଇବା ପାଇଁ ପଦକ୍ଷେପ ନିଆଯାଉନାହିଁ। ଫଳରେ ହାତୀପଲଙ୍କ ଉପଦ୍ରବ ବଢିଚାଲିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ ହାତୀପଲ ସାନବାଙ୍କୀ ଗ୍ରାମରେ ପଶି ଘରଦ୍ୱାର ଭାଙ୍ଗିଥିଲେ। ସତ୍ୟାନନ୍ଦଙ୍କ ଘର ଭାଙ୍ଗି ଦେଇ ଘରେ ଶୋଇଥିବା ସ୍ୱାମୀସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ସତ୍ୟାନନ୍ଦ ଗୁରୁତର ହୋଇଥିବାବେଳେ ମନ୍ଦାରଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପାଟିଶୁଣି ଲୋକେ ଘଉଡ଼ାଇ ଦେବାରୁ ହାତୀପଲ ଚାଲିଯାଇଥିଲେ। ତୁରେକେଲା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୦୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରାକେଶ କୁମାର ବେହେରା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ହାତକୁ ନେଇଥିବା କାମଟି ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ରହିବ ନାହିଁ। ଶୁକ୍ରଙ୍କ ପ୍ରଭାବରୁ ଅର୍ଥ ଓ ବିଳାସପୂର୍ଣ୍ଣ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ବନ୍ଧୁଙ୍କ ସହ ମଧୁର ସ୍ମୃତିର ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ଗୃହ, ଭୂମି, ଗାଡି, ମୋଟର, ବନ୍ଧୁବାନ୍ଧବ, ସହକର୍ମୀ, କରଜ, ଟଙ୍କା ପଇସା ପ୍ରଭୃତି ପାଇବାରେ ସଫଳ ହୋଇପାରନ୍ତି।

**ବୃଷ** ରାଶ୍ୟାଧିପ ଶୁକ୍ର ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ଭିତରେ ରହିବ। ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତିଲାଭ କରିବେ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** ଚତୁର୍ଥସ୍ଥାନରେ ଚନ୍ଦ୍ର ଓ କେତୁଙ୍କ ସମ୍ପର୍କ କାରଣରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ଦେଖାଦେବ। ପ୍ରତ୍ୟେକ କ୍ଷେତ୍ରରେ ଉତ୍ତେଜନାମୂଳକ କଥା କିମ୍ବା ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା କଷ୍ଟକର ହୋଇଯିବ। ବାଣିଜ୍ୟ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ମିଥ୍ୟାଭିଯୋଗ ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ** କୌଣସି ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସ୍ୱାସ୍ଥ୍ୟପ୍ରତି ସତର୍କତା ଅବଲମ୍ବନ ନ କଲେ ପଶ୍ଚାତାପ କରିବାକୁ ପଡିପାରେ।

**ସିଂହ** ସରକାରୀ ସ୍ତରରୁ ଅର୍ଥପ୍ରାପ୍ତିର ସୂଚନା ପାଇ ମନ ଖୁସି ହୋଇଯିବ। ଶତ୍ରୁ ମନୋଭାବ ପୋଷଣ କରୁଥିବା ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ଶିଳ୍ପ, ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ମନ୍ଦ ହେବନାହିଁ। ଆନୁଷ୍ଠାନିକ କାମରେ ଯୋଗଦେଇ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରିବେ।

**କନ୍ୟା** ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି ତାହା ପାଇବା କଷ୍ଟକର ହୋଇପାରେ। ବନ୍ଧୁଙ୍କ ପରାମର୍ଶରେ କଳା, ସାହିତ୍ୟ, ସଂସ୍କୃତି ପ୍ରତି ଅନୁରାଗ ଜାଗ୍ରତ ହୋଇପାରେ। ଯାତ୍ରା ସମୟରେ ସାବଧାନତା ଅବଲମ୍ବନ ନ କଲେ ଅସୁବିଧା ଭୋଗିବେ। ପିଲାଙ୍କ ପଢ଼ାକୁ ନେଇ ଚିନ୍ତା ବଢ଼ିଯିବ। ଘରକୁ ବନ୍ଧୁ ଆଗମନ ଘଟିପାରେ।

**ତୁଳା** ଶୁକ୍ର ପ୍ରଭାବରୁ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ । କର୍ମକ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘଦିନରୁ ଲାଗିରହିଥିବା କଚେରି ମାମଲା ସକାଶେ ଚିନ୍ତା ବଢିପାରେ। ଆନୁଷ୍ଠାନିକ କାମରେ ପାରିପାର୍ଶ୍ୱିକ ପରିସ୍ଥିତି ପ୍ରାୟତଃ ଅନୁକୂଳ ମନେହେବ।

**ବିଛା** ବନ୍ଧୁଙ୍କ ନିମନ୍ତ୍ରଣ ପାଇ ସକାଳୁ ସକାଳୁ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂରେଇଯିବ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପାରେ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ାଇବା ସକାଶେ ନୂତନ ପଦକ୍ଷେପ ନେଇପାରନ୍ତି।

**ଧନୁ** ସହକର୍ମୀଙ୍କ ସହଯୋଗରେ କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିପାରିବେ। ସରକାରୀ ସ୍ତରରୁ ସକାଳୁ ଶୁଭଖବର ପାଇ ଉଲ୍ଲସିତ ହେବେ। ବ୍ୟବସାୟରେ ଲାଭ ମିଳିବ ମାତ୍ର ପରିବହନରେ ଝଗଡ଼ାର ଆଶଙ୍କାକୁ ଏଡି ହେବନାହିଁ। ବୈଷୟିକ ଅଭିବୃଦ୍ଧି କ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମକର** ସାହାଯ୍ୟର ପ୍ରତିଶ୍ରୁତି ଦେଇ ବନ୍ଧୁ ମନରେ ଆନନ୍ଦ ସୃଷ୍ଟି କରିବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ନିର୍ମାଣାଧୀନ କାମ ଅଟକି ରହିଯାଇପାରେ। ଅସମର୍ଥିତ ସୂତ୍ରରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହେବ। ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ଭାବେ ମିତ୍ରତା ଆଚରଣ କରିପାରନ୍ତି।

**କୁମ୍ଭ** ନୂତନ ଯୋଜନା ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ଆଶ୍ୱସ୍ତି ଦେବ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟାକରିବା ଭଲ ହେବ। ଆଜିର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷଭାବେ ଅନୁକୂଳ ରହିବ।

**ମୀନ** କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ବନ୍ଧୁଙ୍କ ଘରୋଇ ସମସ୍ୟା ଶୁଣି ମନ ବିଚଳିତ ରହିପାରେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ଉନ୍ନତି ପରିଲକ୍ଷିତ ହେବ।

ଆଜି ଡିସେମ୍ବର ୧୨ ତାରିଖ, ସ୍ୱଦେଶୀ ଦିବସ, ପୌଷ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ସିଦ୍ଧାନ୍ତଦର୍ପଣ ପ୍ରଣେତା ପଠାଣି ସାମନ୍ତ ଏବଂ ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ଉତ୍ତରାଫାଲଗୁନୀ/ସିଂହ, ଦିବା ଘ.୧୦.୨୧ ଗତେ କନ୍ୟାଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୫ ଗତେ ଘ. ୦୬.୫୮ ମଧ୍ୟେ, ଘ.୦୭.୪୨ ଗତେ ଘ.୦୮.୫୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦.୧୯ ଗତେ ଘ.୧୧.୪୦ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆମ୍ବ ବଉଳିଲା ଶିମ୍ବ ବଉଳିଲା**
**ପଛେ ବଉଳିଲା କେନ୍ଦୁ**
**ତୋରାଣି ନଦେଇ ମେଲାଣି ଦେଲେ**
**ସଢ଼କ ତଳିଆ ବନ୍ଧୁ ।**

ବନ୍ଧୁ ଚର୍ଚ୍ଚା କରିବା ପାଇଁ କୁତ୍ସିତ ମନୋବୃତ୍ତି। ଦୁନିଆରେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ ବନ୍ଧୁଙ୍କୁ ଇତର ଭଳି ବ୍ୟବହାର ଦେଖାଇଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କୁ ଯତ୍ କିଞ୍ଚିତ ଦେଇ ବୋଧ କରି ବିଦାୟ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖିର କଜଳ ସହିହୁଏ,**
**ଟିଟିକି କଜଳ ସହି ହୁଏ ନାହିଁ ।**

ଟିଟିକି ଅର୍ଥ ଶତ୍ରୁ। ଶତ୍ରୁର ଉନ୍ନତିକୁ କେହି ସହଜରେ ଗ୍ରହଣ କରିପାରି ନ ଥାନ୍ତି। ପ୍ରତିବାଦୀ ଆଖିରେ ଶତ୍ରୁର ଆଡ଼ମ୍ବର ଅସହିଷ୍ଣୁତା ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଭାରତ ଉପରେ...

ସରକାର ଯୁକ୍ତି ବାଢ଼ିଛନ୍ତି, ଦେଶରେ ସ୍ଥାନୀୟ ନିଯୁକ୍ତି ଓ ବିନିର୍ମାଣକୁ ସୁରକ୍ଷା ଦେବା ପାଇଁ ଏଭଳି ଉଚ୍ଚ ଟାରିଫ୍‌ର ଆବଶ୍ୟକତା ରହିଛି। ଏହି ଆଡ୍‌ଜଷ୍ଟମେଣ୍ଟ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ମେକ୍ସିକୋର ସାମଗ୍ରୀଗୁଡ଼ିକୁ ଓ ଗୁରୁତ୍ୱପୂର୍ଣ୍ଣ ସେକ୍ଟରରେ ନିଯୁକ୍ତିକୁ ପ୍ରୋତ୍ସାହିତ କରିବ ବୋଲି ସିନେଟ୍ ଇକୋନୋମି କମିଟି ଚେୟାରମ୍ୟାନ୍ ଇମାନୁଏଲ୍ ରେୟେସ୍ କହିଛନ୍ତି। ଏହା କେବଳ ରାଜସ୍ୱ ବୃଦ୍ଧି ନିମନ୍ତେ ଏକ ପଦକ୍ଷେପ ନୁହେଁ, ବରଂ ମେକ୍ସିକୋ ଜନସାଧାରଣଙ୍କ ସାମୂହିକ କଲ୍ୟାଣ ନିମନ୍ତେ ଏକ ଅର୍ଥନୀତି ଓ ବାଣିଜ୍ୟ ନୀତିକୁ ମାର୍ଗଦର୍ଶନ ପାଇଁ ଉଦ୍ଦିଷ୍ଟ ବୋଲି ସେ ସ୍ପଷ୍ଟ କରିଛନ୍ତି।

ବିଶ୍ଳେଷକଙ୍କ ମତରେ ମେକ୍ସିକୋର ଆମେରିକା-ମେକ୍ସିକୋ-କାନାଡା ଏଗ୍ରିମେଣ୍ଟ (ୟୁଏସ୍‌ଏମ୍‌ସିଏ)ର ପରବର୍ତ୍ତୀ ସମୀକ୍ଷା ପୂର୍ବରୁ ଆମେରିକାକୁ ଖୁସି କରିବା ପାଇଁ ମେକ୍ସିକୋ ସରକାର ଟାରିଫ୍ ବୃଦ୍ଧି ନିଷ୍ପତ୍ତି ନେଇଛନ୍ତି। ଏହା ଆସନ୍ତା ବର୍ଷ ମେକ୍ସିକୋ ରାଜକୋଷରେ ଅତିରିକ୍ତ ୩.୭୬ ବିଲିୟନ୍ ଡଲାର ଯୋଡ଼ିବା ସହ ଦେଶର ବିତ୍ତୀୟ ନିଅଣ୍ଟକୁ ହ୍ରାସ କରିବ ବୋଲି ସେଠାକାର ସରକାର ଆଶାବାଦୀ।

### ସର୍ବାଧିକ ପ୍ରଭାବିତ...

ଭଳି ବୃହତ୍ ରପ୍ତାନିକାରୀ ପ୍ରଭାବିତ ହେବେ। ରଏଟର୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତୀୟ ଶିଳ୍ପ ଏହି ହାଇକ୍ ରୋକିବା ପାଇଁ ଲବି କରିଥିଲା। ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକ୍ଚର୍ସ (ଏସ୍‌ଆଇଏଏମ୍) ପକ୍ଷରୁ ବାଣିଜ୍ୟ ମନ୍ତ୍ରଣାଳୟକୁ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଥିଲା। ମେକ୍ସିକୋ ସରକାରଙ୍କ ସହ ଭାରତ ସରକାର ଆଲୋଚନାକରି ଟାରିଫ୍ ବୃଦ୍ଧି ବନ୍ଦ କରନ୍ତୁ ବୋଲି ଏସ୍‌ଆଇଏଏମ୍ ନିବେଦନ କରିଥିଲା। ତେବେ ଏହା ଫଳପ୍ରଦ ହୋଇ ନ ଥିବା ଜଣାପଡ଼ିଛି।

### ଲୁଥ୍ରା ଭ୍ରାତା...

ଫୁକେଟ୍‌କୁ ବିମାନ ଟିକେଟ ବୁକ୍ କରି ଇଣ୍ଡିଗୋ ବିମାନ ଯୋଗେ ଦେଶ ଛାଡ଼ି ପଳାଇଯାଇଥିଲେ। ନାଇଟ୍ କ୍ଲବ୍‌ର ପରିଚାଳନା ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଲୁଥ୍ରା ଭ୍ରାତାଙ୍କୁ ଗୋଆ ପୋଲିସ ନ ପାଇବାରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ସହଯୋଗ ଲୋଡ଼ିଥିଲା। ସେମାନଙ୍କ ବିରୋଧରେ ଇଣ୍ଟରପୋଲ୍ ବ୍ଲୁ କର୍ନର ନୋଟିସ ଜାରି କରିବାରେ ସିବିଆଇ ସହାୟତା କରିଥିଲା। ଅନ୍ୟପକ୍ଷରେ ଧରାପଡ଼ିବା ପରେ ଲୁଥ୍ରା ଭ୍ରାତା କହିଛନ୍ତି, ସେମାନେ ଭାରତ ଫେରିବାକୁ ଯୋଜନା କରୁଥିଲେ। ସେମାନେ ଆଇନ ପାଳନକାରୀ ନାଗରିକ ଏବଂ ଆଇନଗତ ପ୍ରକ୍ରିୟାକୁ ଏଡ଼ାଇଯିବାର ଉଦ୍ଦେଶ୍ୟ ସେମାନଙ୍କର ନ ଥିଲା। ଉଭୟ ଦେଶର ଅଧିକାରୀମାନଙ୍କ ସୂଚନା ଅନୁଯାୟୀ, ଫୁକେଟ୍‌ରେ ଅଟକ ଥିବା ଲୁଥ୍ରା ଭ୍ରାତାଙ୍କ ସୁରକ୍ଷିତ ଭାରତ ପ୍ରତ୍ୟାବର୍ତ୍ତନ ଲାଗି ଔପଚାରିକ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ନାଇଟ୍ କ୍ଲବ୍‌ର ଅନ୍ୟତମ ମାଲିକ ଅଜୟ ଗୁପ୍ତାଙ୍କୁ ଗୋଆର ଏକ ଅଦାଲତ ଗୁରୁବାର ୭ ଦିନିଆ ପୋଲିସ ହାଜତକୁ ପଠାଇ ଦେଇଛନ୍ତି। ଗୁପ୍ତାଙ୍କୁ ଗତ ବୁଧବାର ଦିଲ୍ଲୀରୁ ଗିରଫ କରାଯାଇ ଜେରା ପାଇଁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଗୋଆ ଅଣାଯାଇଥିଲା।

### କଥା ବୁଝୁଛି...

ଭାଷା ବୁଝିପାରିବ। ଏହି କ୍ଷମତା ରୋବୋକୁ ପିଲା ଓ ବୃଦ୍ଧ ସମେତ ଅନ୍ୟ ବୟସର ବ୍ୟବହାରକାରୀ ପାଇଁ ସହଜ କରିଥାଏ, ଯେଉଁମାନେ କଥିତ ଆଦେଶ ଅପେକ୍ଷା ପ୍ରାକୃତିକ ଇଙ୍ଗିତ ଉପରେ ଅଧିକ ନିର୍ଭର କରିଥାନ୍ତି। ଉକ୍ତ ସିଷ୍ଟମ ବ୍ୟବହାରକାରୀଙ୍କୁ ସ୍ୱାଗତ କରିବା, ଦିଗ୍‌ଦର୍ଶନ ଦେଇପାରିବା, ମନୁଷ୍ୟ ଭଳି ପ୍ରଶ୍ନର ଉତ୍ତର ଦେବା ଭଳି କାର୍ଯ୍ୟ କରିପାରିବ। ଟେକ୍ସଟ ଆଧାରିତ ପ୍ରଶ୍ନ ଭଳି ବ୍ୟବହାରକାରୀଙ୍କ ଇନ୍‌ପୁଟ୍ ପ୍ରକ୍ରିୟାକରଣ ପାଇଁ ରାସ୍ପେରୀ ପାଇ ସିଷ୍ଟମ ବ୍ୟବହାର କରିଥାଏ। ଏଲ୍‌ଏଲ୍‌ଏମ୍ ଏହି ଇନ୍‌ପୁଟ୍‌ର ବିଶ୍ଳେଷଣ କରେ, ପ୍ରସଙ୍ଗ ନିର୍ଣ୍ଣୟ କରିବା ସହିତ ଉତ୍ତର ଦେଇଥାଏ।

ଏହି ଗବେଷଣାକୁ ନେଇ ବିଭାଗର ଆସୋସିଏଟ୍ ପ୍ରଫେସର ଅନୁପ ନନ୍ଦୀ କହିଛନ୍ତି, ସ୍ୱଦେଶୀ ଭାବେ ବିକଶିତ ରୋବୋଟିକ୍ ସିଷ୍ଟମ ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ପଦକ୍ଷେପ ସହିତ ଗୁରୁତ୍ୱପୂର୍ଣ୍ଣ ଭାବେ ସମନ୍ୱିତ ହୋଇଛି। ବିଶ୍ୱସ୍ତରରେ ଉପଲବ୍ଧ ଅନ୍ୟ ସିଷ୍ଟମ ତୁଳନାରେ ଏନ୍‌ଆଇଟି ରାଉରକେଲାର ଏହି ରୋବୋ ଏକ ଅନନ୍ୟ ସମନ୍ୱିତ ଢାଞ୍ଚା ପ୍ରଦାନ କରେ, ଯାହା ଭାରତୀୟ ପରିବେଶ ପାଇଁ ଉପଯୁକ୍ତ। ଏହା ସୁଲଭ ମୂଲ୍ୟରେ ମିଳିବା ସହିତ ଫିଚର ବହନ କରୁଛି। ରୋବୋ ଯାତାୟାତ କରିବା ପାଇଁ ଚକ ଆଧାରିତ ପ୍ଲାଟଫର୍ମ ଓ ନାଭିଗେଶନ ସିଷ୍ଟମ ଖଞ୍ଜାଯାଇଛି। ବିଲ୍ଟ ଇନ୍ ଡିଷ୍ଟାନ୍ସ ସେନ୍ସିଂ ମଡ୍ୟୁଲ ଏହାର ବାଧାଗୁଡ଼ିକ ଏଡାଇବା ଓ ଭିଡ ସ୍ଥାନରେ ସୁରକ୍ଷିତ ଯାତାୟାତ କରିବା ପାଇଁ ସକ୍ଷମ କରିଥାଏ। ଏହି ସିଷ୍ଟମ ବୟସ୍କ ବ୍ୟକ୍ତିମାନଙ୍କ ଇଙ୍ଗିତ, ମୁଖମଣ୍ଡଳ ଅଭିବ୍ୟକ୍ତି ଚିହ୍ନଟ କରି ସାଥୀ ଭାବେ ସହାୟତା ପ୍ରଦାନ କରି ସରଳ ନିର୍ଦ୍ଦେଶଗୁଡ଼ିକର ଉତ୍ତର ଦେଇପାରିବ। ସେହିପରି ଶିକ୍ଷାକ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବ। ସର୍ବୋପରି ଏକ ବନ୍ଧୁ ପରି ସାହାଯ୍ୟ କରିପାରିବ। ଉତ୍ପାଦନ ସ୍କେଲ ଓ ଉତ୍ପାଦନ ଅପ୍ଟିମାଇଜେଶନ ଉପରେ ଆଧାର କରି ଏନ୍‌ଆଇଟି ରାଉରକେଲାରେ ବିକଶିତ ଏହି ରୋବୋର ମୂଲ୍ୟ ଆନୁମାନିକ ୮୦ରୁ ୯୦ ହଜାର ଟଙ୍କା ହେବ ବୋଲି ବୋଲି ପ୍ରଫେସର ନନ୍ଦୀ କହିଥିଲେ।

### ସେମିଲିଗୁଡ଼ାରେ ୩.୫...

୬.୮ ଡିଗ୍ରୀ ରହିଥିବାବେଳେ ସ୍ୱାଭାବିକ ତାପମାତ୍ରାଠାରୁ -୬.୮ଡିଗ୍ରୀ କମ୍ ରହିଥିଲା। ଫଳରେ ଏହି ଅଞ୍ଚଳରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହୋଇଥିଲା। ଅନୁଗୋଳରେ ୮ଡିଗ୍ରୀ ତାପମାତ୍ରା ରେକର୍ଡ ହେବା ସହିତ ପ୍ରବଳ ଥଣ୍ଡା ଲାଗି ରହିଥିଲା। ଏଠାରେ ସ୍ୱାଭାବିକ ତାପମାତ୍ରାଠାରୁ -୬.୨ ଡିଗ୍ରୀ ତାପମାତ୍ରା କମ୍ ରହିଥିଲା। ରାଉରକେଲା ଏବଂ କୋରାପୁଟରେ ଘନ କୁହୁଡ଼ି ଯୋଗୁ ଯାତାୟାତରେ ବାଧା ଉପୁଜିଥିଲା। ସେହିପରି ଫୁଲବାଣୀ, ଭବାନୀପାଟଣା ଏବଂ ଚାନ୍ଦବାଲିରେ ମଧ୍ୟମ ଧରଣର କୁହୁଡ଼ି ଦୃଶ୍ୟମାନ ହୋଇଥିଲା। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ପାରଦ ତଳମୁହାଁ ହେବାରେ ଲାଗିଛି। ଡିସେମ୍ବର ୫ରେ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ୬ ତାରିଖରେ ୧୩ଡିଗ୍ରୀ, ୭ରେ ୧୧.୯, ୮ରେ ୧୨.୧, ୯ରେ ୧୩.୭, ୧୦ରେ ୧୩ ଏବଂ ୧୧ ତାରିଖରେ ୧୧.୮ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। କଟକରେ ମଧ୍ୟ ତାପମାତ୍ରା ହ୍ରାସ ପାଇଥିବାବେଳେ ୧୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅପରପକ୍ଷେ ଆଗାମୀ ୨ଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ, ଭଦ୍ରକ ଏବଂ କଳାହାଣ୍ଡି ଜିଲାରେ ଘନ କୁହୁଡ଼ି ଦେଖାଦେବା ନେଇ ପାଣିପାଗ ବିଭାଗ ୱାର୍ନିଂ ଜାରି କରିଛି। ସେହିପରି ଶୁକ୍ରବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଆଦି ଜିଲାରେ ଶୀତ ଲହରୀ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଔଷଧ ଦୋକାନରୁ ଜବତ ହେଲା ମଦ




# ସବୁ ଜିଲାରେ ହେବ ସୁଭଦ୍ରା ଶକ୍ତିମେଳା: ଉପମୁଖ୍ୟମନ୍ତ୍ରୀ

## ଚଳିତ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଲକ୍ଷ ୧୮୪ ଟଙ୍କା ପ୍ରଦାନ



ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅଧିକାରୀ।

**ଭୁବନେଶ୍ୱର,୧୧।୧୨(ସୁଚିସ୍ମିତା ସାହୁ)**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗର କ୍ଷେତ୍ର ଅଧିକାରୀ ତଥା ଜିଲା ପ୍ରକଳ୍ପ ପରିଚାଳକ (ଡିପିଏମ୍) ଏବଂ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) କାର୍ଯ୍ୟକାରିତା ଉପରେ ଏକ ଆଭାସୀ ସମୀକ୍ଷା ବୈଠକ ଗୁରୁବାର ଲୋକସେବା ଭବନସ୍ଥିତ ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୩୬ତମ କୋଣାର୍କ ମହୋତ୍ସବରେ ପୁରୀ ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳାର ସଫଳତା ପରେ ସମସ୍ତ ଜିଲାରେ ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଆୟୋଜନ କରାଯିବ ଏବଂ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ୟୋଗୀଙ୍କୁ ସୁଯୋଗ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଯାବତ୍ ଚଳିତ ଆର୍ଥିକ ବର୍ଷରେ ୧.୬୭ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସଂଯୋଗ ମାଧ୍ୟମରେ ୧୦ ଲକ୍ଷ ୧୮୪ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ତୁଳନାରେ ବ୍ୟାଙ୍କ ଋଣ ସୁଧ ଫେରସ୍ତ ଅଧିକ ସଂଖ୍ୟାରେ ହୋଇଛି। ଏହି ଅବସରରେ କ୍ଷେତ୍ରସ୍ତରୀୟ ଆର୍ଥିକ କାର୍ଯ୍ୟକଳାପ, ବ୍ୟାଙ୍କ ସମ୍ବନ୍ଧୀୟ, ଋଣ ସମ୍ବନ୍ଧୀୟ ଆଦି ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ମିଳୁଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟ (ଜି ଟୁ ବି) ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ସେମାନଙ୍କ କାର୍ଯ୍ୟ ଓ ଉତ୍ପାଦଗୁଡ଼ିକର ଗୁଣବତ୍ତାକୁ ଧ୍ୟାନ ଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଡିପିଏମ୍ ଏବଂ ଡିପିସିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିପିଏମ୍ ଏବଂ ଡିପିସିମାନେ ଦାୟିତ୍ୱବାନ୍ ଓ ଉତ୍ତରଦାୟୀ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅତିରିକ୍ତ ସଚିବ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଶାନ୍ତି ବଜାୟ ରଖିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

- ମାଲକାନଗିରିରେ ସ୍ଥିତି ସମୀକ୍ଷାକଲେ କନକ ବର୍ଦ୍ଧନ ଓ ଗୋକୁଳାନନ୍ଦ
- ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରମୁଖ ଶାନ୍ତି ବୈଠକରେ ଆଲୋଚନା କରୁଛନ୍ତି।

**ମାଲକାନଗିରି, ୧୧।୧୨ (ଦୁର୍ଯ୍ୟୋଧନ ପାତ୍ର)**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗୁରୁବାର ମାଲକାନଗିରି ଜିଲା ଗସ୍ତରେ ଆସି ସ୍ଥିତିର ସମୀକ୍ଷା କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ପ୍ରଥମେ ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ। ଏମ୍‌ଭି-୨୬ ଗ୍ରାମରେ ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଉପରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି କନୱାର ବିଶାଲ ସିଂ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ଥିଲେ। ବୈଠକରେ ଜିଲା ଆଦିବାସୀ ସଂଘ ଓ ଜିଲା ବଙ୍ଗାଳି ସମାଜ ନେତୃବୃନ୍ଦଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଉଭୟ ପକ୍ଷ ନିଜ ନିଜର ଦାବି ଉପସ୍ଥାପନ କରିଛନ୍ତି। ଉଭୟ ପକ୍ଷଙ୍କ ଦାବି ଶୁଣିବା ପରେ ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରାଯିବ ଏବଂ ପରବର୍ତ୍ତୀ ସମୟରେ ଏହା ଉପରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବେ ବୋଲି ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ସୂଚନା ଦେଇଛନ୍ତି। ଜିଲାରେ ପୂର୍ବଭଳି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବାକୁ ସିଂଦେଓ ଆହ୍ୱାନ ଦେଇଛନ୍ତି। ସେହିପରି ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ। ଏମ୍‌ଭି ୨୬ ଗ୍ରାମରେ କ୍ଷୟକ୍ଷତିର ଆକଳନକରି ତ୍ୱରିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷେ ଧୀରେ ଧୀରେ ଏମ୍‌ଭି-୨୬ ଗ୍ରାମର ସ୍ଥିତି ସୁଧୁରୁଛି। ପ୍ରତ୍ୟେକ ଘରର କ୍ଷତି ହୋଇଥିବା ସମସ୍ତ ସମ୍ପତ୍ତିକୁ ଅତି ଗୁରୁତର ସହ ଆକଳନ କରୁଛି ଜିଲା ପ୍ରଶାସନ। ତଦନୁରୂପେ ଜିଲା ପ୍ରଶାସନ ପକ୍ଷରୁ ଏମ୍‌ଭି-୨୬ ଗ୍ରାମର ଲୋକଙ୍କୁ ରୋଷେଇ ସାମଗ୍ରୀ, ଆବଶ୍ୟକ ପୋଷାକ, ମଗ, ବାଲ୍ଟି ଓ କମ୍ବଳ ଇତ୍ୟାଦି ଜରୁରୀ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ଓଡ଼ିଶା ରେଡ୍‌କ୍ରସ୍ ରାଜ୍ୟ ଶାଖାକୁ ଅବଗତ କରାଯାଇଛି। ଏମ୍‌ଭି-୨୬ ଗ୍ରାମର ସମୁଦାୟ ୨୩୪ଟି ଦୋକାନ ଓ ଗୃହ ନିମନ୍ତେ ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

### ୨୪ ଘଣ୍ଟା ବଢ଼ିଲା ଇଣ୍ଟରନେଟ୍ କଟକଣା

ସୋସିଆଲ ମିଡିଆ ଦ୍ୱାରା ମାଲକାନଗିରି ଜିଲାରେ ହିଂସା ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଗୁରୁବାର ପୁଣି ଇଣ୍ଟରନେଟ୍ ସେବା କଟକଣାକୁ ଆଉ ୨୪ ଘଣ୍ଟା ପାଇଁ ବୃଦ୍ଧି କରିଛନ୍ତି। ୧୨ ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। କ୍ରମାଗତ ଚତୁର୍ଥ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ସମୟସୀମା ବୃଦ୍ଧି କରାଯାଇଛି। ୮ ତାରିଖରେ ପ୍ରଥମେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଥିଲା, ପରେ ୯ ତାରିଖରେ ୧୮ ଘଣ୍ଟା ବୃଦ୍ଧି କରାଯାଇଥିଲା। ଏହା ପରେ ପୁଣି ଥରେ ୧୦ ତାରିଖରେ ଏହାକୁ ଆଉ ୨୪ ଘଣ୍ଟା ପାଇଁ ବୃଦ୍ଧି କରାଯାଇଥିଲା। ଗୁରୁବାର ଶେଷ ହେବାକୁ ଥିବା ଏହି କଟକଣାକୁ ସମ୍ବେଦନଶୀଳ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ଆଉ ୨୪ ଘଣ୍ଟା ବୃଦ୍ଧି କରାଯାଇଛି। ଜିଲାରେ ଶାନ୍ତି ବଜାୟ ରଖିବାକୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି। ଇଣ୍ଟରନେଟ୍ କଟକଣାରୁ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ରେଲୱେ ସେବାକୁ ବାଦ୍ ଦିଆଯାଇଛି।

# ‘ସମୟ ଅଛି ଜମି ଫେରାଅ, ନ ହେଲେ ଉଚ୍ଛେଦ ଟଙ୍କା ବି ଆଦାୟ ହେବ’

## ଜବରଦଖଲକାରୀଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ ଚେତାବନୀ

**ଭୁବନେଶ୍ୱର, ୧୧।୧୨(ସୁନିତ୍ ମିଶ୍ର)**

ପ୍ରଭାବଶାଳୀ ଜମି ଜବରଦଖଲକାରୀମାନଙ୍କୁ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଦେଇଛନ୍ତି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏବେ ସମୟ ଅଛି ଜମି ଫେରାଇଦିଅ। ନ ହେଲେ ଉଚ୍ଛେଦ ପାଇଁ ଯେଉଁ ଟଙ୍କା ଖର୍ଚ୍ଚ ହେବ ତାକୁ ମଧ୍ୟ ଜବରଦଖଲକାରୀଙ୍କଠାରୁ ସରକାର ଆଦାୟ କରିବେ। ଜବରଦଖଲକାରୀଙ୍କଠାରୁ ଉଚ୍ଛେଦ ଖର୍ଚ୍ଚ ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇସାରିଛି। ଜବରଦଖଲକାରୀଙ୍କ ଡାଟାବେସ୍ ପ୍ରସ୍ତୁତ ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୩୨୦ ତହସିଲରେ ଶିଳ୍ପ ଜମି, ରାଜସ୍ୱ ବିଭାଗ ଜମି, ଜବରଦଖଲ ଜମି କେତେ ତା’ର ତଥ୍ୟ ସଂଗ୍ରହ ଚାଲିଛି। ଆବଶ୍ୟକତା ପାଇଁ ଭୂମିହୀନ ଗରିବ ଜବରଦଖଲ କରିଥିଲେ ସେମାନଙ୍କୁ ୪ ଡିସିମିଲ ଜମି ସରକାର ଦେବେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

ଗତ ୯ ତାରିଖରେ ବିଜେଡି ସଦସ୍ୟ ସୁବାସିନୀ ଜେନା ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଛନ୍ତି, ରାଜ୍ୟରେ ୨୪୮୮୨୧୦.୫ ହେକ୍ଟର ଅଞ୍ଚଳ ନୋଟିଫାଏଡ୍ ରିଜର୍ଭଡ ଫରେଷ୍ଟ, ୮୫୩୮୪୪.୦୨ ହେକ୍ଟର ଅଞ୍ଚଳ ପ୍ରପୋଜଡ୍ ରିଜର୍ଭଡ ଫରେଷ୍ଟ ଓ ୯୨୫୮୯.୯୬ ହେକ୍ଟର ଅଞ୍ଚଳ ପ୍ରୋଟେକ୍ଟେଡ୍ ଫରେଷ୍ଟ ଓ ୪୭୪୦୦.୫୩ ହେକ୍ଟର ଅଞ୍ଚଳ ଭିଲେଜ ଫରେଷ୍ଟ ଅଛି। ଏଥିମଧ୍ୟରୁ ୨୦୯୬୪.୨୬ ହେକ୍ଟର ଅଞ୍ଚଳର ନୋଟିଫାଏଡ୍ ରିଜର୍ଭଡ ଫରେଷ୍ଟ, ୨୬୦୫୫.୨୬ ହେକ୍ଟର ଅଞ୍ଚଳର ପ୍ରପୋଜଡ୍ ରିଜର୍ଭ ଫରେଷ୍ଟ, ୯୭୬.୯୯ ହେକ୍ଟର ଅଞ୍ଚଳର ପ୍ରୋଟେକ୍ଟେଡ୍ ଫରେଷ୍ଟ ଓ ୧୬୬ ହେକ୍ଟର ଅଞ୍ଚଳ ଭିଲେଜ ଫରେଷ୍ଟ ଜବରଦଖଲରେ ରହିଛି। ଏହିସବୁ ଜଙ୍ଗଲଜମି ଜବରଦଖଲ ମୁକ୍ତ କରିବା ଲାଗି ମୋଟ୍ ୭୫୮୦ ମାମଲା ରୁଜୁ କରାଯାଇଛି। ୧୬୧୭୮.୪୭ ହେକ୍ଟର ଅଞ୍ଚଳ ଜବରଦଖଲ ମୁକ୍ତ କରାଯାଇଛି।

ରାଜ୍ୟରେ କେବଳ ଜଙ୍ଗଲଜମି ଜବରଦଖଲ ଅବସ୍ଥାରେ ନାହିଁ, ନିକଟରେ ଭୁବନେଶ୍ୱରର ଏକାଧିକ ସରକାରୀ କ୍ୱାର୍ଟର୍ସକୁ ମଧ୍ୟ ଜବରଦଖଲକାରୀମାନେ ଅକ୍ତିଆର କରିଥିଲେ। ସରକାରଙ୍କ ପକ୍ଷରୁ ଏକାଧିକ ଥର ଚଢ଼ାଉକରି କେତେକ କ୍ୱାର୍ଟର୍ସ ଜବରଦଖଲମୁକ୍ତ କରାଯାଇଥିଲା। ଆହୁରି ମଧ୍ୟ ଭୁବନେଶ୍ୱରର ଅନେକ ଖାଲି ସରକାରୀ ଜମିକୁ ଜବରଦଖଲ କରି ରଖାଯାଇଛି। ଏହା ଏକ ବଡ ରୋଗ ଭାବେ ରାଜ୍ୟବ୍ୟାପୀ ଉଭା ହୋଇଛି। ଖୋର୍ଦ୍ଧାରେ ଜଗନ୍ନାଥଙ୍କ ବହୁ ଜମି ଏବେ ଜବରଦଖଲକାରୀମାନଙ୍କ ଅକ୍ତିଆରରେ ରହିଥିବା ବିଷୟ ଅନେକ ସମୟରେ ଦୃଷ୍ଟିକୁ ଆସିଛି।



ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। **-ଶ୍ରୀଅରବିନ୍ଦ**

-ପଠାଣି ସାମନ୍ତଙ୍କ ଜୟନ୍ତୀ



# ଭବିଷ୍ୟତର ଭୟ



ଷ୍ଟିଫେନ୍ ହୋମ୍ସ

ଆମେରିକା ନୂଆ ରାଷ୍ଟ୍ରୀୟ ସୁରକ୍ଷା ରଣନୀତି ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛି। ଗତ ସପ୍ତାହରେ ଆମେରିକାର ହ୍ୱାଇଟ୍ ହାଉସ୍ ଏକ ୩୩ ପୃଷ୍ଠା ବିଶିଷ୍ଟ ଦସ୍ତାବିଜ ପ୍ରକାଶକରି ସେଥିରେ ଟ୍ରମ୍ପ ପ୍ରଶାସନ ଭବିଷ୍ୟତ ଉପରେ ବିଶ୍ୱାସକରେ ନାହିଁ ବୋଲି ସ୍ୱୀକାର କରିଛି । ଏହା ହେଉଛି ନିଆରା ଆନ୍ଦୋଳନର ସ୍ୱାକ୍ଷର, ଯାହା ଜନସାଂଖ୍ୟିକ ତଥା ସାଂସ୍କୃତିକ ପରିବର୍ତ୍ତନକୁ ଅସ୍ତିତ୍ୱଗତ ପ୍ରଳୟ ରୂପେ ଅନୁଭବ କରିଛି।

କୌଣସି ନିର୍ଦ୍ଦିଷ୍ଟ ସମ୍ବଳ, ସମୟସୀମା କିମ୍ବା ପ୍ରକ୍ରିୟା ବିନା ଏନ୍ଏସ୍ଏସ୍ ବ୍ୟାପକ ଲକ୍ଷ୍ୟ ଘୋଷଣା କରିଛି। ଏହା ଦୀର୍ଘ ମିଆଦୀ ଭବିଷ୍ୟତର ସଫଳତାକୁ ଅଣଦେଖା କରିଛି। କିନ୍ତୁ ପ୍ରକୃତରେ ବର୍ତ୍ତମାନକୁ ଛାଡ଼ି ଭବିଷ୍ୟତର କୌଣସି ମାନେ ନାହିଁ। ବିଶ୍ୱ ପରପିଢ଼ି ପାଇଁ ଯୋଜନା କରୁନାହିଁ। ଏହା ଭାଙ୍ଗିରୁଜି ଧ୍ୱଂସ କରିଦେଉଛି ଏବଂ ଅନ୍ୟର ଅଧିକାର ଛଡ଼ାଇନେଉଛି ଓ ଭୂମି ଦଖଲ କରୁଛି। ସମୟ ଓ ସୁଯୋଗ ଉପଯୋଗକରି ଶୀଘ୍ର ହାସଲ କରିବା ମନୋଭାବ ଅତ୍ୟନ୍ତ ସ୍ପଷ୍ଟ। ଏନ୍ଏସ୍ଏସ୍‌ରେ କୁହାଯାଇଛି ଯେ, ଆମର ସବୁ ଏମ୍ବାସି ସେମାନଙ୍କ ଦେଶର ମୁଖ୍ୟ ବିଜ୍‌ନେସ୍ ସୁଯୋଗଗୁଡ଼ିକ, ବିଶେଷକରି ପ୍ରମୁଖ ସରକାରୀ ଚୁକ୍ତିଗୁଡ଼ିକ ବିଷୟରେ ସଚେତନ ରହିବା ଦରକାର। ଏନ୍ଏସ୍ଏସ୍ ମଧ୍ୟ ସୂଚିତ କରିଛି ଯେ, ଆମେରିକା ସରକାରଙ୍କର ପ୍ରତ୍ୟେକ ଅଧିକାରୀ ଏହିସବୁ ଦେଶ ସହ ଆଲୋଚନା କଲାବେଳେ ଆମେରିକା କମ୍ପାନୀଗୁଡ଼ିକ କିଭଳି ପ୍ରତିଯୋଗିତାକରି ସଫଳ ହେବେ ସେଥିପାଇଁ ସାହାଯ୍ୟ କରିବା ସେମାନଙ୍କ ମୁଖ୍ୟ କାମ ବୋଲି ବୁଝିବାକୁ ପଡ଼ିବ। ଦେଖିବାକୁ ଗଲେ କୂଟନୀତି ଔପଚାରିକ ଭାବେ ବିଜ୍‌ନେସ୍ ବିକାଶ କାର୍ଯ୍ୟରେ ପରିଣତ ହୋଇଯାଇଛି।

ନ୍ୟାଶନାଲ ସିକ୍ୟୁରିଟି କାଉନ୍‌ସିଲ (ଏନ୍ଏସ୍‌ସି)କୁ ପଶ୍ଚିମ ଗୋଲାର୍ଦ୍ଧରେ ବିଜ୍‌ନେସ ପ୍ରଗତି ବା ଲାଭ ପାଇଁ ରଣନୀତିକ ସ୍ଥିତି ଓ ସମ୍ବଳଗୁଡ଼ିକୁ ଚିହ୍ନଟ କରିବାକୁ ଦାୟିତ୍ୱ ଦିଆଯାଇଛି। ଫ୍ରାନ୍ସର ଦୈନିକ ଖବରକାଗଜ ଲି ମୋଣ୍ଡେ ଦର୍ଶାଇଛି ଯେ, ଏହା ହେଉଛି ଆର୍ଥିକ ଲୁଟ୍ ବା ଶୋଷଣ। କାଉନ୍‌ସିଲ ଅଫ୍ ଫରେନ୍ ରିଲେସନ୍ ଅନୁଭବ କରିଛି ଯେ, ଏହି ଏନ୍ଏସ୍ଏସ୍‌ରେ ସାଙ୍ଗଠନିକ ନୀତି ଭାବେ ବୃହତ୍ ଶକ୍ତି ମଧ୍ୟରେ ପ୍ରତିଯୋଗିତା ନାହିଁ, ବରଂ ଅର୍ଥନୀତିକୁ ଅନ୍ତିମ ବିକଳ୍ପ ଭାବେ ଉପସ୍ଥାପିତ କରାଯାଇଛି। କାଉନ୍‌ସିଲ ସଦସ୍ୟମାନେ କହନ୍ତି, ଏହି ଦସ୍ତାବିଜ ରଣନୀତି ବଦଳରେ ଅଧିକ ବିବାଦାତ୍ମକ ଏବଂ ଅଣ-ଆମେରିକୀୟମାନେ ଏହାକୁ ବାସ୍ତବରେ ଉଦ୍ଦେଶ୍ୟମୂଳକ ଦସ୍ତାବିଜ ମନେକରି ଅଗ୍ରାହ୍ୟ କରିବା ବୁଦ୍ଧିମାନର କାମ ହେବ। ଏହା ଏକ ପ୍ରଶାସନକୁ ପ୍ରତିପାଦିତ କରେ, ଯାହା ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥା ଗଢ଼ିବାର ପ୍ରୋଜେକ୍ଟକୁ ସମ୍ପୂର୍ଣ୍ଣ ବାଦ୍ ଦେଇଛି।



ଆମେରିକାର ମିତ୍ର ରାଷ୍ଟ୍ରଗୁଡ଼ିକୁ ଏହା କିଭଳି ଦେଖୁଛି ତାହା ବିଚାର କରାଯାଉ। ୟୁରୋପ ପ୍ରତି ଏନ୍ଏସ୍ଏସ୍ ଉତ୍ତେଜକ ଭାଷା ପ୍ରୟୋଗ କରିଥିବାବେଳେ ରୁଷିଆ ଏବଂ ଅନ୍ୟ ଶତ୍ରୁମାନଙ୍କ ପ୍ରତି ବିଶେଷକରି କୋହଳ ଭାଷା ବ୍ୟବହାର କରିଛି। ଏହା କହିଛି ଯେ, ୟୁରୋପ ପ୍ରବାସନ ଏବଂ ନିୟାମକର କଣ୍ଟରୋଧ ମାଧ୍ୟମରେ 'ସଭ୍ୟତାଗତ ବିଲୋପନ' ଭଳି ବିପଦ ସୃଷ୍ଟି କରୁଛି। ଏହା ଦାବି କରିଛି ଯେ, ୟୁରୋପୀୟମାନେ ସେମାନଙ୍କ ନିଜ ସୁରକ୍ଷାକୁ ପ୍ରଥମ ଦାୟିତ୍ୱ ଭାବେ ଗ୍ରହଣ କରିଛନ୍ତି। ଏହା ମଧ୍ୟ ଘୋଷଣା କରିଛି, ୟୁରୋପୀୟ ସଂଘ ଦେଶଗୁଡ଼ିକରେ ନ୍ୟାଶନାଲିଷ୍ଟ ଓ ପପୁଲିଷ୍ଟ ପାର୍ଟିଗୁଡ଼ିକୁ ସମର୍ଥନକରି ଆମେରିକା ୟୁରୋପର ଏବକାର ରାଜନୈତିକ ଧାରାରେ ବାଧା ସୃଷ୍ଟି କରିବାରେ ଗୁରୁତ୍ୱ ଦେବ।

ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାର ସମ୍ପର୍କରେ ସେମାନଙ୍କୁ କହିବାର ଉଦାର ଅନ୍ତର୍ଜାତୀୟବାଦୀ ଅଭ୍ୟାସକୁ ଅସ୍ୱୀକାର କରିବାକୁ ଟ୍ରମ୍ପ ପ୍ରଶାସନ ଦାବି କରିଛି । କିନ୍ତୁ ଏହା ଲାଟିନ ଆମେରିକୀୟ ଦେଶଗୁଡ଼ିକୁ ସେମାନଙ୍କ ବାଣିଜ୍ୟିକ ଭାଗୀଦାରି ଏବଂ ସୁରକ୍ଷା ବ୍ୟବସ୍ଥା ପସନ୍ଦ କରିବାର ସାର୍ବଭୌମତ୍ୱ ଅଧିକାରକୁ ମନା କରିଛି। ଆମେରିକାର ବୈଦେଶିକ ନୀତି 'ମୋନରୋଏ ଡକ୍ଟରାଇନ' ଭଳି ପୁନଃ ପ୍ରସ୍ତୁତ କରାଯାଇଥିବା 'ଟ୍ରମ୍ପଙ୍କ ଘୋଷଣା' ହେଉଛି ଜଣେ ରାଷ୍ଟ୍ରପତିଙ୍କ ପାଇଁ ଊନବିଂଶ ଶତାବ୍ଦୀର ବୃହତ୍-ଶକ୍ତି ରାଜନୀତି, ଯିଏ କି ଜାତୀୟ ସ୍ୱାର୍ଥ ଓ ବ୍ୟକ୍ତିଗତ ସମୃଦ୍ଧି ମଧ୍ୟରେ ତୁଳନା କରିପାରନ୍ତି ନାହିଁ। କାଟୋ ପ୍ରତିଷ୍ଠାନ 'ସବୁଦିନ ପାଇଁ ଯୁଦ୍ଧ ଲାଗି ରହିବା' ବିଷୟକୁ ଅସ୍ୱୀକାର କରିବାର କଥା ଏବଂ ଆମେରିକା ବିଶ୍ୱସ୍ତରରେ ମଧ୍ୟସ୍ଥ ହୋଇ ରହିବାର ଭିତିରି ଆଗ୍ରହ ମଧ୍ୟରେ ଏକ ବିରୋଧାଭାସ ଚିହ୍ନଟ କରିଛି। 'ଅନ୍ୟମାନଙ୍କ ତୁଳନାରେ ଆମେରିକାର ସ୍ୱାର୍ଥ ପ୍ରଥମ' ହେଉଛି ବାସ୍ତବରେ ଏକ ଆଧିପତ୍ୟ ବିସ୍ତାରକାରୀ କାର୍ଯ୍ୟକ୍ରମ। ଟ୍ରମ୍ପ ପ୍ରଶାସନ ବିନା ଚାପରେ ପ୍ରାଧାନ୍ୟତା ଚାହୁଁଛି। ପ୍ରତିବଦ୍ଧତା ବିନା ସମ୍ମାନ ଏବଂ ସମ୍ପର୍କ ବିନା ଲାଭ ଚାହୁଁଛି। ଏହା ଯଥାର୍ଥରେ ବୈଦେଶିକ ନୀତି ନୁହେଁ। ଏହା ହେଉଛି ଜଣଙ୍କର ସିଦ୍ଧାନ୍ତ, ଯିଏ ପ୍ରତିଶ୍ରୁତିକୁ କେବେ ବି ପାଳନ କରି ନ ଥିଲେ। ଏହା ଆମେରିକୀୟ ନେତୃତ୍ୱର ଦୃଷ୍ଟିକୋଣ ନୁହେଁ, ବରଂ ଏହା ହେଉଛି ଭବିଷ୍ୟତ ପାଇଁ ଏକ ପାରସ୍ପରିକ ଶତ୍ରୁତା।

ଏନ୍ଏସ୍ଏସ୍ ପ୍ରବାସନକୁ ଏକ ନୀତିଗତ ଆହ୍ୱାନ ଭାବେ ନେଇନାହିଁ, ବରଂ ଏହାକୁ ଏକ 'ଆକ୍ରମଣ' ଭାବେ ଚିତ୍ରଣ କରାଯାଇଛି। ଜାତୀୟ ସୁରକ୍ଷାରେ ସୀମା ହେଉଛି ଏକ ପ୍ରମୁଖ ବିଷୟ ବୋଲି ଏଥିରେ ଦର୍ଶାଯାଇଛି। ବାହ୍ୟ ବିପଦ ଓ ଆଭ୍ୟନ୍ତରୀଣ ରାଜନୈତିକ ପ୍ରତିଯୋଗିତା ମଧ୍ୟରେ ପ୍ରଭେଦକୁ ସ୍ପଷ୍ଟ କରିନାହିଁ। ଏହା ବ୍ୟତୀତ ଏହା ପ୍ରବାସୀ ସମୁଦାୟକୁ ଏକ ସୁରକ୍ଷା ସମସ୍ୟା ଭାବେ ଦେଖୁଛି। କାହିଁକି ଏକ ପ୍ରଶାସନ ବିପଦରେ ଥିବା ଦୁର୍ବଳ ପ୍ରବାସୀଙ୍କ ପାଇଁ ଆବଶ୍ୟକ ବୈଶ୍ୱିକ ପ୍ରତିବଦ୍ଧତାରୁ ନିଜକୁ ଦୂରେଇ ରଖିବାକୁ ପ୍ରସ୍ତୁତ ହେଉଛି? ୟୁରୋପୀୟ ପ୍ରବାସୀ ନୀତିକୁ ପ୍ରତିରୋଧ କରିବାକୁ ଅତ୍ୟଧିକ ଶକ୍ତି ଖଟାଉଥିବା ପଶ୍ଚିମ ଗୋଲାର୍ଦ୍ଧ ଉପରେ କାହିଁକି ଏକ ରଣନୀତି ଗୁରୁତ୍ୱ ଦେଉଛି? ଏହା କରିବାକୁ ଚାଇନା କିମ୍ବା ରୁଷିଆ ଭୟ ପ୍ରେରିତ କରିନାହିଁ, ବରଂ 'ବିଗତ ଦିନର ଆମେରିକା ଭଳି ଭବିଷ୍ୟତ ଆମେରିକା ହେବ ନାହିଁ' ଭୟ ଯୋଗୁ ପ୍ରଶାସନ ଏଭଳି କରିଛି। ଭବିଷ୍ୟତର ଦିଶା ପ୍ରସ୍ତୁତ କରିବା ପାଇଁ ଏନ୍ଏସ୍ଏସ୍ ଏକ ଯୋଜନା ନୁହେଁ। ଏହା ଭବିଷ୍ୟତର ଅନିବାର୍ଯ୍ୟତା ପ୍ରତି କ୍ରୋଧର ଏକ ଅଭିବ୍ୟକ୍ତି। ଏହା ଏକ ଲୁଟ୍ ବା ଶୋଷକାରୀ ଅର୍ଥନୀତି। ଯଦି ତୁମେ ସ୍ଥାୟୀ ସମ୍ପର୍କ ଗଢ଼ିବା ଛାଡ଼ିଦେବ, ତେବେ ଯେତେବେଳେ ଯାହା ଚାହିଁବ ଶୋଷଣ କରିପାରିବ। ମେଣ୍ଟର ମୂଲ୍ୟ ଦେଣନେଣରେ ରହିଲେ ତୁମେ ତାହାକୁ ଛାଡ଼ିଦେବ । ଯଦି ଅନ୍ତର୍ଜାତୀୟ ବ୍ୟବସ୍ଥା କୌଣସି ପ୍ରକାରେ ତୁମକୁ ବାଧା ଦେବ ସେତେବେଳେ ତୁମେ ତାହାକୁ ପାଳନ କରିବାକୁ ପାଇଁ ମନା କରିଦେବ।

ଭବିଷ୍ୟତର ଭୟ ମଧ୍ୟ ରୁଷିଆ ପ୍ରତି ଥିବା ଟ୍ରମ୍ପ ପ୍ରଶାସନର କୋହଳ ମନୋଭାବକୁ ଦର୍ଶାଏ। ଟ୍ରମ୍ପଙ୍କ ଜନସାଂଖ୍ୟିକ ବ୍ୟଗ୍ରତା, ଉଦାର ସଂସ୍ଥାଗୁଡ଼ିକ ପ୍ରତି ଶତ୍ରୁତା ଏବଂ ବିଶ୍ୱବାଦୀ ଭବିଷ୍ୟତ ପ୍ରତି ଅସନ୍ତୋଷ ଭଳି ବିଚାର ସହ ଭ୍ଲାଡିମିର ପୁଟିନ୍‌ଙ୍କ ବିଚାର ମିଶିଯାଉଛି। ଟ୍ରମ୍ପ ଯାହା ଚାହୁଁଛନ୍ତି ସେ ମଧ୍ୟ ତାହା ଚାହାନ୍ତି। ଏନ୍ଏସ୍ଏସ୍ ରୁଷିଆକୁ ବଡ଼ ବିପଦ ଭାବେ ଉଲ୍ଲେଖ କରିନାହିଁ। କାରଣ ଟ୍ରମ୍ପ ପ୍ରଶାସନ ଏକ ବିପଦ ଭାବେ ଅନୁଭବ କରିନାହିଁ। ବାସ୍ତବ ବିପଦକୁ ଏହା କେବଳ ଅଣଦେଖା କରି ନାହିଁ, ବରଂ ଯେଉଁ ଲୋକମାନଙ୍କୁ ଟ୍ରମ୍ପ 'ଅଳିଆ' ବୋଲି କହିଛନ୍ତି ସେମାନଙ୍କୁ ବିପଦ ବୋଲି ପୁନଃ ନିର୍ଦ୍ଧାରଣ କରାଯାଇଛି। ଯେଉଁମାନେ ଭବିଷ୍ୟତକୁ ବିପଦ ଭାବେ ଅନୁଭବ କରିଛନ୍ତି ସେମାନେ ଏନ୍ଏସ୍ଏସ୍ ଚିଠା ପ୍ରସ୍ତୁତ କରିଛନ୍ତି।

**ପ୍ରାଧ୍ୟାପକ, ନ୍ୟୁୟର୍କ ୟୁନିଭର୍ସିଟି ସ୍କୁଲ ଅଫ୍ ଲ**

## ଏଇ ଭାରତରେ

ସାମଗ୍ରିକ ପ୍ରୟାସ ସଫଳତା ପାଇଁ ବାଟ କଢ଼ାଇନିଏ ବୋଲି ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲା ମୁନ୍‌ସିଆରି ବ୍ଲକର ଶଙ୍ଖଦୁରା ଗାଁର ମହିଳାମାନେ ପ୍ରମାଣ କରିପାରିଛନ୍ତି। ଗ୍ରାମପଞ୍ଚାୟତରେ ସେମାନେ ବନ ପଞ୍ଚାୟତ ଗଢ଼ିଛନ୍ତି ଓ ତା' ମାଧ୍ୟମରେ ଜଙ୍ଗଲର ସୁରକ୍ଷା କରୁଛନ୍ତି । ସେମାନଙ୍କ ମତରେ ଜଙ୍ଗଲ ରହିଲେ ଆମେ ବଞ୍ଚି ରହିବୁ। ଶଙ୍ଖଦୁରା ଗାଁର ଜଙ୍ଗଲକୁ ସ୍ଥାନୀୟ ସରପଞ୍ଚ ବାସନ୍ତି ରାୱତଙ୍କ ନେତୃତ୍ୱରେ ମହିଳାମାନେ ସୁରକ୍ଷିତ ରଖିଛନ୍ତି। ତାଙ୍କ ସହ ୮ ମହିଳା ବନ ପଞ୍ଚାୟତରେ ରହିଛନ୍ତି। କେବଳ ଶଙ୍ଖଦୁରା ନୁହେଁ, ସର୍ମୋଲି ଜଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ମଲିକା ଭିର୍‌ଡି ମଧ୍ୟ ମେସାରିକୁଣ୍ଡର ପୁନରୁଦ୍ଧାର କରିପାରିଛନ୍ତି। ବନ ପଞ୍ଚାୟତ ମାଧ୍ୟମରେ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ସୁରକ୍ଷା ହେବା ଦ୍ୱାରା ଉତ୍ତରାଖଣ୍ଡର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇପାରିଛି। ୧୯୩୧ରେ ଇଂରେଜମାନେ ପ୍ରଣୟନ କରିଥିବା ବନ ପଞ୍ଚାୟତ ନିୟମାବଳୀ ୧୯୭୨ରେ ଏହା ଭାରତୀୟ ଜଙ୍ଗଲ ଆଇନ-୧୯୨୭ ଅଧୀନକୁ ଆସିଥିଲା। ଉତ୍ତରାଖଣ୍ଡରେ ଏବେ ୬,୦୬୯ ବନ ପଞ୍ଚାୟତ ଦ୍ୱାରା ୪,୦୫,୪୨୬ ହେକ୍ଟର ଜଙ୍ଗଲର ସୁରକ୍ଷା ସମ୍ଭବ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୨ ଡିସେମ୍ବର ୧୯୭୬

- ଓଡ଼ିଆ କ୍ଷୁଦ୍ରଗଳ୍ପ 'ଠାକୁର ଘର' ସମେତ ବିଭିନ୍ନ ଭାଷାରେ ଲିଖିତ ମୋଟ ୧୭ଟି ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବାକୁ ମନୋନୀତ।
- କର୍ଣ୍ଣାଟକର ରାଜ୍ୟପାଳ ଉମାଶଙ୍କର ଦୀକ୍ଷିତ ମାଙ୍ଗାଲୋରଠାରେ ଆକାଶବାଣୀର ନୂତନ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 7 | | | 6 | | | |
| | | | | 1 | | | | |
| | | 9 | | | 4 | | 8 | |
| | | | | | | 8 | 1 | |
| | | | | | | | 2 | 3 |
| | 2 | | | | 8 | | | 9 |
| 2 | | | 1 | | | 5 | 9 | |
| 4 | | | | 5 | | | | |
| | | | 9 | 6 | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 1 | 7 | 2 | 9 | 4 | 8 | 5 |
| 8 | 2 | 9 | 6 | 5 | 4 | 7 | 1 | 3 |
| 4 | 7 | 5 | 8 | 3 | 1 | 2 | 6 | 9 |
| 1 | 4 | 7 | 9 | 6 | 3 | 5 | 2 | 8 |
| 5 | 6 | 2 | 1 | 7 | 8 | 9 | 3 | 4 |
| 3 | 9 | 8 | 5 | 4 | 2 | 6 | 7 | 1 |
| 9 | 1 | 4 | 2 | 8 | 6 | 3 | 5 | 7 |
| 7 | 8 | 6 | 3 | 9 | 5 | 1 | 4 | 2 |
| 2 | 5 | 3 | 4 | 1 | 7 | 8 | 9 | 6 |

ଗତକାଲିର ଉତ୍ତର

# ଓଡ଼ିଆ ଭାଷାରେ ଲିପ୍ୟନ୍ତରଣ




ଓମ୍ ପ୍ରସାଦ ପଟ୍ଟନାୟକ

ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷା ଓ ଏହାର ବ୍ୟବହାରିକ ସଂଜ୍ଞାରେ ଅନେକ ପରିବର୍ତ୍ତନ ହେଲାଣି। ଦୈନନ୍ଦିନ କଥାବାର୍ତ୍ତା ଓ ବିନିମୟରେ କଥିତ ତଥା ଚଳନ୍ତି ଓଡ଼ିଆ ଭାଷାର ବ୍ୟବହାର ଧୀରେ ଧୀରେ କମି ଆସିଲାଣି। ଏପରି କି ପାରମ୍ପରିକ ଓଡ଼ିଆ ଶବ୍ଦର ବ୍ୟବହାର ହ୍ରାସ ପାଇ ଅନେକ ଇଂଲିଶ ଶବ୍ଦ ଦୈନନ୍ଦିନ ଜୀବନରେ ହେଉଥିବା କଥାବାର୍ତ୍ତା ଓ ଲେଖିବାରେ ବ୍ୟବହାର ହେଉଛି; ଯେପରି କି ଆପ୍ଲିକେଶନ, ସଫ୍ଟୱେର, ହାର୍ଡୱେର, ମୋବାଇଲ, ଫୋନ, ରେଡିଓ, ସର୍ଚ୍ଚ ଇଞ୍ଜିନ ଇତ୍ୟାଦି ଏହିପରି ଅନେକ ଶବ୍ଦ। ସମ୍ପ୍ରତି ବିଭିନ୍ନ ପିଢ଼ିର ରୁଚି, ଆଗ୍ରହ, ସ୍ପୃହା ଓ ପସନ୍ଦ ମଧ୍ୟ ଭିନ୍ନ ଭିନ୍ନ ରହୁଛି। ଅତି ଦ୍ରୁତଗତିରେ ବୃଦ୍ଧି ପାଉଥିବା ଆଧୁନିକୀକରଣ ଓ ଜଗତୀକରଣ ପ୍ରଭାବରୁ ଇଂଲିଶ ଭାଷାରେ ଯୋଗାଯୋଗକୁ ଅତି ସହଜରେ ଗ୍ରହଣ କରିବା ସହିତ ଏହାକୁ ନିଜ ଦୈନନ୍ଦିନ ଜୀବନରେ ମଧ୍ୟ ବହୁଳ ପରିମାଣରେ ବ୍ୟବହାର କରାଯାଉଛି। ତେଣୁ ଓଡ଼ିଆ ଭାଷାରେ ଆନ୍ତର୍ଜାତିକୀକରଣ ଓ ସ୍ଥାନୀୟକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରାନ୍ସଲେଶନ ତଥା ଅନୁବାଦ, ଟ୍ରାନ୍ସଲିଟରେଶନ ତଥା ଲିପ୍ୟନ୍ତରଣ, ଟ୍ରାନ୍ସକ୍ରିପ୍ସନ ତଥା ପ୍ରତିଲିପୀକରଣ ଭଳି ଉପାୟ ଅନୁକରଣ କରାଯାଉଛି।

ଗୋଟିଏ ଭାଷାରେ ଲେଖାଯାଇଥିବା ପାଠ୍ୟର ମୂଳ ଅର୍ଥକୁ ସଂରକ୍ଷଣ ରଖି ଅନ୍ୟ ଏକ ଭାଷାରେ ଲେଖିବା ପ୍ରକ୍ରିୟାକୁ ଟ୍ରାନ୍ସଲେଶନ ବା ଅନୁବାଦ କୁହାଯାଏ। ମୂଳ ଭାଷାରେ ଏକ ଶବ୍ଦର ଉଚ୍ଚାରଣ ଓ ଧ୍ୱନିକୁ ଯଥା ସମ୍ଭବ ଅକ୍ଷୁଣ୍ଣ ରଖି ଏହାକୁ ଅନ୍ୟ ଏକ ଭାଷାରେ ଲେଖିବାର ପ୍ରକ୍ରିୟାକୁ ଟ୍ରାନ୍ସଲିଟରେଶନ ବା ଲିପ୍ୟନ୍ତରଣ କୁହାଯାଏ। ଟ୍ରାନ୍ସଲିଟରେଶନ ସମସ୍ତ ପିଢ଼ି ପାଇଁ ସହଜରେ ଭାବବିନିମୟ କରିବାର ଏକ ପ୍ରକୃଷ୍ଟ ମାର୍ଗ । ତେବେ ଏହି ପଦ୍ଧତି ଗତାନୁଗତିକ ଭାବରେ ପ୍ରଚଳିତ ହେବାଠାରୁ ହିଁ ଓଡ଼ିଆ ଭାଷାରେ ଇଂଲିଶ ଶବ୍ଦର ଲିପ୍ୟନ୍ତରଣ ଅନେକାଂଶରେ ଭୁଲ୍ ଭାବରେ କରାଯାଉଛି ଏବଂ ଏହାର ପ୍ରଭାବ ଇଂଲିଶ ଶବ୍ଦ ଉଚ୍ଚାରଣ ଉପରେ ମଧ୍ୟ ପଡୁଛି। ଉଚ୍ଚାରଣ ଯଦିଓ ସମସ୍ତଙ୍କର ନିଜସ୍ୱ ଭାଷାଗତ ଦକ୍ଷତା ଉପରେ ନିର୍ଭର କରେ, କିନ୍ତୁ କୌଣସି ଶବ୍ଦର ବନାନ ଠିକ୍ ଭାବରେ ଲେଖିବାର ଆବଶ୍ୟକତା ନିହାତି ଭାବରେ ରହିଛି। ଲିପ୍ୟନ୍ତରଣ ପଦ୍ଧତିରେ ଉଚ୍ଚାରଣ, ଧ୍ୱନି, ବନାନ ଆଦି ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ଆଇପିଏ (ଇଣ୍ଟରନ୍ୟାଶନାଲ ଫୋନେଟିକ୍ ଆଲ୍ଫାବେଟ୍)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଚିହ୍ନ ଆଧାରିତ ଓ ଲାଟିନ ଲିପିରେ ଲିଖିତ ଏକ ଲିଖନ ବିଧି। ଏହାକୁ ବିଶ୍ୱର ସମସ୍ତ କଥିତ ଭାଷାର ଲିଖନ ନିମନ୍ତେ ଅନ୍ତର୍ଜାତୀୟ ଫୋନେଟିକ୍ ଆସୋସିଏଶନ ଦ୍ୱାରା ଏକ ମାନକ ରୂପେ ପ୍ରତିଷ୍ଠା କରାଯାଇଛି।

ଉଦାହରଣ ସ୍ୱରୂପ ଯେମିତି ଓଡ଼ିଆରେ 'ମଣିଷ' ଶବ୍ଦର ବନାନକୁ 'ମଣୀସ' କିମ୍ବା 'ମଣିଶ' ଲେଖିଲେ ଭୁଲ୍ ବୋଲି କୁହାଯିବ, ସେମିତି ଇଂଲିଶରେ 'FEATURE' ଶବ୍ଦକୁ ଆମେ 'ଫିଚର୍' ଲେଖିବା ଭୁଲ୍ ଯଦିଓ ନୁହେଁ, ତେବେ ଯୁକ୍ତିସଙ୍ଗତ ମଧ୍ୟ ନୁହେଁ। 'FEATURE' ଶବ୍ଦଟିକୁ ଯଦି ଆମେ ଟ୍ରାନ୍ସଲିଟରେଟ ବା ଲିପ୍ୟନ୍ତରଣ କରିବା, ତେବେ ଏହା ଆଇପିଏ ଅନୁଯାୟୀ 'ଫୀଚର୍' ଭାବରେ ଲେଖାଯିବା ଉଚିତ। ଏହିପରି ଭାବରେ ଦୈନନ୍ଦିନ ଆମେ ବହୁ ଇଂଲିଶ ଶବ୍ଦକୁ କଥାବାର୍ତ୍ତା ଏବଂ ଲେଖିବାରେ ବ୍ୟବହାର କରୁଛୁ, ଯାହାର ବନାନ ଓ ଉଚ୍ଚାରଣ ମଧ୍ୟରେ ବିସଙ୍ଗତି ରହୁଛି। ସେହିପରି କିଛି ଶବ୍ଦ ଯେପରିକି 'ସ୍କୁଲ', 'ହସ୍ପିଟାଲ', 'ମିଟର', 'ମେଶିନ'ର -ଆଇପିଏ ଅନୁଯାୟୀ ଠିକ୍ ବନାନ ହେଉଛି 'ସ୍କୂଲ', 'ହସ୍ପିଟଲ', 'ମୀଟର୍', 'ମଶୀନ'। ଆମେ ପ୍ରାୟତଃ ଲେମ୍ୟାନ ମେଥଡ଼ରେ 'ହ୍ରସ୍ୱ ଇ କାର', 'ହ୍ରସ୍ୱ ଉ କାର' ଓ 'ସ' ବ୍ୟବହାର କରି ଟ୍ରାନ୍ସଲିଟରେଶନ କରିଦେଉଛୁ। କିନ୍ତୁ ଏପରି ଲେଖିବାର ଧାରା ଠିକ୍ ନୁହେଁ ଓ ଯୁକ୍ତିସଙ୍ଗତ ମଧ୍ୟ ନୁହେଁ।



ସମୟକ୍ରମେ ଓଡ଼ିଆ ଭାଷାରେ ହ୍ରସ୍ୱ ଇ କାର, ଦୀର୍ଘ ଈ କାର, ହ୍ରସ୍ୱ ଉ କାର, ଦୀର୍ଘ ଊ କାର, 'ସ', 'ଶ' ରେ ଉଚ୍ଚାରଣଗତ ପାର୍ଥକ୍ୟ ଅନେକାଂଶରେ ହ୍ରାସ ପାଇଛି। ଉଦାହରଣ ସ୍ୱରୂପ ଆମେ ଓଡ଼ିଆ କହିବା ସମୟରେ କୀଳାକିଳା, କୁଳକୂଳ, ବୂଢ଼ାବୁଢ଼ା, ସରଶର ଇତ୍ୟାଦି ସମୋଚ୍ଚାରିତ ଶବ୍ଦକୁ ଏକାଭଳି ଉଚ୍ଚାରଣ କରୁ। ତେବେ ଇଂଲିଶ ଭାଷାର ଶବ୍ଦକୁ ଓଡ଼ିଆରେ କହିବା ସମୟରେ ମଧ୍ୟ ଆମେ ଉପରୋକ୍ତ ନିୟମକୁ ବ୍ୟବହାର କରୁ। କିନ୍ତୁ ଇଂଲିଶରେ ଏଭଳି ଶବ୍ଦଗୁଡ଼ିକ ମଧ୍ୟରେ ଉଚ୍ଚାରଣଗତ ପାର୍ଥକ୍ୟ ରହିଛି, ଯେପରି SIT, SEAT, SHEET ଭଳି ଶବ୍ଦଗୁଡ଼ିକୁ ସେମାନେ ଯଥାକ୍ରମେ ସିଟ୍, ସୀଟ୍, ଶୀଟ୍ ଭାବରେ ଉଚ୍ଚାରଣ କରନ୍ତି। ଆମେ କିନ୍ତୁ ଏ ସମସ୍ତ ଶବ୍ଦକୁ ଟ୍ରାନ୍ସଲିଟରେଟ କରିବା ସମୟରେ 'ସିଟ୍' ହିଁ ଲେଖିଥାଉ ଯାହା କି ଯୁକ୍ତିସଙ୍ଗତ ନୁହେଁ।

ଇଂଲିଶ ଏକ ବିଦେଶୀ ଭାଷା ହେଲେ ହେଁ ସ୍କୁଲ ସମୟରୁ ହିଁ ପିଲାମାନେ କିଭଳି ଭାବରେ ଏଥିରେ ଦକ୍ଷତା ହାସଲ କରିବେ, ସେ ନେଇ ଓଡ଼ିଆ ଅଭିଭାବକମାନେ ଯତ୍ନବାନ୍ ହୋଇପଡୁଛନ୍ତି। ଆଧୁନିକୀକରଣ ଓ ଜଗତୀକରଣ ପ୍ରକ୍ରିୟାରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବହୁଳ ପ୍ରଚଳନ ଯୋଗୁ ଆମ ଦୈନନ୍ଦିନ ଜୀବନରେ ଇଂଲିଶ ଶବ୍ଦର ବର୍ଦ୍ଧିତ ପ୍ରୟୋଗ ଫଳରେ ଅତି କମ୍ ସମୟ ମଧ୍ୟରେ ଲକ୍ଷାଧିକ ଇଂଲିଶ ଶବ୍ଦ ଅନାୟାସରେ ଓଡ଼ିଆ ଶବ୍ଦଭଣ୍ଡାରରେ ପ୍ରବେଶ କରିଛି। ଏଭଳି ପରିସ୍ଥିତିରେ ଇଂଲିଶ ଭାଷାରେ ଦକ୍ଷତା ହାସଲ ତଥା ବିଶେଷତଃ ଇଂଲିଶ ଶବ୍ଦଗୁଡ଼ିକର ଠିକ୍ ଲିପ୍ୟନ୍ତରଣ ଓ ଉଚ୍ଚାରଣ ପାଇଁ ସରକାରୀ, ବେସରକାରୀ କିମ୍ବା ଆନୁଷ୍ଠାନିକ ସ୍ତରରେ ପ୍ରୟାସ ଜରୁରୀ । ଓଡ଼ିଆ ବିଦ୍ୟାର୍ଥୀ ତଥା ଚାକିରି ଆଶାୟୀଙ୍କୁ ବହୁରାଷ୍ଟ୍ରୀୟ କାର୍ଯ୍ୟକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ ନିଜର ଯୋଗାଯୋଗ ଦକ୍ଷତା ବା କମ୍ୟୁନିକେଶନ ସ୍କିଲକୁ ଶାଣିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହିନ୍ଦୀ, ଗୁଜରାଟୀ, ମରାଠୀ ସମେତ ଦକ୍ଷିଣ ଭାରତୀୟ ଭାଷାଗୁଡ଼ିକ ଅକ୍ସଫୋର୍ଡ ଇଂଲିଶରୁ ଲିପ୍ୟନ୍ତରଣ ପଦ୍ଧତିକୁ ଏକ ମାନକ ଭାବରେ ବ୍ୟବହାର କରିସାରିଲେଣି। ଓଡ଼ିଆ ଭାଷାରେ ବ୍ରିଟିଶ (ଅତିରିକ୍ତ ଭାବରେ ଭାରତୀୟ ଓ ଆମେରିକୀୟ) ଉଚ୍ଚାରଣ ଅନୁଯାୟୀ ଗୋଟିଏ ଲିପ୍ୟନ୍ତରଣ ଭାଷାକୋଷ ପ୍ରକାଶ କରାଗଲେ ଏବଂ ସ୍କୁଲ ପାଠପଢ଼ାରେ ଫୋନେଟିକ ସଙ୍କେତ ଓ ଉଚ୍ଚାରଣଗତ ଶିକ୍ଷା ଦିଆଗଲେ ଏହି ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରନ୍ତା।

ତେବେ ଆମେ ପାରମ୍ପରିକ ଇଂଲିଶ ବନାନ ଓ ଉଚ୍ଚାରଣକୁ ଏତେ ମାତ୍ରାରେ ଅଗ୍ରାଧିକାର ଦେଇଛୁ ଯେ ଆଧୁନିକ ବା ମଡର୍ନ ଇଂଲିଶ ବନାନ ଓ ଉଚ୍ଚାରଣକୁ ଗ୍ରହଣ କରିବା ପାଇଁ ଆମକୁ ଏକ ପ୍ରକାରର ସଂଘର୍ଷ କରିବାକୁ ପଡ଼ିବ କହିଲେ ଅତ୍ୟୁକ୍ତି ହେବନାହିଁ। ଯେଉଁ ଓଡ଼ିଆମାନେ ଇଂଲିଶ କହିବାରେ ଦକ୍ଷତା ଲାଭ କରିଛନ୍ତି, ନିଶ୍ଚିତ ଭାବରେ ଏହା ପଛରେ ସେମାନଙ୍କର ବ୍ୟକ୍ତିଗତ ପ୍ରଚେଷ୍ଟା ରହିଛି, ତେବେ ଆନୁଷ୍ଠାନିକ ଭାବରେ ନୁହେଁ। ଇଂଲିଶ ଶବ୍ଦକୁ ଓଡ଼ିଆ ଲିପିରେ ଲେଖିବା ସମ୍ବନ୍ଧୀୟ କୌଣସି ଆନୁଷ୍ଠାନିକ ନିର୍ଦ୍ଦେଶାବଳୀ ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ। ଆଇପିଏକୁ ଅନୁସରଣ କରି ଏହାକୁ ପଢ଼ିବା ଓ ଲେଖିବା ଆରମ୍ଭ କରିପାରିଲେ ଧୀରେଧୀରେ ସେସବୁ ଆମ କଥିତ ଓ ଲିଖିତ ଭାଷାର ଅଙ୍ଗ ହୋଇଯିବ।

**ଅଠରଭାଗ, ପିପିଲି**
**ମୋ: ୯୮୧୮୮୪୭୮୦୬**

# ନୀରବ ପ୍ରତିକ୍ରିୟା



ଦେବେନ୍ଦ୍ର କର

ପ୍ରତ୍ୟେକ କ୍ରିୟାର ବିପରୀତ ପ୍ରତିକ୍ରିୟା ରହିଛି। ଏଣୁ କଥା କହିଲା ବେଳେ ଭାବିଚିନ୍ତି କହିବା ନିହାତି ଜରୁରୀ। ସବୁ ସମୟରେ ଧ୍ୟାନ ପୂର୍ବକ ପ୍ରତିକ୍ରିୟା ରଖିବା ବଡ଼ ଗୁରୁତ୍ୱପୂର୍ଣ୍ଣ। କାର୍ଯ୍ୟ ହେବ ବା ଘଟିବ ଆଉ ସେଇ ଅନୁରୂପ ଫଳାଫଳ ବି ନିଶ୍ଚିତ। କ୍ରିୟା ଅନୁରୂପ ପ୍ରତିକ୍ରିୟା ସମାନ ଫଳାଫଳ ଦେଇପାରେ, ପୁଣି କେବେ ସମ୍ପୂର୍ଣ୍ଣ ଭିନ୍ନ। ବିଜ୍ଞାନ କୁହେ 'ଏଭ୍ରି ଆକ୍ସନ ଦେଆର ଇଜ୍ ଆନ୍ ଇକୁଆଲ ଆଣ୍ଡ ଅପୋଜିଟ ରିଆକ୍‌ସନ'। ପ୍ରତ୍ୟେକ ଘଟଣା ବା ପ୍ରତିକ୍ରିୟା ପରେ କେମିତି, କାହିଁକି ଆଉ କିପରି ହେଲା ପ୍ରଶ୍ନ ପରେ ପ୍ରଶ୍ନ ଉଠେ। କାରଣ ନିଆଁ ନ ଥିଲେ ଧୂଆଁ କିପରି ଆସିଲା ଏହା ତ ମନରେ ଆସିବା ସ୍ୱାଭାବିକ। କ୍ରିୟା ପ୍ରତିକ୍ରିୟା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି। କ୍ରିୟାର କି ରୂପ ହେବ ପୂର୍ବାନୁମାନ କରିବା ସମ୍ଭବ ନୁହେଁ, କିନ୍ତୁ କ୍ରିୟାର ପ୍ରତିକ୍ରିୟା ନିଶ୍ଚିତ ହେବ ଏଥିରେ ସନ୍ଦେହ ନାହିଁ। କଳିକଜିଆ ବେଳେ ଅନେକେ ତାଚ୍ଛଲ୍ୟକରି କୁହନ୍ତି, ଗୋଟେ ହାତରେ କ'ଣ କେବେ ତାଳି ବାଜିଲାଣି। କ୍ରିୟା ସହ ଯୋଗହୋଇ ରହିଛି ପ୍ରତିକ୍ରିୟା। ଆମେ ମନ ଜିଣିବା ପରି ସ୍ନେହ ଆଦରପୂର୍ଣ୍ଣ କଥାଟି କହିଲେ ଅନ୍ୟ ଜଣେ ନିଶ୍ଚୟ ଆଦର ପୂର୍ଣ୍ଣ ବ୍ୟବହାର ଦେଖାଇବେ। ଅସମୟରେ ଅନ୍ୟକୁ ଆମେ ପ୍ରତିଶ୍ରୁତି ଦେଇ ପାଳନ କରିଥିଲେ କେହି ନିଶ୍ଚୟ ଆମ ବେଳକୁ ଆଗେଇଆସିବେ। ଅନ୍ୟର ଗାଳି କଟୁ ଶବ୍ଦକୁ ସହ୍ୟକରିବା କଷ୍ଟକର ହୋଇଥିଲେ ବି ବେଳେ ବେଳେ ନୀରବତା ଅବଲମ୍ବନ ଜରୁରୀ ହୋଇଥାଏ। ଅନ୍ୟଥା ବିଷମ ପରିସ୍ଥିତିର କାରଣ ସାଜେ। ସମୟ ପରିସ୍ଥିତିରେ ଚୁପ୍ ରହିବା ଏକ ଭଲ ପ୍ରତିକ୍ରିୟା। ବିପକ୍ଷ ମୁହଁରେ ଜବାବ ଦେବାର ନୀରବତା ଗୋଟେ ଉତ୍ତମ ଅସ୍ତ୍ର। ଗୁରୁଜନମାନେ ତ୍ରୁଟି ସୁଧାରକ, ମାର୍ଗଦର୍ଶକ ଓ ଶୁଭ ଚିନ୍ତକ। ପ୍ରତିକ୍ରିୟା ଶୂନ୍ୟରେ ସେମାନଙ୍କ କଥାକୁ ଗ୍ରହଣ କରିନେଲେ ଜୀବନ ପଥ ହୋଇଯାଏ ସରଳ ଆଉ ସୁଗମ।

କ୍ରିୟା ପ୍ରତିକ୍ରିୟା ଅଛି ବୋଲି ତ ଦୁନିଆ ଚାଲିଛି। ସୃଷ୍ଟି ଆରମ୍ଭରୁ ଜଡ଼ ନିର୍ଜୀବ ଆଉ ସଜୀବ ସମସ୍ତେ କ୍ରିୟା ପ୍ରତିକ୍ରିୟା କ୍ରିୟାକଳାପ ସହ ଜଡ଼ିତ ରହି ଆସିଛନ୍ତି। ଆଉ ଏ କଥା ବି ସତ ଯେ ବିନା କ୍ରିୟାରେ ଦୁନିଆ ଅଚଳ କହିଲେ ଚଳେ। ଧ୍ୱନିର ପ୍ରତିଧ୍ୱନି ପରି କ୍ରିୟାର ପ୍ରତିକ୍ରିୟା ଲେଉଟି ଆସେ। ଉଭୟ କ୍ରିୟା ପ୍ରତିକ୍ରିୟାରୁ ପ୍ରାପ୍ତହୁଏ ଫଳାଫଳ। କିନ୍ତୁ ଉଭୟ ମାଧ୍ୟମରେ ଅନେକ ଫରକ ଆଉ ଅନ୍ତର। ଭୂମି ଉପରେ ଆକାଶକୁ ବଲ୍‌ଟି ଫିଙ୍ଗିଲେ ଯେତିକି ବେଗରେ ନ ଯାଏ ତା'ଠାରୁ ଅଧିକ ବେଗରେ ଭୂପୃଷ୍ଠକୁ ଲେଉଟିଆଏ। ରକେଟ୍‌ଟି ମହାକାଶକୁ ଯେତିକି ବେଗରେ ଯାଏ ସେଭଳି ନିଆଁ ଓ ଧୂଆଁ ପଛକୁ ଫିଙ୍ଗିଆଏ। ଆଉ ତୁଣ୍ଡରୁ ଯେମିତି ଶବ୍ଦ ନିକ୍ଷେପ ହେବ ସେଇ ଅନୁରୂପ ଶବ୍ଦ ଆମେ ସାମ୍ନା କରିବାକୁ ପ୍ରସ୍ତୁତ ରହିବାକୁ ହେବ। ଅନ୍ୟପଟେ କର୍ମ ଆଉ ଫଳରେ କେବଳ ସମୟର ବ୍ୟବଧାନ। ବାସ୍ତବ ଜୀବନ କୁହେ, କର୍ମ ସିଦ୍ଧାନ୍ତରେ ଜୀବନରଥ ଧାବମାନ। ଯିଏ ଯେଉଁ ଭଳି କର୍ମ କରେ ସେଇ ଫଳ ପାଏ। ଜୀବନ ସୁଖଦୁଃଖ ସମାହାରରେ ଗଢ଼ା। ଦୁଃଖ ନ ଥିଲେ ସୁଖ ଅତି ସାମାନ୍ୟ ମନେହେବ। ରାତି ସହ ଯୋଡ଼ିହୋଇଛି ଦିନ। କେବଳ ଯଦି ଆଲୋକ ରହିବ ଅନ୍ଧକାରର କୌଣସି ଅସ୍ତିତ୍ୱ ରହିବ ନାହିଁ ଆଉ ଉଜ୍ଜ୍ୱଳ ଆଲୋକ ତା' ଚମକ ହରାଇବ। ଏ କଥାରୁ ଗୋଟିଏ କଥା ସ୍ପଷ୍ଟ ଯେ କ୍ରିୟା ପ୍ରତିକ୍ରିୟା ଅଭିନ୍ନ ହୋଇପାରିବେ ନାହିଁ। ବଡ଼ କଥା ହେଲା ଉଭୟଙ୍କ ମଧ୍ୟରେ ସମନ୍ୱୟ ଏବଂ ସନ୍ତୁଳନ ରକ୍ଷା। ତେବେ ଯାଇଁ ସୃଷ୍ଟିର ଭାରସାମ୍ୟ ବଜାୟ ରହିବ।

ଥରେ ଏକ ଲୁହା କାରଖାନାରେ ସାପଟେ ପଶିଗଲା। ସେ କିବା ଜାଣେ ଶକ୍ତ ଲୁହାର ଦମ୍ଭକୁ। ଖୁସି ମନରେ ଏଣେତେଣେ ବୁଲିଲା। ଗୋଟେ ଲୁହା ଟେବୁଲ ଅତିକ୍ରମକରି ଆଗକୁ ଯାଉଯାଉ ଟେବୁଲ ଗୋଡ଼ରେ ଥିବା ଟିକି ଧାରୁଆ ଖଣ୍ଡରେ ଘଷିହୋଇଯିବାରୁ ତା' ଦେହରେ ଖଣ୍ଡିଆ ହୋଇଗଲା। ରାଗରେ ସେ ଟେବୁଲ ଗୋଡ଼ରେ ଗୁଡ଼େଇ ହୋଇ ତାକୁ ମୋଡ଼ିବାକୁ ଚେଷ୍ଟାକଲା ସେଥିରେ ବିଫଳହେବାରୁ ବାରବାର ଚୋଟ ମାରିବାକୁ ଲାଗିଲା। ଶେଷରେ ଚୋଟମାରି ରକ୍ତାକ୍ତ ହେଲା ଆଉ ନିଜ ଜୀବନ ହାରିଲା। ବର୍ତ୍ତମାନ ଏହି କାହାଣୀର ମୂଳ ବିଷୟ ହେଉଛି ଯେ ଭଲ ଜୀବନଯାପନ କରିବାକୁ ବେଳେବେଳେ ଆମେ କିଛି ଜିନିଷ, କିଛି ଲୋକ, କିଛି ଘଟଣା, କିଛି କାର୍ଯ୍ୟ ଏବଂ କିଛି ଜିନିଷକୁ ଅଣଦେଖା କରିବା ଉଚିତ। ମାନସିକ ଶାନ୍ତି ବଜାୟ ରଖିବାକୁ ପାରିପାର୍ଶ୍ୱକୁ ଅବହେଳା କରିବାକୁ ନିଜକୁ ଅଭ୍ୟସ୍ତ କରିବାକୁ ହେବ। ପ୍ରତ୍ୟେକ କାର୍ଯ୍ୟ ପାଇଁ ଆମେ ଏକ ପ୍ରତିକ୍ରିୟା ଦେଖାଇବା ଜରୁରୀ ନୁହେଁ। ଆମର କିଛି ପ୍ରତିକ୍ରିୟା କେବଳ ଆମକୁ କ୍ଷତି ପହଞ୍ଚାଇବ ନାହିଁ ବରଂ ଆମକୁ ଶେଷ ବି କରିପାରେ। ସବୁଠାରୁ ବଡ ଶକ୍ତି ହେଉଛି ଧୈର୍ଯ୍ୟ। କ୍ରିୟା ଶକ୍ତି ହେଲେ ନୀରବତା ସାଧନା। ପ୍ରତିକ୍ରିୟା ଦେବା ପରିବର୍ତ୍ତେ ନୀରବତା ଅବଲମ୍ବନ କରିବା ନିତାନ୍ତ ଜରୁରୀ।

**ମଙ୍ଗଳାବାଗ, ନିୟୋଗୀ କଲୋନି, କଟକ**
**ମୋ: ୯୯୩୭୯୬୩୯୧୦**

## ଚିରନ୍ତନୀ

ଭାବଇଁ ଚକିତେ କେତେ କାଳ ଏହି ମତି
ଶୂନ୍ୟ ଏ ଘରେ ଜାଳିବି ଏକା ମୋ ବତୀ
ରୂପ-ହୋମାନଳେ ସମିଧ କରିବି ଦେହ
ପୀରତି-ବେଦୀରେ ଜଣାଉଥିବି ମୋ ନିତି ।
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକଙ୍କ ଛାଟ ଏବଂ ପୋଲିସର ଲାଠି

ମହାଶୟ,

ପିଲାଙ୍କୁ ଶିକ୍ଷକମାନେ ବାଡ଼େଇ ତାଗିଦକରି ସୁନ୍ଦର ଓ ମାର୍ଜିତ କରି ଗଢ଼ିଥାନ୍ତି। ୧୬ ବର୍ଷ ବେଳକୁ ପିଲା କଲେଜକୁ ଗଲେ ଶିକ୍ଷକମାନେ ତାକୁ ଗାଳିଦେବାକୁ ସାହସ କରନ୍ତିନାହିଁ କି ତାଙ୍କର ଛାଟ ଛାତ୍ର ଉପରକୁ ଉଠିଯାଏ ନାହିଁ। କେଉଁ ଶିକ୍ଷକ ଯଦି କୌଣସି ପିଲାକୁ ଜୋରକରି ମାଡ଼ ମାରନ୍ତି ଏବଂ ତା'ର କ୍ଷତି ହେଲା, ସେହି ଶିକ୍ଷକଙ୍କ ଉପରେ ଦଣ୍ଡବିଧାନ କରାଯାଏ। କିନ୍ତୁ ସରକାର ଯାହା ନିର୍ଦ୍ଦେଶ ଦେଲେ ତାହା କାର୍ଯ୍ୟକାରୀ ହୋଇଗଲା। ବର୍ତ୍ତମାନ ଦେଖାଯାଉଛି ପୋଲିସଙ୍କୁ ଏତେ କ୍ଷମତା ଦିଆଯାଇଛି ଯେ ସେମାନେ ଦୋଷୀ ହୁଅନ୍ତୁ ବା ନିର୍ଦ୍ଦୋଷ ସମସ୍ତଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି। ଲାଞ୍ଚ ନେଇ ଧରା ହେଉଛନ୍ତି। ସେମାନଙ୍କ ହାତରୁ ତ ଲାଠି ଛଡ଼ାଇ ନିଆଯାଉନାହିଁ। ପୋଲିସ ହାତରେ ଲାଠି ରହିବା ଉଚିତ। କିନ୍ତୁ ସେମାନେ ନିଜର ଚରିତ୍ରରେ ସଂଯମ ରକ୍ଷା କରିବା ନିହାତି ବାଞ୍ଛନୀୟ।

**-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରାଉତାଳ ଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ସାଥୀ ପରିବାର ଅନୁଷ୍ଠାନ ସଭାପତି ସିଦ୍ଧାର୍ଥ ପ୍ରଧାନ, ଉପଦେଷ୍ଟା ସୁଶାନ୍ତ କୁମାର ତ୍ରିପାଠୀ ଓ ଗ୍ରାମ ସଭାପତି ନିରଞ୍ଜନ ସାହୁଙ୍କ ସହ ମହିଳାମାନେ।

# ଘରକୁ ପ୍ଲାଷ୍ଟିକ୍ ପୂରାଇ ଦିଅନି: ଆଦ୍ୟାଶା

## ଜରଡ଼ାସ୍ଥିତ ବିଏମ୍ ହାଇସ୍କୁଲ୍‌ରେ 'ଏକକ ପ୍ଲାଷ୍ଟିକ୍ ବ୍ୟବହାର ଜୈବ ବିବିଧତା ପ୍ରତି ବିପଦ' କାର୍ଯ୍ୟକ୍ରମ

ଅନୁଗୋଳ,୧୧।୧୨ (ମାନସ ବିଶ୍ୱାଳ)

ପରିବେଶ ତଥା ଜୈବ ବିବଧତାକୁ ସୁରକ୍ଷିତ ରଖିବାକୁ ହେଲେ ଘରକୁ ପ୍ଲାଷ୍ଟିକ୍ ପୂରାଇ ନ ଦେବାକୁ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଛନ୍ତି। ଅନୁଗୋଳ ଜିଲା ବଁଅରପାଳ ବ୍ଲକ ଜରଡ଼ା ସ୍ଥିତ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ 'ସାଥୀ ପରିବାର' ପକ୍ଷରୁ ଗୁରୁବାର ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଏକକ ପ୍ଲାଷ୍ଟିକ୍ ବ୍ୟବହାର ଜୈବ ବିବିଧତା ପ୍ରତି ବିପଦ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଚାଷ ବିଷ ଓ ରାସାୟନିକ ମୁକ୍ତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ 'ସାଥୀ ପରିବାର'ର ଉପଦେଷ୍ଟା ସୁଶାନ୍ତ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଥୀ ପରିବାର ସଭାପତି ସିଦ୍ଧାର୍ଥ ପ୍ରଧାନ, ବିଦ୍ୟାଳୟ ସହକାରୀ ଶିକ୍ଷକ ତରଣୀସେନ ସାହୁ ପରିବେଶ ସୁରକ୍ଷା, ବାୟୁ ପ୍ରଦୂଷଣ ରୋକିବା ଉପରେ ଛାତ୍ର ଅବସ୍ଥାରୁ ସଚେତନ ରହିବା ପାଇଁ ମତବ୍ୟକ୍ତ କରିଥିଲେ। ପୂର୍ବରୁ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପରିବେଶ ସନ୍ତୁଳନରେ ଜୀବଜନ୍ତୁଙ୍କ ଭୂମିକା ସ୍ୱତନ୍ତ୍ର: ତଥାଗତ

## ରାଉତାଳରେ ଧରିତ୍ରୀ, ସାଥୀ ପରିବାର ଓ ଗ୍ରାମବାସୀଙ୍କ ସହଯୋଗରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ

ଅନୁଗୋଳ,୧୧।୧୨(ଦିବ୍ୟଶାନ୍ତନୁ ନାଥ)

ପରିବେଶ ସନ୍ତୁଳନରେ ଜୀବଜନ୍ତୁଙ୍କ ସ୍ୱତନ୍ତ୍ର ଭୂମିକା ରହିଛି ବୋଲି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ଗୁରୁବାର ଅନୁଗୋଳ ଜିଲା ବଁଅରପାଳ ବ୍ଲକ ବଡ଼ହିଂସର ପଞ୍ଚାୟତ ଅନ୍ତର୍ଗତ ରାଉତାଳ ଗାଁରେ 'ଧରିତ୍ରୀ', 'ସାଥୀ ପରିବାର' ଓ ଗ୍ରାମବାସୀଙ୍କ ସହଯୋଗରେ 'ଜଙ୍ଗଲ ବନ୍ୟପ୍ରାଣୀ ସଂରକ୍ଷଣ ଓ ଗ୍ରାମୀଣ ପରିବେଶ ସୁରକ୍ଷାରେ ସ୍ଥାନୀୟ ଅଧିବାସୀଙ୍କ ଯୋଗଦାନ' ସଂକ୍ରାନ୍ତୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତଥାଗତ ଏହା କହିଛନ୍ତି।

କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ନେଇ 'ସାଥୀ ପରିବାର'ର ଉପଦେଷ୍ଟା ସୁଶାନ୍ତ କୁମାର ତ୍ରିପାଠୀ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଗ୍ରାମବାସୀଙ୍କୁ ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ଓ ଏହା ଏକ ସ୍ୱର ହୋଇ ଉଠିବା ଦରକାର ବୋଲି କହିଥିଲେ। ଏଥିରେ ରାଉତାଳ ଗ୍ରାମ ସଭାପତି ନିରଞ୍ଜନ ସାହୁ, 'ସାଥୀ ପରିବାର' ସଭାପତି ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ସେମାନଙ୍କ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମହିଳାମାନେ ପରିବେଶ ସମ୍ବନ୍ଧୀୟ ଅନୁଭୂତି ବାଣ୍ଟିଥିଲେ।



'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ରାଉତାଳ ଗ୍ରାମରେ ମହିଳାମାନଙ୍କ ସହ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରୁଛନ୍ତି।




ଜରଡ଼ାସ୍ଥିତ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପରିବେଶ ସଚେତନତା କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ସାଥୀ ପରିବାର ଅନୁଷ୍ଠାନ ସଭାପତି ସିଦ୍ଧାର୍ଥ ପ୍ରଧାନ, ଉପଦେଷ୍ଟା ସୁଶାନ୍ତ କୁମାର ତ୍ରିପାଠୀ ଓ ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁ ମଞ୍ଚାସୀନ।



କାର୍ଯ୍ୟକ୍ରମରେ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର।

# ରାସ୍ତା ପାର୍ଶ୍ୱରେ ପଡ଼ିଛି ସରକାରୀ ଔଷଧ

## ସ୍ୱାସ୍ଥ୍ୟ ବିଭାଗର ତଦନ୍ତ ଆରମ୍ଭ

ବାଲେଶ୍ୱର(ବାଞ୍ଛାନିଧି ଦେ)/ରସାଲପୁର (ଶରତ ସାମଲ), ୧୧।୧୨

ରୋଗୀଙ୍କୁ ଦିଆଗଲାନି। ହେଲେ ରାସ୍ତା ପାର୍ଶ୍ୱରେ ପଡ଼ିଛି ସରକାରୀ ଔଷଧ। ୨୦୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ଅବଧି ଥିବା ମାଲ ମାଲ ସରକାରୀ ଔଷଧ ପ୍ୟାକେଟ୍ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର କିଛି କି.ମି. ଦୂର ତୁଣ୍ଡରା ରାସ୍ତା ପାର୍ଶ୍ୱରେ।

ଶ୍ରୀଜଙ୍ଗ-ରସାଲପୁର ରାସ୍ତାର ତୁଣ୍ଡରା ନିକଟରେ ଅବଧି ସରି ନ ଥିବା ଔଷଧ ମେଡିକାଲରେ ରହିବା ପରିବର୍ତ୍ତେ ରାସ୍ତା ପାର୍ଶ୍ୱ ଅଳିଆଗଦାରେ ପଡ଼ିଛି। ଗୋଟିଏ କି ଦୁଇ ପ୍ୟାକେଟ୍ ନୁହେଁ ଶହେରୁ ଊର୍ଦ୍ଧ୍ୱ ପ୍ୟାକେଟ୍ ଆଇରନ୍ ଓ ଫଲିକ ଏସିଡ୍ ସିରପ୍ ପଡ଼ିଥିବା ଗୁରୁବାର ଦେଖିବାକୁ ମିଳିଥିଲା। ରୋଗୀମାନଙ୍କୁ ମାଗଣାରେ ଦିଆଯିବା ପରିବର୍ତ୍ତେ ସେଗୁଡ଼ିକୁ ରାସ୍ତା ପାର୍ଶ୍ୱ ଫିଙ୍ଗାଯିବା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଔଷଧ ଓ ସିରପ୍‌ରେ 'ଓଡ଼ିଶା ସରକାରଙ୍କ ଯୋଗାଣ, ବିକ୍ରୟ ପାଇଁ ନୁହେଁ' ବୋଲି ଲେଖାଥିବା ଦେଖିବାକୁ ମିଳିଛି। ଔଷଧର ଏକ୍ସପାଏରୀ ଡେଟ୍ ୨୦୨୬ ସେପ୍ଟେମ୍ବର ରହିଛି। ଅବଧି ସରିବାକୁ ଆହୁରି ୯ ମାସରୁ ଅଧିକ ସମୟ ବାକି ଥିବା ବେଳେ କାହିଁକି ଔଷଧ ଫିଙ୍ଗି ଦିଆଗଲା ଏବଂ କେଉଁଠୁ ଏହି ଔଷଧ ଆସିଲା ସେନେଇ ସବୁଠି ଚର୍ଚ୍ଚା ହେଉଛି। ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହୋଇ ରୋଗୀଙ୍କୁ ସରକାରୀ ମେଡିକାଲରେ ମାଗଣା ଔଷଧ ଠିକ୍ ଭାବେ ମିଳୁ ନ ଥିବା ବେଳେ ନିରାଶ ହୋଇ ବାହାରୁ ଔଷଧ କିଣାଯାଉଥିବା ଦେଖିବାକୁ ମିଳୁଛି। ଅଭିଯୋଗ ପାଇ ସିଡିଏମ୍‌ଓ ଡା. ପ୍ରଭାତ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ରାମଚନ୍ଦ୍ର କିସ୍କୁ, ବିପିଏମ୍ ସଞ୍ଜୟ ପାତ୍ରଙ୍କ ସମେତ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଏ ସମ୍ପର୍କରେ ସିଡିଏମ୍‌ଓ ଡା. ପ୍ରଭାତ କୁମାର ବେହେରାଙ୍କୁ ପଚରାଯିବାରୁ ଘଟଣା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ ପାଇଁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି। ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାସ୍ତା ପାର୍ଶ୍ୱରେ ଔଷଧ ଫିଙ୍ଗାଯିବା ଘଟଣାରେ ଯେଉଁ ଅଧିକାରୀ କିମ୍ବା କର୍ମଚାରୀଙ୍କ ସମ୍ପୃକ୍ତି ଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଔଷଧ।



ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି।

# ବସ୍ ଧକ୍କାରେ ବାଇକ୍‌ରେ ଯାଉଥିବା ୨ ଛାତ୍ରଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ଏନ୍‌ଏଚ୍‌ରେ ରାସ୍ତାରୋକୋ

ରାୟଗଡ଼ା,୧୧।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ରାମନାଗୁଡା ଥାନା ଅନ୍ତର୍ଗତ ପାଲୁପାଇ ଗ୍ରାମ ନିକଟରେ ଗୁରୁବାର ସକାଳେ ଜାତୀୟ ରାଜପଥ -୩୨୬ରେ ଏକ ଘରୋଇ ବସ୍ କାମଧେନୁ (ନଂ ଓଆର୦୭ଏକ୍ସ୯୬୧୭) ସହ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୨ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବେନ୍ଦ୍ର ଶବର ଓ ବିଷ୍ଣୁ ଶବର। ଉଭୟ କୋଲନରା ବ୍ଲକ୍ ବାଡ଼ିସୋଲା କଲେଜ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ବୋଲି ଜଣାପଡ଼ିଛି। ଗୁଡ଼ାରି ସୌରା ସାହିର ଦେବେନ୍ଦ୍ର ଓ ପେଣ୍ଡିଲି ପଞ୍ଚାୟତ ବଡ଼ଗୁଡା ଗ୍ରାମର ବିଷ୍ଣୁ ଗୁରୁବାର ସକାଳୁ ବାଇକ୍ ଯୋଗେ କଲେଜକୁ ପରୀକ୍ଷା ଦେବାକୁ ଯିବା ସମୟରେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ। ଉଭୟଙ୍କୁ ଉଦ୍ଧାରକରି ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ।

ମୃତ ୨ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରିବା ସହ ଅପରାହ୍ନ ୪ଟାରେ ଦୁର୍ଘଟଣାସ୍ଥଳ ପାଲୁପାଇରେ ରାସ୍ତାରୋକୋ କରିଥିଲେ। ରାସ୍ତା ଅବରୋଧ ଯୋଗୁ ୩୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ପ୍ରଭାବିତ ହୋଇଥିଲା। ଘଟଣାସ୍ଥଳରେ ରାମନାଗୁଡା ବିଡିଓ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ ପ୍ରମୁଖ ଉପସ୍ଥିତ ରହି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତ ୨ ଛାତ୍ରଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ରାମନାଗୁଡ଼ା ଆଇଆଇସି ସୁନୀତା ବେହେରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ରାୟଗଡ଼ା ଜିଲାରେ ଗତ ନଭେମ୍ବର ସୁଦ୍ଧା ୧୩୩ ଜଣ ପୃଥକ୍ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।




ମୃତ ଛାତ୍ର ଦେବେନ୍ଦ୍ର ଶବର ଓ ବିଷ୍ଣୁ ଶବର

# ଡିସେମ୍ବର ୧୭ରେ ଓଟିଇଟି: ଅନ୍‌ଲାଇନରେ ମିଳିଲା ଆଡ୍‌ମିଟ୍ କାର୍ଡ

କଟକ,୧୧।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ୨୦୨୫ ଆସନ୍ତା ଡିସେମ୍ବର ୧୭ରେ ଅନୁଷ୍ଠିତ ହେବ। ଉକ୍ତ ଦିନ ୨ଟି ପର୍ଯ୍ୟାୟରେ ପରୀକ୍ଷା ହେବ। ସକାଳ ୯ଟାରୁ ୧୧.୩୦ ଯାଏ ପେପର-୧ ପରୀକ୍ଷା ଓ ଅପରାହ୍ନ ୨ଟାରୁ ୪.୩୦ ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ। ଏଥିନିମନ୍ତେ ଆଡ୍‌ମିଟ୍ କାର୍ଡ ଡିସେମ୍ବର ୧୦ ତାରିଖରୁ ଅନ୍‌ଲାଇନେରେ ଉପଲବ୍ଧ ହୋଇଛି। ବୋର୍ଡ ୱେବସାଇଟ www.bseodisha.ac.inରେ ଆବଶ୍ୟକ ତଥ୍ୟ ପ୍ରଦାନ କରି ପରୀକ୍ଷାର୍ଥୀମାନେ ନିଜ ଆଡ୍‌ମିଟ୍ କାର୍ଡ ଡାଉନଲୋଡ କରିପାରିବେ।

# ଓଡ଼ିଆ ନବବର୍ଷରେ ଖୋଲିବ ସିଏଜି କାର୍ଯ୍ୟାଳୟର ପୂର୍ବାଞ୍ଚଳ ଶାଖା

ଭୁବନେଶ୍ୱର,୧୧।୧୨ (ରବିନାରାୟଣ ଜେନା)

ଓଡ଼ିଆ ନବବର୍ଷ ଅବସରରେ ଏପ୍ରିଲ ୧୫ରେ ଭାରତର ନିୟନ୍ତ୍ରକ ତଥା ମହା ଲେଖା ପରୀକ୍ଷକ(ସିଏଜି)ର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ଖୋଲିବ। ଏସଂକ୍ରାନ୍ତରେ ସିଏଜିଙ୍କ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ପିଆର. ନିର୍ଦ୍ଦେଶକ ସ୍ୱାତୀ ପାଣ୍ଡେ ଦର୍ଶାଇଛନ୍ତି, ଆସନ୍ତା ୨୦୨୬ ଏପ୍ରିଲ ୧୫ରେ ଭୁବନେଶ୍ୱରରେ ଏହି ଶାଖା ଖୋଲିବାକୁ ସିଏଜିଙ୍କ ଅନୁମୋଦନ ରହିଛି ; ଯାହା ପୂର୍ବ ଭାରତରେ ତଦାରଖ ବିକେନ୍ଦ୍ରୀକରଣ ଏବଂ ଅଡିଟ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭୂମିକା ଗ୍ରହଣ କରିବ।

ସୂଚନା ଅନୁଯାୟୀ, ପୂର୍ବାଞ୍ଚଳ ମୁଖ୍ୟାଳୟ ଜଣେ ଉପନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଡେପୁଟି ସିଏଜି)/ଅତିରିକ୍ତ ଉପ ନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଅତିରିକ୍ତ ଡେପୁଟି ସିଏଜି) (ପୂର୍ବାଞ୍ଚଳ) ଅଧୀନରେ ଏହା କାର୍ଯ୍ୟ କରିବ। ବର୍ତ୍ତମାନ ଦିଲ୍ଲୀ ସିଏଜି ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ପୂର୍ବାଞ୍ଚଳ ଶାଖାର ସମସ୍ତ କାର୍ଯ୍ୟ ଭୁବନେଶ୍ୱର ପୂର୍ବାଞ୍ଚଳ ଶାଖାରେ ସମ୍ପାଦିତ ହେବ। ନୂତନ ମୁଖ୍ୟାଳୟ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଅଡିଟ କାର୍ଯ୍ୟାଳୟଗୁଡ଼ିକୁ ତଦାରଖ କରିବ ; ଯାହା ୪ଟି ରାଜ୍ୟରେ ଅଡିଟ୍ କାର୍ଯ୍ୟକଳାପର ଅଧିକ ସମନ୍ୱୟ ଏବଂ ଉତ୍ତମ ତଦାରଖ କରିବାକୁ ସକ୍ଷମ କରିବ। ଏହି ପଦକ୍ଷେପକୁ ଦାୟିତ୍ୱ ବୃଦ୍ଧି ଏବଂ ସାର୍ବଜନୀନ ଆର୍ଥିକ ପରିଚାଳନାର ଗୁଣବତ୍ତା ଉନ୍ନତ କରିବା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇପାରିବ ବୋଲି ପିଏଜିଙ୍କ ପକ୍ଷରୁ କୁହାଯାଇଛି।

# ଭାଜପାରେ ମିଶିଲେ ବାସୁଦେବପୁରର ବହୁ ବିଜେଡି ନେତା

ଭୁବନେଶ୍ୱର, ୧୧।୧୨(ସୁନିତ୍ ମିଶ୍ର)

ଦେଖିବାକୁ ଗଲେ ପ୍ରାୟ ପ୍ରତ୍ୟେକ ଦିନ ଭଦ୍ରକ ଜିଲାରୁ ବହୁ ବିଜେଡି ନେତା ଦଳ ଛାଡ଼ି ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ଏହାକୁ ନେଇ ଭଦ୍ରକ ଜିଲାରେ ମିଶନ ଲୋଟସ୍ ଆରମ୍ଭ ହୋଇଯାଇଥିବା ଚର୍ଚ୍ଚା ହେବାରେ ଲାଗିଛି। ଭାଜପା ରାଜ୍ୟରେ ଶାସନକୁ ଆସିବାର ୧୮ ମାସ ଭିତରେ ବିଭିନ୍ନ ଅଞ୍ଚଳର ବିଜେଡି ଓ କଂଗ୍ରେସ ନେତାମାନେ ଆସି ସରକାରୀ ଦଳରେ ସାମିଲ ହେବା ଦ୍ୱାରା ତୃଣମୂଳସ୍ତରରେ ବିରୋଧୀ ଦୁର୍ବଳ ହେଉଥିବା କୁହାଯାଉଛି। ଏହି କ୍ରମରେ ଗୁରୁବାର ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀର ଜଗନ୍ନାଥପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି ଜିଲା ସାଧାରଣ ସମ୍ପାଦକ ଭାଗୀରଥି ବଳ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଗୀରଥିଙ୍କ ସମେତ ସେହି ବିଧାନସଭା କ୍ଷେତ୍ରର ଗୋବିନ୍ଦପୁର ପଞ୍ଚାୟତର ସମିତିସଭ୍ୟ ଅର୍ଚ୍ଚନା ଜେନା, ଅସିତ ନାୟକ, ପୂର୍ବତନ ସରପଞ୍ଚ ପୀତବାସ ଖିଲାର, ଆନ୍ଦୋଳା ପଞ୍ଚାୟତର ସରପଞ୍ଚ କାମଦେବ ମଲିକ, ସମିତିସଭ୍ୟ ଶାନ୍ତିବାଳା ନାୟକ, ରଶ୍ମିରଞ୍ଜନ ନାୟକ, ନାଏବ ସରପଞ୍ଚ ସୁଶାନ୍ତ ପରିଡ଼ା, ଜଗନ୍ନାଥପ୍ରସାଦ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ହରେକୃଷ୍ଣ ଦତ୍ତ ପ୍ରମୁଖ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ଯତୀନ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ଭଦ୍ରକ ଜିଲା ସଭାପତି ଭଗବାନ ପଣ୍ଡା, ବାସୁଦେବପୁର ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି ଓ ବାସୁଦେବପୁରର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ମନମୋହନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଭାଜପା ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଦେଶର ୨୧ ରାଜ୍ୟରେ ଭାଜପା ଏବଂ ଏନ୍‌ଡିଏର ସରକାର ଅଛି। ଓଡ଼ିଶାବାସୀଙ୍କ ସହଯୋଗରେ ରାଜ୍ୟରେ ଭାଜପା ସରକାରକୁ ୧୭ ମାସ ପୂରଣ କରିଛି। ଓଡ଼ିଶାରେ ଏକାକୀ ସରକାର ଗଠନ କରିବା ଦିନରୁ ସଂକଳ୍ପପତ୍ରରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ସେଥିରୁ ଅଧିକାଂଶ ଭାଜପା ପୂରଣ କରିସାରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଭାଗୀରଥି କହିଛନ୍ତି, ବାସୁଦେବପୁରର ସ୍ୱାର୍ଥ ଏବଂ ବିକାଶ ପାଇଁ ଭାଜପାରେ ସାମିଲ ହେଲୁ।



# ସିରିଜ୍ ବରାବର କଲା ଦ. ଆଫ୍ରିକା



ଶଟ୍ ଖେଳୁଛନ୍ତି କ୍ୱିଣ୍ଟନ ଡି କକ୍।

**ମୁଲାନପୁର,୧୧।୧୨**

କ୍ୱିଣ୍ଟନ ଡି କକ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୫୧ ରନରେ ଭାରତକୁ ପରାସ୍ତ କରିଛି। ରନ୍‌ର ବ୍ୟବଧାନ ଦୃଷ୍ଟିରୁ ଏହା ଘରୋଇ ମାଟିରେ ଭାରତ ଲାଗି ସର୍ବବୃହତ୍ ଟି୨୦ ପରାଜୟ। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୧-୧ରେ ବରାବର କରିଛି। ମୁଲାନପୁର ଭେନ୍ୟୁ ପାଇଁ

**ଦ୍ୱିତୀୟ ଟି୨୦**

ଏହା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୧୪ ତାରିଖରେ ହିମାଚଳ ପ୍ରଦେଶର ଧର୍ମଶାଳାରେ ଖେଳାଯିବ।

ଦକ୍ଷିଣ ଆଫ୍ରିକା ଆରମ୍ଭରୁ ରିଜା ହେଣ୍ଡ୍ରିକ୍ସ (୮)ଙ୍କ ଉଇକେଟ ହରାଇଥିଲା। ହେଲେ ସିନିୟର ଓପନର ଡି କକ୍ ଓ ଅଧିନାୟକ ଏଡେନ ମାରକ୍ରମ ଦ୍ୱିତୀୟ ଉଇକେଟରେ ଦ୍ରୁତ ୮୩ ରନ ଯୋଡ଼ିଥିଲେ। କ୍ରିଜରେ ସେଟ୍ ଥିବା ମାରକ୍ରମ ୨୯ ଏବଂ ଶତକ ଆଡ଼େ ଅଗ୍ରସର ହେଉଥିବା ଡି କକ୍ ୪୬ ବଲରେ ୯୦ ରନ କରି ପାଭିଲିଅନ ଫେରିଥିଲେ। ତାଙ୍କ ଇନିଂସରେ ୫ ଚୌକା ଓ ୭ ଛକା ସାମିଲ ଥିଲା। ଶେଷ ଆଡ଼କୁ ଡେଭିଡ୍ ମିଲର ୨୦ (୨ ଚୌକା ଓ ୧ ଛକା) ଓ ଡୋନୋଭନ ଫେରେଇରା ୩୦(୧ ଚୌକା ଓ ୩ ଛକା) ରନ କରିଥିଲେ। ଫଳରେ ଦ. ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୩ ରନ କରିଛି। ଭାରତ ପକ୍ଷରୁ ବରୁଣ ୨ଟି ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଭାରତ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। କେବଳ ତିଲକ ବର୍ମାଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଭଲ ପ୍ରଦର୍ଶନ କରିପାରି ନ ଥିଲେ। ଶୁବମନ ଗିଲ ଖାତା ଖୋଲିପାରି ନ ଥିବା ବେଳେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୫, ଅଭିଷେକ ଶର୍ମା ୧୭, ଅକ୍ଷର ପଟେଲ ୨୧, ହାର୍ଦ୍ଦିକ ପାଣ୍ଡ୍ୟା ୨୦, ଜିତେଶ ଶର୍ମା ୨୭ ରନ କରିଥିଲେ। ତିଲକ ୩୪ ବଲରେ ୬୨ (୨ ଚୌକା ଓ ୫ ଛକା) ରନ କରି ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଭାରତ ୧୯.୧ ଓଭରରେ ଭାରତ ୧୬୨ ରନରେ ଅଲଆଉଟ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୨୧୩/୪ (କ୍ୱିଣ୍ଟନ ଡି କକ୍-୯୦, ଏଡେନ ମାରକ୍ରମ-୨୯, ବରୁଣ ଚକ୍ରବର୍ତ୍ତୀ-୨/୨୯, ଅକ୍ଷର ପଟେଲ-୩/୨୭)।

ଭାରତ: ୧୯.୧ ଓଭରରେ ୧୬୨/ଅଲଆଉଟ୍ (ତିଲକ ବର୍ମା-୬୨, ଜିତେଶ ଶର୍ମା-୨୭, ଓଟନେଲ ବାର୍ଟମାନ-୪/୨୪, ଲୁଥୋ ସିପମଲା-୨/୨୫, ମାର୍କୋ ଜାନସେନ-୨/୨୫)।





# ପାକିସ୍ତାନରେ ଫୁଟବଲ ମ୍ୟାଚ୍ ପରେ ଖେଳାଳିଙ୍କ ମଧ୍ୟରେ ଗଣ୍ଡଗୋଳ

**କରାଚୀ,୧୧।୧୨(ପି.ଟି.)**

ପାକିସ୍ତାନ ଆର୍ମି ଓ ୱାପଡା ଦଳ ମଧ୍ୟରେ ଖେଳାଯାଇଥିବା ନ୍ୟାଶନାଲ ଗେମ୍ସ ଫୁଟବଲ ସେମିଫାଇନାଲ ପରେ ଦୁଇ ଦଳର ଖେଳାଳି ଓ ଅଫିସିଆଲ୍ସ ପରସ୍ପରକୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ଅନେକ ଖେଳାଳି ଓ ଅଫିସିଆଲ୍ସ ଆହତ ହୋଇଛନ୍ତି। ମ୍ୟାଚ୍‌ର ସିଧାପ୍ରସାରଣ କରାଯାଉଥିବାରୁ ଖେଳାଳିଙ୍କ ମଧ୍ୟରେ ମାରପିଟ୍ ଘଟଣାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପାକିସ୍ତାନ ଫୁଟବଲ ଫେଡେରେଶନ ଓ ଦେଶର ଅଲିମ୍ପିକ୍ କମିଟି ପକ୍ଷରୁ ଏହି ଦୁର୍ଭାଗ୍ୟଜନକ ଘଟଣାର ତଦନ୍ତ କରାଯାଉଛି।

ଗୋଟିଏ ଗୋଲ ବ୍ୟବଧାନରେ ମ୍ୟାଚ୍ ଜିତିବା ପରେ ଆର୍ମୀ ଦଳର କିଛି ଖେଳାଳି ୱାପଡା ଦଳର ଡଗଆଉଟ୍ ସମ୍ମୁଖରେ ବିଜୟ ଉତ୍ସବ ପାଳନ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ୱାପଡା ଦଳର ଖେଳାଳିମାନେ ପ୍ରତିପକ୍ଷ ଦଳର ସଦସ୍ୟଙ୍କୁ ଆକ୍ରମଣ କରିଥିଲେ। ପରେ ଏଥିରେ ଅଫିସିଆଲ୍ସ ସାମିଲ ହୋଇଥିଲେ। ଏକ ଭିଡିଓରେ ଦେଖିବାକୁ ମିଳିଥିଲା ଯେ, ୱାପଡା ଦଳର କିଛି ଖେଳାଳି ମ୍ୟାଚ୍ ରେଫରିଙ୍କୁ ଗୋଡ଼େଇ ଗୋଡ଼େଇ ଚେଞ୍ଜିଂ ରୁମ୍ ପର୍ଯ୍ୟନ୍ତ ଯାଇଥିଲେ। ଏକ ରିପୋର୍ଟ ମୁତାବକ, ମ୍ୟାଚ୍ ରେଫରିଙ୍କୁ ମାଡ଼ ମରାଯାଇଥିଲା।





4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, December 12/2025 | Page 16 | ₹ 7.00 | BERHAMPUR

୫୨ଶ ଭାଗ ୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 19 | ମୂଲ୍ୟ ₹୭/-

## ୫ ବର୍ଷରେ ସବୁ ଖାଲି ପଦବୀ ପୂରଣ ହେବ: ମୁଖ୍ୟମନ୍ତ୍ରୀ




ଜଣେ ଚୟନାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ।

ଗତ ୧୮ ମାସ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩୭ ହଜାର ୯୧୬ ଜଣଙ୍କୁ ନିଯୁକ୍ତି ଦିଆଗଲାଣି। ଆଗାମୀ ୬ ମାସ ମଧ୍ୟରେ ଆଉ ୩୦ ହଜାର ପଦବୀ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରହିଛି। ପାଞ୍ଚ ବର୍ଷରେ ଖାଲିଥିବା ସମସ୍ତ ଦେଢ଼ ଲକ୍ଷ ପଦ ପୂରଣ କରିବା ସହ ଦୁଇ ବର୍ଷ ଭିତରେ ୬୫ ହଜାର ସରକାରୀ ପଦବୀ ପୂରଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତି ଦେଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଗୁରୁବାର ଆୟୋଜିତ ତ୍ରୟୋଦଶ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ୩ଟି ବିଭାଗର ୫୯୧ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରୁ କିପରି ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ଏବଂ ରାଜ୍ୟବାସୀ ସୁଶାସନ ପାଇବେ ସେନେଇ ଗୁରୁତ୍ୱାରୋପ କରିଛନ୍ତି। ନବନିଯୁକ୍ତମାନଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରୀ ଚାକିରିକୁ ସବୁବେଳେ ଜନସେବା ଭାବେ ମନେକରନ୍ତୁ। ସରକାରୀ ଚାକିରି ମିଳିଯିବା ପରେ କେବେହେଲେ କାର୍ଯ୍ୟରେ ଅବହେଳା କରନ୍ତୁ ନାହିଁ ଏବଂ ଦୁର୍ନୀତିଠାରୁ ଲକ୍ଷେ କୋଶ ଦୂରରେ ରୁହନ୍ତୁ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ଜଳସେଚନ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଭୁବନେଶ୍ୱର,୧୧।୧୨
(ରବିନାରାୟଣ ଜେନା)

### ■ ୧୮ ମାସରେ ୩୭,୯୧୬ ଜଣଙ୍କୁ ନିଯୁକ୍ତି
### ■ ବିଭିନ୍ନ ଜଳସେଚନ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

ବିକଶିତ ଗାଁ ଓ ବିକଶିତ ଓଡ଼ିଶା ମାଧ୍ୟମରେ ପ୍ରଚଳିତ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ପୌର ସଂସ୍ଥାରେ ସୁସଂଗଠିତ ଯୋଜନା, ସୁଚିନ୍ତିତ ବିକାଶ ଓ ପ୍ରଶାସନିକ କାର୍ଯ୍ୟକଳାପରେ ଯୋଜନା ସହାୟକମାନଙ୍କର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆଗାମୀ ଦିନରେ ଓଡ଼ିଶାରେ ଭିତ୍ତିଭୂମି ନିର୍ମାଣରେ ଏକ ପ୍ରକାର ଆନ୍ଦୋଳନ ହେବାକୁ ଯାଉଛି, କାରଣ ଓଡ଼ିଶାରେ ଆଶାତୀତ ଭାବେ ପୁଞ୍ଜି ବିନିଯୋଗ ପାଇଁ ବଜେଟରେ ପ୍ରାବଧାନ କରାଯାଇଛି। ପୁଞ୍ଜି ବିନିଯୋଗ କ୍ଷେତ୍ରରେ ରାଜ୍ୟ ଜିଡିପି ଅନୁପାତରେ ଓଡ଼ିଶା ଦେଶର ସବୁଠାରୁ ଅଧିକ ଖର୍ଚ୍ଚ କରୁଥିବା ରାଜ୍ୟ। ଏହା ୬.୧ ପ୍ରତିଶତରୁ ଅଧିକ ଏବଂ ସାମଗ୍ରିକ ବଜେଟର ପ୍ରାୟ ୨୨ ପ୍ରତିଶତ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭିତ୍ତିଭୂମି ନିର୍ମାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରି କୃଷକ ମାନଙ୍କର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ଆମର ଲକ୍ଷ୍ୟ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା–୩.୦' ମଧ୍ୟ ଲୋକାର୍ପିତ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ପ୍ରାୟ ୪୮ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିପାରିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ୨୨ଟି ଜିଲାରେ ୧୦୧ଟି ଚେକ୍‌ଡ୍ୟାମ୍ ଲୋକାର୍ପିତ କରାଯାଇଥିଲା। ଏଥିପାଇଁ ୭୦ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାଦ୍ୱାରା ୨୪୧୬ ହେକ୍ଟର ଜମିରେ ଜଳସେଚନ ☞ପୃଷ୍ଠା–୪

## ୧୧ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କଲା ଏନ୍‌ଆଇଏ



### ବାଙ୍କୋ ପଥର ଖଣିରୁ ୪ ହଜାର କିଲୋ ବିସ୍ଫୋରକ ଲୁଟ୍ ମାମଲା

ଭୁବନେଶ୍ୱର,୧୧।୧୨
(ତ୍ରିନାଥ ମହାନ୍ତି)

ରାଉରକେଲା ବାଙ୍କୋ ପଥର ଖଣିରୁ ୪ ହଜାର କିଲୋ ବିସ୍ଫୋରକ ଲୁଟ୍ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ଭୁବନେଶ୍ୱର ସ୍ପେଶାଲ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଲୁଟ୍ ଘଟଣାରେ ସମ୍ପୃକ୍ତ ୧୧ ମାଓବାଦୀଙ୍କ ବିରୋଧରେ ଏନ୍‌ଆଇଏ ଏକ ହଜାର ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରିଛି। ୧୧ ଅଭିଯୁକ୍ତ ହେଲେ ଜର୍ଜା ମୁଣ୍ଡା ଓରଫ କୁଲୁ ମୁଣ୍ଡା, ଅନ୍‌ମୋଲ ଓରଫ ସୁଶାନ୍ତ ଓରଫ ଲାଲ୍‌ଚନ୍ଦ ହେମ୍ବ୍ରମ, ରମେଶ ଓରଫ ପ୍ରୀତମ ମିଞ୍ଜ ଓରଫ ଅନଲ ଦା, ପିଣ୍ଟୁ ଲୋହରା ଓରଫ ଟିଗର, ଲାଲ୍‌ଜିତ ଓରଫ ଲାଲୁ, ଶିବ ବୋଦ୍ରା ଓରଫ ଶିବୁ, ଅମିତ ଓରଫ ସୁଖଲାଲ ମୁଣ୍ଡା, ରବି ଓରଫ ବୀରେନ ସିଂହ, ରାଜେଶ ଓରଫ ମାନ୍‌ସିଦ, ସୋହନ ଓରଫ ରଙ୍ଗା ପୁନେମ୍ ଏବଂ ଅପ୍ତନ ଓରଫ ଚନ୍ଦ୍ରମୋହନ ହାଁସଦା। ଏହି ୧୧ ଜଣଙ୍କ ବିରୋଧରେ ୟୁଏପିଏ ଆକ୍ଟ, ବିଏନ୍‌ଏସ୍, ଆର୍ମସ୍ ଆକ୍ଟର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ମାଓବାଦୀମାନେ ଆପରାଧିକ ଷଡ଼ଯନ୍ତ୍ର, ପ୍ରସ୍ତୁତି ଓ ହିଂସା ଘଟାଇବା ମାମଲାରେ ଜଡ଼ିତ ଥିବା ତଦନ୍ତବେଳେ ଏନ୍‌ଆଇଏ ପ୍ରମାଣ ପାଇଥିଲା। ସେମାନେ ଲୋକଙ୍କୁ ହତ୍ୟା କରିବା ଏବଂ ଭୟ ଦେଖାଇ ଦାଦାବଟି ☞ପୃଷ୍ଠା–୪



# ଔଷଧ ଦୋକାନରେ ମଦ ବିକ୍ରି

**ଯାଞ୍ଚ ବେଳେ ବିଦେଶୀ ମଦ, ଏକ୍ସପାଏରି ଔଷଧ ଜବତ**

ଭଦ୍ରକ,୧୧।୧୨(ସନାତନ ରାଉତ)

ଔଷଧ ଦୋକାନରେ ମଦ ବିକ୍ରି ହେଉଥିବା କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏଭଳି ଏକ ଘଟଣା ଭଦ୍ରକ ସହରରେ ଦେଖିବାକୁ ମିଳିଛି। ସହରର ବାଇପାସସ୍ଥିତ ଏକ ଔଷଧ ଦୋକାନରେ ଡ୍ରଗ୍ସ ବିଭାଗ ଓ ପୋଲିସ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଔଷଧ ଲାଇସେନ୍ସ ଯାଞ୍ଚ ବେଳେ ବିଦେଶୀ ମଦ ସହ ଏକ୍ସପାଏରି ଔଷଧ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଭଦ୍ରକର ଡ୍ରଗ୍ସ ଇନ୍ସପେକ୍ଟର ଦୀପକ ଜେନା ବିଭିନ୍ନ ଔଷଧ ଦୋକାନର ଲାଇସେନ୍ସ ନେଇ ଡାଟାବେସ୍ ଚେକ୍ କରିଥିଲେ। ଏଠାରେ ଥିବା ଶ୍ରୀଗଣେଶ ଔଷଧ ଦୋକାନର ଲାଇସେନ୍ସ ଅବଧି ୩ ବର୍ଷ ତଳୁ ସରିଯାଇଥିବା ଜଣାପଡ଼ିଥିଲା। ଗୁରୁବାର ଟାଉନ ପୋଲିସ ସହାୟତାରେ ଡ୍ରଗ୍ସ ବିଭାଗ ଚଢ଼ାଉ ବେଳେ ଶ୍ରୀଗଣେଶ ଔଷଧ ଦୋକାନରୁ ଓଲ୍ଡ ମଙ୍କ୍ ରମ୍, ବାକାର୍ଡି ଲେମନ ଆଦି ଲେବୁଲର ୧୬ଟି ବୋତଲରେ ପ୍ରାୟ ୧୨ ଲିଟର ମଦ ମିଳିଥିଲା। ଏହାସହ ଦୋକାନରୁ ଏକ୍ସପାଏରି ହୋଇଯାଇଥିବା ଔଷଧ ମଧ୍ୟ ବାହାରିଥିଲା। ମଦ ଓ ଏକ୍ସପାଏରି ଔଷଧକୁ ଜବତ କରାଯିବା ସହ ଦୋକାନୀଙ୍କୁ ଥାନାକୁ ନେଇ ପଚରାଉଚରା ଚାଲିଛି। ଏନେଇ ଥାନାରେ ଏକ ମାମଲା (ନଂ. ୭୦୭/୨୫) ରୁଜୁ କରାଯାଇଛି। ଦୋକାନର ସମସ୍ତ କାଗଜପତ୍ର ଯାଞ୍ଚ କରାଯାଉଛି। ସମସ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡ୍ରଗ୍ ଇନ୍ସପେକ୍ଟର ଜେନା କହିଛନ୍ତି। ଏନେଇ ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି, ଔଷଧ ଦୋକାନରେ ମଦ ବିକ୍ରି ହେଉଥିବାର ପୂର୍ବରୁ ଅଭିଯୋଗ ହୋଇଥିଲା। ସେଥିପାଇଁ ଡ୍ରଗ୍ସ ବିଭାଗ ସହ ମିଳିତ ଭାବେ ଚଢ଼ାଉ କରାଯାଇଛି। ଉକ୍ତ ଦୋକାନ ମାଲିକଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି। ଆଗକୁ ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି। ତେବେ ଗତ ୩ବର୍ଷ ଧରି ବିନା ଲାଇସେନ୍ସରେ ଭଦ୍ରକ ସହରରେ ଏପରି ଦୋକାନ କେମିତି ଚାଲିଥିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହାବ୍ୟତୀତ ଔଷଧ ଦୋକାନରୁ ଏତେ ପରିମାଣର ମଦ ମିଳିବା ଅବକାରୀ ବିଭାଗ ଓ ପୋଲିସର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଔଷଧ ଦୋକାନରୁ ଜବତ ହୋଇଥିବା ମଦ ବୋତଲ।

# ଜାଲ୍ ରସିଦରେ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ

**■ଓଏସଆରଟିସି ବସ୍ ଅର୍ଥ ଆତ୍ମସାତ**
**■ଚମ୍ପଟ ମାରିଲେ ସୁପରଭାଇଜର**

ବାରିପଦା,୧୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି) ଅଧୀନରେ ମୟୂରଭଞ୍ଜ ଜିଲାରେ ଚାଲୁଥିବା ମୋ ବସ୍ ଅର୍ଥ ଆତ୍ମସାତ ଘଟଣା ପଦାକୁ ଆସିଛି। ନକଲି ବ୍ୟାଙ୍କ ରସିଦ ମାଧ୍ୟମରେ ଟଙ୍କା ଜମା ଦର୍ଶାଇ ୧୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଛି। ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅସାଧୁ ଉପାୟ ଅବଲମ୍ବନ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଅବହେଳାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। କେବଳ କାରଣ ଦର୍ଶାଅ ନୋଟିସ ଜାରିକରି ବିଭାଗ ଚୁପ୍ ବସିଥିବାରୁ ଦୋଷୀଙ୍କୁ ଖସାଇଦେବାକୁ ପ୍ରୟାସ ଚାଲିଥିବା ଜିଲାବାସୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଓଏସ୍ଆର୍‌ଟିସି ପକ୍ଷରୁ ରାଜ୍ୟରେ ମୋ ବସ୍ ଯୋଜନା କାର୍ଯ୍ୟକାରୀ ହେଉଛି। ଜିଲାର ୨୬ଟି ବ୍ଲକ୍‌ରେ ୧୦୩ଟି ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରୁଛି। ପରିଚାଳନା ପାଇଁ ଜିଲାରେ ୨୭ଜଣ ସୁପରଭାଇଜର, ଦୁଇ ଜଣ ସହକାରୀ ମ୍ୟାନେଜର ଓ ଜଣେ ଜିଲା ମ୍ୟାନେଜରଙ୍କ ସମେତ ହିସାବ ରକ୍ଷକ ନିୟୋଜିତ ହୋଇଛନ୍ତି। ବିଶୋଇ ବ୍ଲକ୍‌ର ସୁପରଭାଇଜର ଭାବେ ଲଳିତ ବାରିକ ନିଯୁକ୍ତ ରହି ୩ଟି ବସ୍‌ର ଯାତ୍ରୀଙ୍କଠାରୁ ଆଦାୟ ହେଉଥିବା ଅର୍ଥକୁ କଣ୍ଡକ୍ଟରଙ୍କଠାରୁ ସଂଗ୍ରହ କରିଥାନ୍ତି। ଏହି ଅର୍ଥକୁ ସେ ସ୍ଥାନୀୟ ବ୍ୟାଙ୍କରେ ଜମା ଦେଇ ଏହାର ରସିଦ ଅତିରିକ୍ତ ମ୍ୟାନେଜରଙ୍କ ନିକଟକୁ ପଠାଇଥାନ୍ତି। ତେବେ ସୁପରଭାଇଜର ଜଣକ ଚଞ୍ଚକତା ପୂର୍ବକ ବିଶୋଇସ୍ଥିତ ବ୍ୟାଙ୍କରେ ଜମା ନ ରଖି ୯୦କି.ମି. ଦୂର ବଡ଼ସାହି ବ୍ଲକ୍ ଅଧୀନ ପ୍ରତାପପୁରସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଜମା କରିଥିବା ରସିଦ ପ୍ରଦାନ କରିଛନ୍ତି। ସେ ଅଧିକାଂଶ ସମୟରେ ବିଭାଗୀୟ କାର୍ଯ୍ୟାଳୟକୁ ନ ଆସିବା, ଡ୍ୟୁଟିରେ ଯୋଗ ନ ଦେବା ଓ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ନେଇ ଓଏସଆରଟିସି ବିଭାଗ ପକ୍ଷରୁ ଚିଠି ନଂ.୬୮୭/୨୬।୧୧।୨୦୨୫ରେ ନୋଟିସ ଜାରି କରାଯାଇଥିଲା। ୪୮ ଘଣ୍ଟା ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହାକୁ ସେ ବେଖାତିର କରିଥିଲେ। ୧୮ମାସ ଧରି ଯାତ୍ରୀଙ୍କଠାରୁ ଆଦାୟ ଅର୍ଥ ସେ ବ୍ୟାଙ୍କରେ ଜମା କରି ନ ଥିବା ବିଭାଗୀୟ ତଦନ୍ତରୁ ଜଣାପଡ଼ିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯ଲକ୍ଷ ୪ହଜାର ୮୯୨ ଏବଂ ୨୦୨୫-୨୬ ବର୍ଷରେ ୮ଲକ୍ଷ ୨୫ହଜାର ୫୫୨ ଟଙ୍କା ମିଶାଇ ମୋଟ ୧୭ଲକ୍ଷ ୩୦ହଜାର ୪୪୦ଟଙ୍କା ଜାଲ ରସିଦ ଓ ନକଲି ବ୍ୟାଙ୍କ ଷ୍ଟାମ୍ପ ବ୍ୟବହାର କରି ଜମା ହୋଇଥିବା ନେଇ ଦର୍ଶାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ଏ ସମ୍ପର୍କରେ ମୟୂରଭଞ୍ଜ ଓଏସ୍ଆର୍‌ଟିସି ଜିଲା ମ୍ୟାନେଜର ସତ୍ୟଜିତ ବିଷୋୟୀଙ୍କୁ ପଚାରିବାରୁ ଉକ୍ତ ସୁପରଭାଇଜରଙ୍କୁ ନୋଟିସ ଜାରି କରାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ସେ ଉତ୍ତର ନ ରଖିଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ମୁନା, ଶ୍ରୀକାନ୍ତଙ୍କ ସମେତ ୪ଜଣଙ୍କୁ ୨ଦିନିଆ ରିମାଣ୍ଡରେ ନେଲା ସିବିଆଇ

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

**■ବିହାରରୁ ଗିରଫ ନୀତିଶଙ୍କ ସହ ହେବ ମୁହାଁମୁହିଁ ଜେରା**
**■ର୍‍ୟାକେଟ୍‌ରେ ଏକାଧିକ ଏସ୍ଏସ୍‌ବି ଯବାନଙ୍କ ସମ୍ପୃକ୍ତି ସନ୍ଦେହ**
**■ସିବିଆଇ ଆକ୍ଟିଭ୍‌କୁ ନେଇ ପାୱାର କରିଡରରେ ଭୟ**
**■ବିରଞ୍ଚିଙ୍କ ଘରେ ଚଢାଉବେଳେ ଦସ୍ତାବିଜ୍ ଜବତ**

ଭୁବନେଶ୍ୱର,୧୧।୧୨(ତ୍ରିନାଥ ମହାନ୍ତି)

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାକୁ ନେଇ ସିବିଆଇ ଜଣଙ୍କ ପରେ ଜଣେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ବୁଧବାର ବିହାରରୁ ଗିରଫ ନୀତିଶ କୁମାରଙ୍କୁ ୨ଦିନିଆ ରିମାଣ୍ଡରେ ନେଇ ସିବିଆଇ ପଚରାଉଚରା କରୁଥିବାବେଳେ ଗୁରୁବାର ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ ୨ଦିନିଆ ରିମାଣ୍ଡରେ ନେଇଛି। ରିମାଣ୍ଡରେ ନେଇ ସମସ୍ତ ଅଭିଯୁକ୍ତଙ୍କୁ ସିବିଆଇ ମୁହାଁମୁହିଁ ଜେରା କରିବାର ଯୋଜନା ରଖିଥିବା କୁହାଯାଉଛି। କୋର୍ଟରୁ ଅନୁମତି ଆଣିବା ପରେ ସିବିଆଇ ଅଧିକାରୀମାନେ ଖାରପଡ଼ା ଜେଲକୁ ଯାଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଥିଲେ। ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, କେତେଜଣ ବଡ଼ ଅଧିକାରୀ ଏହି ସ୍କାମ୍ ପଛରେ ଅଛନ୍ତି, ସେନେଇ ଜେରା ପରେ ସମସ୍ତ ତଥ୍ୟ ପଦାକୁ ଆସିବ ବୋଲି ସିବିଆଇ ଆଶା ରଖିଛି। ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି ଯେ, ଏହି ମାମଲାରେ ଏକାଧିକ ଯବାନଙ୍କ ଲିଙ୍କ୍ ରହିଛି। ସେମାନଙ୍କ ମାଧ୍ୟମରେ ପିଲା ଯୋଗାଡ଼ କରାଯାଉଥିଲା। ପିଲା ଯୋଗାଡ଼ କଲେ ସେମାନଙ୍କୁ ୩୦ପ୍ରତିଶତ ଅର୍ଥ ମିଳୁଥିଲା। ତେଣୁ ସିବିଆଇ ସ୍କାନରରେ ୧୦ରୁ ୧୫ ଜଣ ଯବାନ ରହିଛନ୍ତି। ଏବେ ସିବିଆଇ ଆଉ ଜଣେ ଯବାନଙ୍କ ଲିଙ୍କ୍ ରହିଥିବା ଜାଣିବା ପରେ ପଚରାଉଚରା କରି ସିବିଆଇ ଛାଡ଼ି ଦେଇଥିବା ସୂଚନା ମିଳିଛି। ତାଙ୍କ ବିରୋଧରେ ସିବିଆଇ ଅଧିକ ପ୍ରମାଣ ଯୋଗାଡ଼ରେ ଲାଗିଛି। ପୂର୍ବରୁ ଏହି ମାମଲାରେ ଏସ୍ଏସ୍‌ବି ଯବାନ ବିଶ୍ୱରଞ୍ଜନ ବେହେରା ଏବଂ ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ ଯବାନ ଅର୍ଜୁନ ନାଏକଙ୍କୁ ସିବିଆଇ ଗିରଫ କରିଛି। ବିଶ୍ୱରଞ୍ଜନଙ୍କ ଭଳି ଅର୍ଜୁନ ମଧ୍ୟ ଆଗରୁ ନବୀନ ନିବାସରେ ଡ୍ୟୁଟି କରୁଥିବା ସିବିଆଇ ଜାଣିବାକୁ ପାଇଛି। ତେଣୁ ଯବାନ ଏବଂ ମୁନା ସମେତ ଏକାଧିକ ବ୍ୟକ୍ତି ଗିରଫ ହେବା ପରେ ଏବେ ପାୱାର କରିଡରରେ ଭୟ ଖେଳିଯାଇଛି।

ଅନ୍ୟପଟରେ ସିବିଆଇ ବିରଞ୍ଚି କୁମାର ନାୟକଙ୍କ ବାଲେଶ୍ୱରରେ ଥିବା ଘରେ ଗୁରୁବାର ସକାଳେ ଚଢାଉ କରିଛି। ଚଢାଉରେ ଏକାଧିକ ଦସ୍ତାବିଜ୍ ଜବତ କରାଯାଇଛି। ୨ଦିନର ଜେରା ପରେ ଅର୍ଜୁନ ନାଏକଙ୍କ ସହ ନିମାଇଁ ଚରଣ ସାହୁଙ୍କୁ ଗିରଫ କରାଯାଇଛି। ଏହି ଦୁଇ ଜଣ ପୂର୍ବରୁ ଗିରଫ ହୋଇଥିବା ବିରଞ୍ଚିଙ୍କ ସହଯୋଗୀ ଥିଲେ। ତେବେ ଅର୍ଜୁନଙ୍କ ଗିରଫଦାରି ପରେ ପାୱାର କରିଡରରେ ରହି କେମିତି ସ୍କାମ୍ ହେଉଥିଲା ତାହା ସାମ୍ନାକୁ ଆସିଛି। ଶଙ୍କରଙ୍କ ସିଣ୍ଡିକେଟରେ ଅର୍ଜୁନ ଓ ବିଶ୍ୱରଞ୍ଜନଙ୍କ ଭଳି ପୋଲିସ କର୍ମଚାରୀ ମଧ୍ୟ ସାମିଲ ଥିବା ଆଲୋଚନା ହେଉଛି। ସେପଟେ ସିବିଆଇ କାର୍ଯ୍ୟାଳୟରେ ବିରଞ୍ଚିଙ୍କ ସହ ଏକାଧିକ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମୁହାଁମୁହିଁ ଜେରା କରାଯାଇଛି। ପୂରା ନେଟୱର୍କର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ଦଲାଲ ମୁନା ମହାନ୍ତିଙ୍କ ଚେର ବିହାର ଯାଏ ଲମ୍ବିଥିବା ପ୍ରମାଣ ମିଳିଛି। ଯେଉଁଥିପାଇଁ ସିବିଆଇର ଏକ ଟେକ୍ନିକାଲ ଟିମ୍ ବିହାରରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ଲାଗିପଡ଼ିଥିଲେ।

# ନାବାଳକଙ୍କ ହାତରେ ବନ୍ଧୁକ ବେପାର

**■ଡିଲ୍ ବେଳେ ମାଡ଼ିବସିଲା ଏସ୍‌ଟିଏଫ୍**
**■ଜଣେ ନାବାଳକ ସହ ୨ ଧରାପଡ଼ିଲେ**
**■୬ ବନ୍ଧୁକ, ୭ ଗୁଳି ଜବତ**

ଭୁବନେଶ୍ୱର,୧୧।୧୨(ତ୍ରିନାଥ ମହାନ୍ତି)



ବିହାର, ମୁଙ୍ଗେରରୁ ରାଜଧାନୀ ଭୁବନେଶ୍ୱର ଏବଂ ଗଞ୍ଜାମକୁ ଆସୁଛି ମାଲ ମାଲ ବନ୍ଧୁକ। ମାଷ୍ଟରମାଇଣ୍ଡ ବିହାରରେ ବସି ଓଡ଼ିଶାକୁ ବନ୍ଧୁକ ଚୋରା ଚାଲାଣ କରୁଛନ୍ତି। ପୋଲିସ ଆଖିରେ ଧୂଳି ଦେବା ପାଇଁ ସେମାନେ ନାବାଳକଙ୍କୁ ବନ୍ଧୁକ ଚାଲାଣର ଅସ୍ତ୍ର ଭାବେ ବାଛି ନେଇଛନ୍ତି। ଗୁରୁବାର ବଡ଼ଗଡ଼ ଥାନା ବାଙ୍କୁଆଳ ବାଲିଯାତ୍ରା ପଡ଼ିଆରେ ବନ୍ଧୁକ ଡିଲ୍ ସମୟରେ ଏସ୍‌ଟିଏଫ୍ ଚଢ଼ାଉ କରି ୨ଜଣଙ୍କୁ ମାଡ଼ି ବସିଥିଲା। ଧରାପଡ଼ିଥିବା ଦୁଇ ଜଣଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ବିହାର ମୁଙ୍ଗେର ଜିଲାର ପିଣ୍ଟୁ କୁମାର। ସେମାନଙ୍କ ନିକଟରୁ ୬ଟି ବନ୍ଧୁକ ଏବଂ ୭ ଗୁଳି ଜବତ କରାଯାଇଛି। ଏହି ସବୁ ବନ୍ଧୁକ ବିହାରରୁ ଆସିଥିବା ଜଣାପଡ଼ିଛି। ପିଣ୍ଟୁ କୁମାରଙ୍କୁ ଏସ୍‌ଟିଏଫ୍ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକଙ୍କୁ ସୁଧାରଗୃହକୁ ପଠାଇ ଦିଆଯାଇଛି। ଦୁଇ ଜଣ ଏହି ବନ୍ଧୁକ ବିହାରରୁ ଆଣି ୩୦ ହଜାରରୁ ୪୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଧରାପଡ଼ିଥିବା ଅଭିଯୁକ୍ତମାନେ କେବଳ ଚାଲାଣକାରୀ। ବିହାରରେ ମାଷ୍ଟରମାଇଣ୍ଡ ବସିଥିବାବେଳେ ସେ ଏହି ସ୍ଲିପରସେଲ ମାଧ୍ୟମରେ ଚୋରା ବନ୍ଧୁକ କାରବାର କରୁଛନ୍ତି।

ମିଳିଥିବା ସୂଚନା ଅନୁସାରେ, ପୂର୍ବରୁ ମାଷ୍ଟରମାଇଣ୍ଡ ଡିଲ୍ କରି ଟଙ୍କା ଅଗ୍ରିମ ନେବା ପରେ ପିଣ୍ଟୁ ଏବଂ ନାବାଳକ ଜଣଙ୍କ ବିହାର ଯାଇ ଟ୍ରେନ୍‌ରେ ଗୁରୁବାର ଭୁବନେଶ୍ୱର ଫେରିଥିଲେ। ଦିନ ୧୨ଟା ସମୟରେ ଦୁଇ ଜଣ ବାଙ୍କୁଆଳ ବାଲିଯାତ୍ରା ପଡ଼ିଆରେ ବନ୍ଧୁକ ଦେବାକୁ ଆସିଥିଲେ। ସେଠାରେ ଦୁଇ ଜଣ ଏକ ବ୍ୟାଗ୍ ଧରି ଛିଡ଼ା ହୋଇଥିବାବେଳେ ଖବରପାଇ ଏସ୍‌ଟିଏଫ ଅଧିକାରୀମାନେ ତୁରନ୍ତ ସେଠାରେ ଚଢ଼ାଉ କରିଥିଲେ। ସେମାନଙ୍କୁ ଯାଞ୍ଚ କରିବା ପରେ ବନ୍ଧୁକ ମିଳିଥିଲା। ପୋଲିସର ଚାଲାଣକାରୀଙ୍କ ଉପରେ ସନ୍ଦେହ ନ ହେବା ପାଇଁ ସେମାନେ ନାବାଳକଙ୍କୁ ସାମିଲ କରୁଛନ୍ତି। ନାବାଳକ ବ୍ୟାଗ୍‌ରେ ବନ୍ଧୁକ ନେଇ ଗଲେ ତାଙ୍କ ଉପରେ ପୋଲିସର ସନ୍ଦେହ ହୋଇ ନ ଥାଏ। ଆଉ ସେମାନେ ସହଜରେ ବନ୍ଧୁକ ଚାଲାଣ କରିଥାନ୍ତି। ଗୋଟିଏ ବନ୍ଧୁକ ବିକ୍ରି ହେଲେ ଏହି ନାବାଳକ ୧୦ହଜାର ଟଙ୍କା ପାଉଥିଲେ। ଏହି ର୍‍ୟାକେଟ ପଛରେ କେଉଁମାନେ ଅଛନ୍ତି? ବିହାରର ମାଷ୍ଟରମାଇଣ୍ଡ କିଏ। ଜାଣିବା ପାଇଁ ପୋଲିସ ପିଣ୍ଟୁ କୁମାରଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଏସ୍‌ଟିଏଫ୍‌ର ଅତିରିକ୍ତ ଏସ୍‌ପି ସଞ୍ଜୀବ ଶତପଥୀ କହିଛନ୍ତି।

## Business

# ରାଜଭାଷା କାର୍ଯ୍ୟାନ୍ୱୟନକୁ ପୂର୍ବତଟ ରେଳପଥର ଗୁରୁତ୍ୱ



ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ୫୬ତମ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଗୁରୁବାର ଭୁବନେଶ୍ୱରସ୍ଥିତ ରେଳ ସଦନରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ମଜଭୁତ କରିବା ଏବଂ ଭାରତ ସରକାରଙ୍କ ସରକାରୀ ଭାଷା ନୀତିର ଦୃଢ଼ ଭାବରେ ପାଳନ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥର ନିରନ୍ତର ପ୍ରତିବଦ୍ଧତାକୁ ଏହି ବୈଠକରେ ଦର୍ଶାଯାଇଛି । ଏହି ଅବସରରେ, ଆବଶ୍ୟକ କୋଚ ବୋର୍ଡ ସହିତ ସାଇନେଜଗୁଡ଼ିକର ମାନକ ତାଲିକା ସମ୍ବଳିତ ଏକ ବିଶେଷ ପୁସ୍ତିକା ଉନ୍ମୋଚନ କରାଯାଇଛି। ବୈଠକରେ ପ୍ରଧାନ ମୁଖ୍ୟ ବିଦ୍ୟୁତ୍ ଇଞ୍ଜିନିୟର ଆଲୋକ ସହାୟ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ପିଏମ୍‌କେଏସ୍‌ୱାଇ ମେଗା ଫୁଡ୍ ପାର୍କ ଯୋଜନା

**ଓଡ଼ିଶାରେ ୭୪୩୦ରୁ ଅଧିକ ରୋଜଗାର ସୃଷ୍ଟି**

ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ କିଷାନ ସମ୍ପଦା ଯୋଜନା (ପିଏମ୍‌କେଏସ୍‌ୱାଇ) ଅଧୀନରେ ମେଗା ଫୁଡ୍ ପାର୍କ ଯୋଜନା (ଏମ୍ଏଫ୍‌ପିଏସ୍) ମାଧ୍ୟମରେ ଭାରତର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ମଜଭୁତ କରିବା ସହ ଲକ୍ଷାଧିକ ରୋଜଗାର ସୃଷ୍ଟି ହୋଇଛି। ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ମନ୍ତ୍ରଣାଳୟଙ୍କ ଦ୍ୱାରା ୨୦୦୮ରୁ ୨୦୨୧ ପର୍ଯ୍ୟନ୍ତ ଚାଲୁରହିଥିବା ଏହି ଯୋଜନା ଅଧୀନରେ ପୂର୍ବରୁ ୪୧ଟି ମେଗା ଫୁଡ୍ ପାର୍କକୁ ଅନୁମୋଦନ ଦିଆଯାଇଛି। ୨୦୨୧ରୁ ଏହି ଯୋଜନା ବନ୍ଦ ହୋଇଛି ମାତ୍ର ପୂର୍ବ ପ୍ରତିଶ୍ରୁତି ମୁତାବକ ଏହି ଯୋଜନାର କାର୍ଯ୍ୟକାରିତା, ମାଲିକାନା ଓ ପରିଚାଳନା ବିଶେଷ ଉଦ୍ଦେଶ୍ୟ କମ୍ପାନୀ(ଏସ୍‌ପିଭି) କିମ୍ବା କାର୍ଯ୍ୟକାରୀ ସଂସ୍ଥା (ଆଇଏ) ଉପରେ ନିର୍ଭର କରିଛି। ଅନୁମୋଦନ ପରେ ୩୦ ମାସ ମଧ୍ୟରେ ପ୍ରୋଜେକ୍ଟ ପୂର୍ଣ୍ଣ ହେବାର ନିର୍ଦ୍ଦେଶ ରହିଛି। ଓଡ଼ିଶାରେ ଏହି ଯୋଜନା ଅଧୀନରେ ଦୁଇଟି ମେଗା ଫୁଡ୍‌ପାର୍କକୁ ଅନୁମୋଦନ ଦିଆଯାଇଛି। ଯାହା ରାଜ୍ୟର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ନୂତନ ଉତ୍ଥାନ ଦେଇଛି ଏବଂ ହଜାରେ ରୋଜଗାର ସୃଷ୍ଟି କରିଛି। ରାୟଗଡ଼ା ଜିଲାରେ ଅବସ୍ଥିତ ଏମ୍ଆଇଟିଏସ୍ ମେଗା ଫୁଡ୍ ପାର୍କ ଲିମିଟେଡ୍‌ର ପ୍ରୋଜେକ୍ଟ ମୋଟ ଖର୍ଚ୍ଚ ୮୭.୮୮ କୋଟି ଟଙ୍କା, ଅନୁମୋଦିତ ଅନୁଦାନ ୪୫.୯୪ କୋଟି ଟଙ୍କା, ଘରୋଇ ନିବେଶ ୪୧.୯୪ କୋଟି ଟଙ୍କା ଏବଂ ମୁକ୍ତ ଅନୁଦାନ ୪୪.୯୫ କୋଟି ଟଙ୍କା। ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି ଏବଂ ୭୭୧ ଜଣଙ୍କୁ ରୋଜଗାର ପ୍ରଦାନ କରିଛି। ଅନ୍ୟପକ୍ଷରେ, ଖୋର୍ଦ୍ଧା ଜିଲାରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପେଣ୍ଟ କର୍ପୋରେଶନ (ଆଇଡିସିଓ) ଦ୍ୱାରା ଚାଲୁ ମେଗା ଫୁଡ୍ ପାର୍କର ମୋଟ ଖର୍ଚ୍ଚ ୧୨୧.୯୫ କୋଟି ଟଙ୍କା, ଅନୁମୋଦିତ ଅନୁଦାନ ୫୦ କୋଟି ଟଙ୍କା, ଘରୋଇ ନିବେଶ ୭୧.୯୫ କୋଟି ଟଙ୍କା ଏବଂ ମୁକ୍ତ ଅନୁଦାନ ୩୭.୮୦ କୋଟି ଟଙ୍କା ରହିଛି। ଏହା ଏବେ କାର୍ଯ୍ୟକାରିତା ଅଧୀନରେ ରହିଛି ଏବଂ ୭୪୩୦ ଜଣଙ୍କୁ ରୋଜଗାର ସୃଷ୍ଟି କରିବାର ଆଶା ରହିଛି। ଏହି ପାର୍କଗୁଡ଼ିକ ଓଡ଼ିଶାର କୃଷି ଉତ୍ପାଦନକୁ ମୂଲ୍ୟବର୍ଦ୍ଧନ କରି କୃଷକମାନଙ୍କର ଆୟ ବଢ଼ାଇବା ସହ ରାଜ୍ୟର ଅର୍ଥନୀତିକୁ ଶକ୍ତିଶାଳୀ କରିବ। ଏହି ଯୋଜନା ଅଧୀନରେ ଦେଶବ୍ୟାପୀ ୪୧ଟି ପାର୍କରେ ମୋଟ ୧୭,୦୦୦ରୁ ଅଧିକ ରୋଜଗାର ସୃଷ୍ଟି ହୋଇଛି। ଏହି ସୂଚନା ଗୁରୁବାର ଲୋକସଭାରେ ଲିଖିତ ଉତ୍ତରରେ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ରାଜ୍ୟମନ୍ତ୍ରୀ ରବନୀତ ସିଂହଙ୍କ ଦ୍ୱାରା ଦିଆଯାଇଛି।

# ପିଏନ୍‌ବି ପକ୍ଷରୁ ଏଗ୍ରିକଲ୍ଚର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ପକ୍ଷରୁ ସମ୍ବଲପୁର ସର୍କଲ ଅଧୀନ କୁଲୁଣ୍ଡି ଶାଖାରେ ଏକ ଏଗ୍ରିକଲ୍ଚର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, କୃଷକ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପ୍ରାୟ ୪୦୦ରୁ ଅଂଶଗ୍ରହଣକାରୀ ଏଥିରେ ଯୋଗଦେଇଥିଲେ। ସର୍କଲ ମୁଖ୍ୟ ଅଜିତ କୁମାର ମେହେର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶାଖା ମୁଖ୍ୟ ଭବାନୀ ଶଙ୍କର ନେଟୀ, ସ୍ନିଗ୍ଧା ସୁମନ ବେଉରା, ସ୍ୱାଗତିକା ବିଶ୍ୱାଳ, କୃଷି ଅଧିକାରୀ ସ୍ୱାଗତ ପ୍ରଧାନ ଏବଂ ମୌସୁମୀ ପଟେଲ ପ୍ରମୁଖ ସର୍କଲ ମୁଖ୍ୟ ଅଜିତ କୁମାର ମେହେର ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଶାଖା ମୁଖ୍ୟ ଭବାନୀ ଶଙ୍କର ନେଟୀ, ସ୍ନିଗ୍ଧା ସୁମନ ବେଉରା, ସ୍ୱାଗତିକା ବିଶ୍ୱାଳ, କୃଷି ଅଧିକାରୀ ସ୍ୱାଗତ ପ୍ରଧାନ ଏବଂ ମୌସୁମୀ ପଟେଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆର୍ଥିକ ଅନ୍ତର୍ଭୁକ୍ତି, ଗ୍ରାମୀଣ ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ତରଫରୁ ରଖାଯାଇଥିବା ବିଭିନ୍ନ କୃଷି ଯୋଜନା ଉପରେ ଅଧିକାରୀମାନେ ଆଲୋକପାତ କରିଥିଲେ।

# ‘ପ୍ୟାକ୍ ରିଭ୍ୟୁ ସିଷ୍ଟମ’ ଗ୍ରହଣ କରିବାକୁ ଦ୍ରାବିଡ଼ଙ୍କ ଆହ୍ୱାନ

ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)




ଭାରତର ପ୍ରମୁଖ ଖାଦ୍ୟ ତୈଳ ବ୍ରାଣ୍ଡ ଫ୍ରିଡମ ସନ୍‌ଫ୍ଲାୱାର ଅଏଲ ରାହୁଲ ଦ୍ରାବିଡ଼ଙ୍କ ସହ ମିଶି ଗ୍ରାହକମାନଙ୍କୁ ସଶକ୍ତ କରିବା ପାଇଁ ଏକ ବିସ୍ତୃତ ସାମାଜିକ ସଚେତନତା ଅଭିଯାନ ଆରମ୍ଭ କରିଛି। ଗ୍ରାହକ କିଣିଥିବା ପ୍ରତ୍ୟେକ ୧ ଲିଟର ପାଉଚରେ ୯୧୦ ଗ୍ରାମ ଖାଦ୍ୟ ତୈଳ ରହିଛି କି ନାହିଁ ଯାଞ୍ଚ କରିବାକୁ ଏହି ଅଭିଯାନ ମାଧ୍ୟମରେ ସଚେତନ କରାଯାଉଛି। ଗ୍ରାହକମାନଙ୍କୁ ଖାଦ୍ୟ ତୈଳର ପ୍ରତ୍ୟେକ ପାଉଚ ବାଛିବା ସମୟରେ ‘ପ୍ୟାକ୍ ରିଭ୍ୟୁ ସିଷ୍ଟମ (ପିଆର୍‌ଏସ୍)’ ଗ୍ରହଣ କରିବାକୁ ଗୁରୁତ୍ୱ ଦେଇଛି। ରାହୁଲ ଦ୍ରାବିଡ୍ କହିଛନ୍ତି, ଗ୍ରାହକମାନଙ୍କୁ ଶିକ୍ଷିତ ଏବଂ ସଶକ୍ତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବାସ୍ତବରେ ‘ପ୍ୟାକ୍‌ରେ ନୁହେଁ, ଖାଦ୍ୟରେ ତେଲ କମ୍ ହେବା ଉଚିତ’ ବୋଲି ସେ କହିଛନ୍ତି। ଏହି ଅବସରରେ ଜେମିନି ଏଡିବଲସ୍ ଏବଂ ଫ୍ୟାଟ୍ସ ଇଣ୍ଡିଆ ଲିମିଟେଡ୍‌ର ବରିଷ୍ଠ ଉପାଧ୍ୟକ୍ଷ (ବିକ୍ରୟ ଏବଂ ମାର୍କେଟିଂ) ପି .ଚନ୍ଦ୍ର ଶେଖର ରେଡ୍ଡି କହିଛନ୍ତି, ଗ୍ରାହକମାନେ ଯେତିକି ଟଙ୍କା ଦେଉଛନ୍ତି ସେତିକି ଟଙ୍କାର ଉତ୍ପାଦ ପାଇବାକୁ ହକ୍‌ଦାର। ଗ୍ରାହକମାନେ ତେଲର ପରିମାଣ ଯାଞ୍ଚ କରି ଫ୍ରିଡମ ଉପରେ ବିଶ୍ୱାସ ରଖିପାରିବେ। ଏହିପରି ସରଳ ଅଭ୍ୟାସ ବଜାରରେ ସଚ୍ଚୋଟତାକୁ ଉତ୍ସାହିତ କରେ ଏବଂ ଗ୍ରାହକ ଏବଂ ବ୍ରାଣ୍ଡ ମଧ୍ୟରେ ବିଶ୍ୱାସକୁ ମଜଭୁତ କରେ। ଫ୍ରିଡମ ହେଲ୍‌ଦି ରନ୍ଧନ ତୈଳର ମାର୍କେଟିଂ ମୁଖ୍ୟ ଚେତନ ପିମ୍ପଲଖୁଟେ କହିଛନ୍ତି, ଆମେ ସର୍ବଦା ବିଶ୍ୱାସ କରିଆସିଛୁ ଯେ ଜଣେ ଅବଗତ ଗ୍ରାହକ ଜଣେ ସୁରକ୍ଷିତ ଗ୍ରାହକ। ଆମେ ପ୍ୟାକ୍ ସମୀକ୍ଷା ସିଷ୍ଟମର ଧାରଣାକୁ ପ୍ରବର୍ତ୍ତନ କରି ଏବଂ ବ୍ୟାପକ ଡିଜିଟାଲ ମିଡିଆ ପାରମ୍ପରିକ ମିଡିଆ ବିଜ୍ଞାପନ ମାଧ୍ୟମରେ ଉପଭୋକ୍ତାଙ୍କ ପାଖରେ ପହଞ୍ଚି ଖୁସି। ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବରେ, ଭାରତର ପ୍ରତ୍ୟେକ ପରିବାର ପ୍ରତ୍ୟେକ ପ୍ୟାକ୍‌ରେ ତେଲର ପରିମାଣ ଯାଞ୍ଚ କରିବା ଏବଂ ଅସାଧୁ ବ୍ୟବସାୟୀଙ୍କଠାରୁ ପ୍ରତାରିତ ହେବାରୁ ନିଜକୁ ସୁରକ୍ଷିତ ରଖିବାକୁ ସଚେତନ କରିବା ଆମର ଉଦ୍ଦେଶ୍ୟ।

# ଡିସେମ୍ବର ୧୩ରେ ଟିପିସିଓଡିଏଲ୍‌ର ଲୋକ ଅଦାଲତ

ଭୁବନେଶ୍ୱର,୧୧।୧୨(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଡିସେମ୍ବର ୧୩ରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଓ ସମାଧାନ ଶିବିର ଅନୁଷ୍ଠିତ ହେବ। ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ଢାଞ୍ଚା ଅନୁଯାୟୀ ଏହି ଶିବିର ଆୟୋଜିତ ହେଉଛି। ଏଠାରେ ନିୟୋଜିତ ସ୍ୱତନ୍ତ୍ର ଟିମ୍ ଉପଭୋକ୍ତାମାନଙ୍କୁ ସେମାନଙ୍କର ବକେୟା ଏନ୍‌ଫୋର୍ସମେଣ୍ଟ ମାମଲାଗୁଡ଼ିକର ସମାଧାନ ଏବଂ ବିଦ୍ୟୁତ୍ ବ୍ୟବହାରକୁ ନିୟମିତ କରିବାରେ ସହାୟତା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିପାଇଁ ଯୋଗ୍ୟତା, ଆବଶ୍ୟକ କାଗଜପତ୍ର ଏବଂ ଜିଲାୱାରି ବ୍ୟବସ୍ଥା ସମ୍ପର୍କିତ ସୂଚନା କମ୍ପାନୀର ସମସ୍ତ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ କାର୍ଯ୍ୟାଳୟରେ ଉପଲବ୍ଧ ରହିଛି।

# ଡାଲମିଆ ଭାରତ ପକ୍ଷରୁ ‘ସେବା ଦିବସ’

ରାଜଗାଙ୍ଗପୁର,୧୧।୧୨(ଅଶୋକ ପାଣି)




ଡାଲମିଆ ଭାରତ ଗ୍ରୁପ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଜୟଦୟାଲ ଡାଲମିଆଙ୍କ ୧୨୧ତମ ଜନ୍ମବାର୍ଷିକୀ ପାଳନ କରାଯାଇଛି। ଏ ଅବସରରେ ସମଗ୍ର ଭାରତରେ ତାହାର ବ୍ୟବସାୟ ପରିଚାଳନା ଅଞ୍ଚଳରେ ‘ସେବା ଦିବସ’ ପାଳନ କରାଯାଇଛି। ଗ୍ରୁପ୍‌ର ଉତ୍ପାଦନକାରୀ ୟୁନିଟ୍, ଆଞ୍ଚଳିକ କାର୍ଯ୍ୟାଳୟ, କର୍ପୋରେଟ କାର୍ଯ୍ୟାଳୟ ସମେତ ଭାରତର ୨୫ଟି ସ୍ଥାନରେ ଡିସେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଚଳିତ ବର୍ଷ ଏହି ଉତ୍ସବ ପାଳନ ଦୀର୍ଘସ୍ଥାୟିତ୍ୱ ବିଷୟବସ୍ତୁ ଉପରେ ଆଧାରିତ ଥିଲା। କର୍ମଚାରୀ, ସହଭାଗୀ ଏବଂ ଜନସାଧାରଣ ସାମୂହିକ କାର୍ଯ୍ୟକ୍ରମ ଜରିଆରେ ଚାରା ରୋପଣ ଏବଂ ସଫେଇ ଅଭିଯାନ, ପୁନଃ ଚକ୍ରଣ ପ୍ରୟାସ ସମ୍ପର୍କିତ ସଚେତନତା ହାତକୁ ନେଇଥିଲେ। ଏଥିସହ ସେମାନେ ‘ଅନ୍ନଦାନ’ର ଅଂଶ ଭାବରେ ଅନାଥାଶ୍ରମ ଓ ଜରାଶ୍ରମଗୁଡ଼ିକୁ ଗସ୍ତ କରିବା ସହିତ ପାରିପାର୍ଶ୍ୱିକ ଅଞ୍ଚଳରେ ଭିତ୍ତିଭୂମି ଓ ପୁନଃ ବିକାଶମୂଳକ କାର୍ଯ୍ୟ କରିଥିଲେ। ମୂଲ୍ୟଭିତ୍ତିକ ଭାବ ବିନିମୟ ଏବଂ ଗୋଷ୍ଠୀ ନିୟୋଜନକାରୀ ‘ପଥପ୍ରାନ୍ତ ନାଟକ’ ଆଦି ପରିବେଷଣ କରାଯାଇଥିଲା। ଏହି ଅବସରରେ ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁରରେ ଏକାଧିକ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିଲା, ୨୦୦୦ରୁ ଅଧିକ ଜନସାଧାରଣ ଉପକୃତ ହୋଇଥିଲେ। କମ୍ପାନୀ ୧୧୦୬ ଚାରାରୋପଣ କରିଥିଲା ଏବଂ ସୋଲାର ଆଣ୍ଡ ଇଲେକ୍ଟ୍ରିକାଲ ଲାବ୍ ଉଦ୍‌ଘାଟନ କରିଥିଲା। ଏଥିସହ ସିଲେଇ ମେଶିନ ଏବଂ ଯକ୍ଷ୍ମା ରୋଗୀଙ୍କ ପାଇଁ ପୋଷଣ କିଟ୍ ବଣ୍ଟନ କରାଯାଇଥିଲା। ୨୩ଜଣ ଗ୍ରାମ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରିଥିଲା ଓ ପ୍ରତ୍ୟେକଙ୍କୁ ୨ହଜାର ଟଙ୍କା ଏବଂ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୨୫୦୦ ଜନସାଧାରଣ ଏହି କାର୍ଯ୍ୟକ୍ରମଗୁଡ଼ିକରେ ଅଂଶଗ୍ରହଣ କରିଥିଲେ। ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଚେତନ ଶ୍ରୀବାସ୍ତବ କହିଥିଲେ, ଡାଲମିଆ ଭାରତରେ ସେବା ଦିବସ କେବଳ ଆମର ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ଏଥିରେ ଦକ୍ଷତା ବିକାଶ ଏବଂ ଗୋଷ୍ଠୀଗତ ପ୍ରଭାବରେ ଉତ୍କର୍ଷ ହାସଲ କରିଥିବା ୧୦ ଜଣ ଦୀକ୍ଷା ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମ ପରିବର୍ତ୍ତନ ଶ୍ରେଷ୍ଠ ପ୍ରଦର୍ଶନ ପୁରସ୍କାର ଅର୍ଥପୂର୍ଣ୍ଣ ଗ୍ରାମାଞ୍ଚଳ ରୂପାନ୍ତରଣକୁ ଆଗେଇ ନେଇଥିବା ୧୬ଜଣ ବ୍ୟକ୍ତିବିଶେଷଙ୍କୁ ଏବଂ ଉତ୍ସର୍ଗୀକୃତ କାର୍ଯ୍ୟ, ନିରନ୍ତର ପ୍ରଦର୍ଶନ ନିମନ୍ତେ କର୍ମଚାରୀଙ୍କୁ ସତତ କର୍ମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

**ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ଘରେ ଜିଏସ୍‌ଟି ବିଭାଗର ଚଢ଼ାଉ**

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁରର ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ଘରେ ଜିଏସଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ଜ୍ୟୋତିନଗର ୫ମ ଲାଇନରେ ଏହି ଚଢଉ ହୋଇଛି । ସମ୍ପୃକ୍ତ ପୋଲିସ କର୍ମଚାରୀ ବିଭିନ୍ନ ବ୍ୟବସାୟରେ ଜଡିତ ରହିଛନ୍ତି । ତାଙ୍କର ପେଟ୍ରୋଲ ପମ୍ପ ସହ ଅନ୍ୟାନ୍ୟ ବ୍ୟବସାୟ ରହିଛି। ତେବେ ତାଙ୍କ ବିରୋଧରେ ଜିଏସଟି ଫାଙ୍କି ଅଭିଯୋଗ ହୋଇଥିବା ସୂଚନା ମିଳୁଛି । ଗୁରୁବାର କେନ୍ଦ୍ରୀୟ ଜିଏସ୍‌ଟି ବିଭାଗର ଏକାଧିକ ଅଧିକାରୀ ତାଙ୍କ ଘରକୁ ଯାଇ ବିଭିନ୍ନ ପ୍ରକାର କାଗଜପତ୍ର ଯାଞ୍ଚ କରିଥିଲେ । ତେବେ ଏ ବିଷୟରେ ଜିଏସଟି ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।



# ଏମ୍‌କେସିଜିରେ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର, ତାତିଲା ସଂଘ

## ୩ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ

ବ୍ରହ୍ମପୁର,୧୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗର ପିପିସିରେ ଜଣେ ଆଶା କର୍ମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଖବର ପାଇବା ପରେ ଆଶା କର୍ମୀ ସଂଘ ତାତିଛି। ସଂଘ ପକ୍ଷରୁ ମେଡିକାଲ କଲେଜ ଓ ହସପିଟାଲ ଅଧ୍ୟକ୍ଷଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ହିଞ୍ଜିଳି ବ୍ଲକ ଦୁର୍ଭଦ୍ଧ ପଞ୍ଚାୟତର ଦୁର୍ଭଦ୍ଧ ଗ୍ରାମରୁ କାଜଲ ସେଠୀ ନାମ୍ନୀ ଜଣେ ଗର୍ଭବତୀ ମହିଳାଙ୍କୁ ଆଶା କର୍ମୀ ରେଣୁବାଳା ସାହୁ ଏମକେସିଜିରେ ଭର୍ତ୍ତି କରିଥିଲେ। ଗତ ମାସ ୧୮ ତାରିଖରେ କାଜଲ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଜନନୀ ସୁରକ୍ଷା ଯୋଜନାରେ ପ୍ରତ୍ୟେକ ଗର୍ଭବତୀଙ୍କୁ ସରକାରଙ୍କ ତରଫରୁ ୧୪୦୦ ଟଙ୍କା ମିଳୁଛି। ସେଥିପାଇଁ ଗୁରୁବାର ମମତା ଖାତା, ଆଧାର କାର୍ଡ, ବ୍ୟାଙ୍କ ପାସ ବୁକ୍, ଡିସଚାର୍ଜ ସାର୍ଟିଫିକେଟ, ଜନନୀ ସୁରକ୍ଷା ଯୋଜନା ଫର୍ମ ଧରି ସମ୍ପୃକ୍ତ ଆଶା କର୍ମୀ ରେଣୁବାଳା ଉକ୍ତ ପିପିସିକୁ ଯାଇଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ୫ମ ମହଲାରେ ଏହି ଅଫିସ ରହିଛି। ଡାଟା ଏଣ୍ଟ୍ରି ଅଫିସରଙ୍କୁ କହିଥିଲେ ଯେ, ସେ ଦୂରରୁ ଆସିଛନ୍ତି। ତାଙ୍କର ସ୍କ୍ରୁଟିନାଇଜ ଶୀଘ୍ର କରି ଦିଅନ୍ତୁ। ଏତିକି କହିବା ପରେ ଡାଟା ଏଣ୍ଟ୍ରି ଅପରେଟର ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ନାରୀଙ୍କ ପ୍ରତି ଏହା ଏକ ଅପମାନ ବୋଲି ସେ କହିବା ସହ ଏହି କଥା ସଂଘ ଜାଣିବା ପରେ ବହୁ ଆଶା କର୍ମୀ ଏକଜୁଟ ହୋଇ ମେଡିକାଲରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବିରେ ଅଧ୍ୟକ୍ଷ ଦୁର୍ଗାମାଧବ ଶତପଥୀଙ୍କ ନିକଟରେ ଫେରାଦ ହୋଇଥିଲେ। ଶତପଥୀ ଅଭିଯୋଗ ଗ୍ରହଣ କରିବା ପରେ ସେ କହିଛନ୍ତି ଯେ, ଏହା ଦ୍ୱାରା ଏମକେସିଜିର ମର୍ଯ୍ୟାଦା ହାନୀ ହୋଇଛି। ସେଠାରେ ଥିବା ଜଣେ ଦିଦି, ଡାଟା ଏଣ୍ଟ୍ରି ଅପରେଟର, ଏଟେଣ୍ଡର ୩ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାଣି କରାଯାଇଛି। ୪୮ ଘଣ୍ଟା ମଧ୍ୟରେ ଉତ୍ତର ଦେବାକୁ ସେମାନଙ୍କୁ କୁହାଯାଇଛି ବୋଲି ହସପିଟାଲ ମେନେଜର ସୂଚନା ଦେଇଛନ୍ତି।



ଆଶା କର୍ମୀମାନେ ଏମକେସିଜି ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଆସିକା,୧୧।୧୨(ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ଆଳିପୁର ପଞ୍ଚାୟତର ଗବନଲା ଗ୍ରାମ ସନ୍ନିକଟ ଚତରା ଶଙ୍ଖ ନିକଟରେ ବୁଧବାର ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ସେ ହେଲେ ସାଗର ଗୌଡ (୨୮)। ସାଗର ନିଜ ଗାଁ ଗବନଲାରୁ ଅତରଙ୍ଗ ଯାଉଥିଲା ବେଳେ ରାସ୍ତାରେ କେତେଜଣ ଯୁବକ ତାଙ୍କୁ ଅଟକାଇ ଠେଙ୍ଗା ଓ ପଥରରେ ମାରିବା ସହ ପେଟକୁ ଛୁରାମାଡ କରିଥିଲେ । ସାଗର ଆସିକା ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିବା ପରେ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ନଂ. ୭୧୪/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି।

### ଦୁର୍ନୀତି ବିରୋଧରେ ଲଢ଼େଇ କରିବ ଆପ୍

ବ୍ରହ୍ମପୁର,୧୧।୧୨(ଅଶୋକ କୁମାର ସାହୁ)

ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟାଳୟରେ ଦୁର୍ନୀତି ବଢ଼ି ଚାଲିଛି। ବାରମ୍ବାର କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାଁନ୍ତି । ତେଣୁ ଏହାର ସତ୍ୟାସତ୍ୟ ଲୋକ ଲୋଚନକୁ ଆଣିବା ପାଇଁ ଆସନ୍ତା କିଛି ଦିନ ମଧ୍ୟରେ ଗୋପାଳପୁର ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଗଣତାନ୍ତ୍ରିକଧାରାରେ ଧାରଣା ଦିଆଯିବ ବୋଲି ଆମ ଆଦମୀ ପାର୍ଟିର ବିଧାୟକ ପ୍ରାର୍ଥୀ ତଥା ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନୀଳକଣ୍ଠ ରେଡ୍ଡୀ ଚେତାବନୀ ଦେଇଛନ୍ତି। ଏଥିସହ ତାହା ବିରୋଧରେ ଲଢ଼େଇ କରାଯିବ ବୋଲି ଗଞ୍ଜାମ ଜିଲ୍ଲା ଆମ ଆଦମୀ ପାର୍ଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହାସହ ଦୁର୍ନୀତି, ମନମୁଖୀଶାସନ, ଅଫିସର ରାଜ, ସରକାରୀ ଅର୍ଥର ବାଟମାରଣା, ବିଭିନ୍ନ କାମରେ ଅନିୟମିତତା ଓ ଘୋଟାଲା ଏବଂ ଜନପ୍ରତିନିଧିଙ୍କୁ ଧମକ, ସୂଚନା ଦେବାରେ ଅନିୟମିତତା ଅବହେଳା ଓ ତଥ୍ୟ ଲୁଚେଇବାର ପ୍ରତିବାଦ କରାଯିବ ବୋଲି ସେ କହିଛନ୍ତି। ଉକ୍ତ ସମ୍ମିଳନୀରେ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ରାଜ୍ୟ ପୋଲିସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ହିଞ୍ଜିଳିକାଟୁ, ୧୧।୧୨(ଦ୍ୱିତୀକୃଷ୍ଣ ପଣ୍ଡା)

୪ର୍ଥ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚମ୍ପିୟାନଶିପ ହିଞ୍ଜିଳିକାଟୁ ଇନଡୋର ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୭ଟି ଟିମର ୧୧୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ପ୍ରଥମ ଦିନ ୪୫ ମ୍ୟାଚ୍ ହୋଇଥିଲା।

# ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବେଲଗୁଣ୍ଠା,୧୧।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ପୁଣି ଏକ ଦାଦନ ଶ୍ରମିକଙ୍କ ମୃତ୍ୟୁ ବେଲଗୁଣ୍ଠା ବ୍ଲକ୍‌ରେ ଗୁରୁବାର ଶୋକର ଛାୟା ଖେଳାଇ ଦେଇଛି। ସେ ହେଲେ ତରଙ୍ଗ ଗ୍ରାମର ମନୋଜ କୁମାର ମହାନ୍ତି (୪୦)। ଗତ ୧୫ ବର୍ଷ ହେବ ତାମିଲନାଡୁର ସାଲେମ୍ ଜିଲା ଚିତ୍ତୁର୍-ଏଡାପୋଡି ତାଲୁକାରେ ଥିବା ମିନିୟାଁ ପାୱାର ଲୁମ୍ବରେ ରାଜମିସ୍ତ୍ରୀ ଭାବେ କାମକରି ପରିବାର ପ୍ରତିପୋଷଣ କରୁଥିଲେ। ନିଜ ପରିବାରକୁ ନେଇ ସେଠାରେ ରହୁଥିଲେ। ୨୦ ଦିନ ତଳେ ଗ୍ରାମକୁ ଆସି ପରିବାରକୁ ଛାଡି ୨୪ ତାରିଖରେ କର୍ମକ୍ଷେତ୍ର ତାଲିମନାଡୁ ଫେରି ଯାଇଥିଲେ। ୪ ଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା ଏବଂ ସେ ସେଠାରେ ଥିବା ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ସୂଚନା ମିଳିଛି। ମୃତ୍ୟୁ ଖବର ପାଇ ତାଙ୍କ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ ତାଙ୍କର ଛୋଟ ପୁଅଟିଏ ଅଛି। ତାଙ୍କ ସାନ ଭାଇ ମୃତଦେହ ଆଣିବା ପାଇଁ ତାମିଲନାଡୁ ଯାଇଥିବା ଜଣାପଡିଛି। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ପରିବାର ବର୍ଗଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଭାରତୀୟ ଭାଷା ଉତ୍ସବ

ବ୍ରହ୍ମପୁର,୧୧।୧୨(ସ୍ମୃତି ରଞ୍ଜନ ମହାଳିକ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଗୁରୁବାର ଭାରତୀୟ ଭାଷା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଭାଷା ପରିବାର ବିବିଧତା ମଧ୍ୟରେ ଏକତା ଶୀର୍ଷକ ପାଠଚକ୍ର ହୋଇଥିଲା। ଅଧ୍ୟାପକ ଡ ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଭାଷାଗତ ବିବିଧତା ହିଁ ଭାରତର ବୈଶିଷ୍ଟ୍ୟ ବୋଲି ମତ ଦେଇଥିଲେ। ତାମିଲ କବି ସୁବ୍ରମଣ୍ୟମ ଯୋଗଦେଇ ଭାରତୀୟଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ଉଷାରାଣୀ ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ପାଠଚକ୍ରର ବିଷୟ ବିଶାରଦ ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଯୋଗ ଦେଇଥିଲେ। ସେ ଭାରତୀୟ ଭାଷା ପରିବାର ଅନ୍ତର୍ଗତ ବିଭିନ୍ନ ଭାଷାର ପରିଚୟ ଦେବା ସହ ସେମାନଙ୍କ ମଧ୍ୟରେ ଥିବା ସାମ୍ୟ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ଭାରତୀୟ ଭାଷା ଉତ୍ସବ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିବା ବେଳେ ଡ ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ବିଭାଗର ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।




ଭାଷା ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ, ଶିକ୍ଷକ ଅଟକ

ଆସିକା,୧୧।୧୨(ସୁରେନ୍ଦ୍ର ନାଥ ସାହୁ):

ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଶ୍ରେଣୀଗୃହରେ ଜଣେ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଦେଇଥିବା ଅଭିଯୋଗ ହୋଇଛି । ଏହାକୁ କେନ୍ଦ୍ର କରି ଗୁରୁବାର ସଂପୃକ୍ତା ଛାତ୍ରୀଙ୍କ ପରିବାର ଓ ସମ୍ପର୍କୀୟମାନେ ବିଦ୍ୟାଳୟକୁ ଯାଇ ସମ୍ପୃକ୍ତ ଶିକ୍ଷକଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଆସିକା ପୋଲିସ ବିଦ୍ୟାଳୟରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ କବଳରୁ ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ଆଣି ଅଟକ ରଖିଛି । ଅପରପକ୍ଷେ ଏହି ଘଟଣାକୁ ନେଇ ଅଶ୍ଳୀଳ ଇଙ୍ଗିତର ଶିକାର ହୋଇଥିବା ଛାତ୍ରୀଙ୍କ ମାଆଙ୍କ ଅଭିଯୋଗକ୍ରମେ ପୋଲିସ ଆସିକା ଥାନାରେ ୭୧୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି । ଘଟଣା ସମ୍ପର୍କରେ ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନରାଣୀ ମହାନ୍ତିଙ୍କୁ ପଚାରିବାରୁ ଏ ସମ୍ପର୍କରେ ତାଙ୍କ ନିକଟକୁ କୌଣସି ଅଭିଯୋଗ ଆସିନାହିଁ ବୋଲି କହିଛନ୍ତି।

# ଜିଲା ଆଇନ ସେବା ପ୍ରାଧିକରଣ ପାଳିଲା ମାନବାଧିକାର ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ।

ବ୍ରହ୍ମପୁର,୧୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରା ଜଜ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପରିଚାଳନାରେ ଜିଲା କୋର୍ଟ ପରିସରରେ ବୁଧବାର ମାନବାଧିକାର ଦିବସ ପାଳନ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ ଅତିରିକ୍ତ ଜିଲା ଦୌରା ଜଜ୍ ଆୟୁଷ୍ମାନ ମହନ୍ତ, କମର୍ସିୟାଲ କୋର୍ଟ ବିଚାରପତି ଅସିତ ସିଂ, ଜିଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଏସ୍‌ପି ଡା. ସର୍ବଶା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ସମେତ ଗଞ୍ଜାମ ବାର ଆସୋସିଏଶନ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମାନବ ଅଧିକାର ଓ ଏନେଇ ପ୍ରଚଳିତ ଆଇନଗତ ଦିଗ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଆଇନ ସେବା ପ୍ରାଧିକରଣ ସଚିବ ନାୟକ ପରିଚାଳନା କରିଥିଲେ। ବହୁ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

# ପ୍ରଥମ ପର୍ଯ୍ୟାୟରେ ୫୫୦ ସାମିଲ ହେବାକୁ ନିଷ୍ପତ୍ତି

ଛତ୍ରପୁର,୧୧।୧୨ (ଦିଲ୍ଲୀପ ସାମଲ)

ବରିଷ୍ଠ ନାଗରିକମାନଙ୍କୁ ମାଗଣାରେ ପୁରୀ ଶ୍ରୀକ୍ଷେତ୍ର ଦର୍ଶନ କରାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଆରମ୍ଭ କରାଯାଇଛି । ଏହାର ସଫଳ ରୂପାୟନ ଲାଗି ଗୁରୁବାର ଗଞ୍ଜାମ ଜିଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲାପାଳ ଭି. କିର୍ତ୍ତୀଭାସନ ଅଧ୍ୟକ୍ଷତା କରି ଜିଲାରୁ ପ୍ରଥମ ପର୍ଯ୍ୟାୟରେ ୫୫୦ ଜଣ ବରିଷ୍ଠ ନାଗରିକ ଓ ବିଧବା ମହିଳାଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତେ ଯେପରି ସୁରକ୍ଷିତ ଭାବେ ପୁରୀ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କୁ ଦର୍ଶନ କରି ଫେରିବେ ସେଥି ପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଯୋଜନା ଏବଂ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ପୂର୍ବରୁ ସାମିଲ ହୋଇ ନ ଥିବା ଲୋକଙ୍କୁ ଗୁରୁତ୍ୱ ଦେବାକୁ ଜିଲାପାଳ କହିଛନ୍ତି। ୬୦ ରୁ ୭୫ ବର୍ଷ ମଧ୍ୟରେ ଥିବା ବ୍ୟକ୍ତି ଏଥିଲାଗି ଆବେଦନ କରିପାରିବେ। ଓଡିଶା ବାସୀ ହୋଇଥିବେ ଏବଂ ସ୍ୱାସ୍ଥ୍ୟ ଓ ମାନସିକ ସ୍ତରରେ ସକ୍ଷମ ଥିବା ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇପାରିବେ ବୋଲି କୁହାଯାଇଥିଲା । ଏଥିପାଇଁ ଜିଲାର ବିଭିନ୍ନ ଅଞ୍ଚଳରେ ପୋଷ୍ଟର ଓ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଲୋକଙ୍କୁ ଅବଗତ କରାଯିବ। ଆସନ୍ତା ୧୩ରେ ଏଥିଲାଗି ବିଜ୍ଞାପନ ପ୍ରକାଶ କରାଯିବ। ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ। ୨୩ରେ ଏହାର ଯାଞ୍ଚ କରାଯାଇ ୨୪ରେ ଲଟେରୀ ମାଧ୍ୟମରେ ଚୟନ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ଆସନ୍ତା ୨୭ରୁ ୩୧ ତାରିଖ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯାତ୍ରାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଁସଦା, ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ଇଂ.ଦେବାଶିଷ ସ୍ୱାଇଁ, ମୋ ବସ୍‌ର ଜିଲା ସଂଯୋଜକ ବିଶ୍ୱ ରଞ୍ଜନ ମହାନ୍ତି ଆଭାସୀରେ ଯୋଡି ହୋଇଥିଲେ ।

## ମାନବିକତା ଦେଖାଇଲେ ଛତ୍ରପୁର ବିଧାୟକ

ଛତ୍ରପୁର,୧୧।୧୨(ଦିଲ୍ଲୀପ ସାମଲ)

ମାନବିକତା ଦେଖାଇଲେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ। ଦୁର୍ଘଟଣାରେ ଆହତ ହୋଇଥିବା ଦାଦାପୁତୁରାଙ୍କୁ ମେଡିକାଲ ପଠାଇଛନ୍ତି। ବିଧାୟକ ନାୟକ ଛତ୍ରପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ଗୋଟିଏ ବାଇକରେ ଛତ୍ରପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଦାଦା ପୁତୁରା ଦୁର୍ଘଟଣାଗ୍ରସ୍ତ ହୋଇ ଗୋବିନ୍ଦପୁର ଛକ ଜାତୀୟ ରାଜପଥ ରାସ୍ତା କଡ଼ରେ ପଡ଼ିଥିଲେ । ଏହାକୁ ଦେଖି ବିଧାୟକ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ନିକଟରେ ଥିବା ଜାତୀୟ ରାଜପଥ ପାଟ୍ରୋଲିଂ ଗାଡ଼ିରେ ସେମାନଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ହୋଇଛି। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ଜବରଦଖଲ ଉଚ୍ଛେଦ

ବ୍ରହ୍ମପୁର,୧୧।୧୨(ସ୍ମୃତି ରଞ୍ଜନ ମହାଳିକ)

ବିଇଏମ୍‌ସି ପକ୍ଷରୁ ଗୁରୁବାର ଲୋଚାପଡ଼ା ରୋଡ଼ରେ ଜବର ଦଖଲ ଉଚ୍ଛେଦ କରାଯାଇଛି। ଏହି ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ହେବାକୁ ଥିବା ବେଳେ ଗୋଟିଏ ଦୋକାନ ଗୃହ ଓ ଗୋଟିଏ ଘର ସରକାରୀ ଜାଗାରେ ନିର୍ମାଣ ହୋଇଥିଲା। ତାହା ଉଚ୍ଛେଦ ହୋଇଥିବା ଏନଫୋର୍ସମେଣ୍ଟ ଅଧିକାରୀ ବିକାଶ ନାୟକ କହିଛନ୍ତି।






## ବିନାୟକ ଆଚାର୍ଯ୍ୟଙ୍କ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର,୧୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ଶିକ୍ଷାବିତ ବିନାୟକ ଆଚାର୍ଯ୍ୟଙ୍କ ୩୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ବିନାୟକ ଆଚାର୍ଯ୍ୟଙ୍କ ତ୍ୟାଗପୂତ ଜୀବନ ଓ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ହିନ୍ଦୀ ବିଭାଗ ମୁଖ୍ୟ ପ୍ରଫେସର୍ ଗଙ୍ଗାଧର ବେହେରା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା, ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ, ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ଚିତ୍ତରଞ୍ଜନ ମହାନ୍ତି, କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ବାଲ୍ମୀକି ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ, ଡ. ରବୀନ୍ଦ୍ର କୁମାର ପଣ୍ଡା, ଡ. ସୁଶାନ୍ତ କୁମାର ପରିଡ଼ା, ଡ. ମଧୁସ୍ମିତା ଦାସ, ଡ. ସାରଦା ପ୍ରସାଦ ଦାସ, ଡ. ରୋସନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।






## ଯୌତୁକଜନିତ ହତ୍ୟା ମାମଲା

# ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ଜେଲ

ବ୍ରହ୍ମପୁର,୧୧।୧୨ (ସୁବାସ ଚନ୍ଦ୍ର ପାଢ଼ୀ):

ଯୌତୁକଜନିତ ହତ୍ୟା ମାମଲାର ଶୁଣାଣିକରି ଅତିରିକ୍ତ ଜିଲା ଜଜ୍ (ଏଡିଜେ-୨) ଆୟୁଷ୍ମାନ ମହନ୍ତ ଗୋଟିଏ ପରିବାରର ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତକରି ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ମୃତ ମହିଳାଙ୍କ ସ୍ୱାମୀ କାଲୁ ଚରଣ ସେଠୀ (୩୫), ଶାଶୁ ସୁନା ସେଠୀ(୫୦) ଓ ଶ୍ୱଶୁର ସୁବ ସେଠୀ(୬୦)। କାଲୁଙ୍କୁ ୭ବର୍ଷ ଜେଲଦଣ୍ଡ ସହିତ ୨୦ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦାୟେ ୫ମାସ ସଶ୍ରମ କାରାଦଣ୍ଡ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶାଶୁ ଓ ଶ୍ୱଶୁରଙ୍କୁ ୩ବର୍ଷ ଲେଖାଏ ଜେଲଦଣ୍ଡ ସହ ୧୫ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଏହା ଅନାଦାୟେ ଉଭୟେ ୩ମାସ ଲେଖାଏ ଜେଲ ଭୋଗିବା ପାଇଁ ରାୟ ପ୍ରକାଶ ପାଇଛି। ସେହିପରି ମୃତା ମହିଳାଙ୍କ ନଣନ୍ଦ ଅଞ୍ଜଳି ସେଠୀ ଓ ନଣନ୍ଦେଇ ସନ୍ତୋଷ ସେଠୀଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ବଡ଼ବଜାର ଥାନା ଅନ୍ତର୍ଗତ କ୍ରିଷ୍ଣାପେଟା ସାହିରେ ରହୁଥିବା ଅଭିଯୁକ୍ତ କାଲୁଙ୍କ ସ୍ତ୍ରୀ ଉଷାରାଣୀ ସେଠୀ ୨୦୧୭ ଜୁନ୍ ୧୫ ରେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଥିଲେ। ଉଷାଙ୍କ ଭାଇ ସୁଦାମ ସେଠୀ ଘଟଣାସ୍ଥଳରେ ପହଞ୍ଚି ଭଉଣୀଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ସେ ସମୟରେ ଉଷା ୨ ମାସର ଗର୍ଭବତୀ ଥିଲେ। ପୋଲିସ ନଂ.୮୬/୧୭ରେ ମାମଲା ରୁଜୁ କରି ଉଷାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ୧୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ତରଫରୁ କ୍ୟାଡର ଏପିପି ମଧୁସ୍ମିତା ସାହାଣୀ, ଏପିପି ଇସ୍‌ମାଇଲ ମହମ୍ମଦ ମାମଲା ପରିଚାଳନା କରିଥିଲେ।




## ୫ ବର୍ଷରେ ସବୁ ଖାଲି ...

ପ୍ରଥମ ପୃଷ୍ଠାରୁ...

ସୁବିଧା ମିଳିବ। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା ୩.୦ରେ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲାରେ ୨୦୧ଟି ଚେକ୍‌ଡ୍ୟାମ୍ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖାଯାଇଛି। ପ୍ରାୟ ୧୬୦ କୋଟି ଟଙ୍କା ବିନିଯୋଗରେ ଏହା ନିର୍ମାଣ କରାଯିବ ଏବଂ ଏହାଦ୍ୱାରା ୫୩୨୫ ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବ। ୧୨୫ କୋଟି ଟଙ୍କା ବିନିଯୋଗରେ ମୟୂରଭଞ୍ଜ ଓ ଗଜପତି ଜିଲାରେ ଦୁଇଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଉଦ୍ଘାଟନ କରାଯାଇଛି। ଏହାଦ୍ୱାରା ୪ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବା ସହିତ ପ୍ରାୟ ୧୦ ହଜାର ଚାଷୀ ଉପକୃତ ହେବେ। ଏହା ସହିତ ଆନନ୍ଦପୁର ବ୍ୟାରେଜର ଶାଳନ୍ଦୀ ବାମପାର୍ଶ୍ୱ କେନାଲ, ଅନୁଗୋଳର ଅଙ୍ଗପଡ଼ାଠାରେ ୩୩ କୋଟି ଟଙ୍କା ବିନିଯୋଗରେ ଏକ ନୂତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉଦ୍ଘାଟିତ ହୋଇଥିବା ଜଳସେଚନ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ୧୬,୨୫୭ ହେକ୍ଟର ଚାଷଜମିରେ ଜଳସେଚନର ସୁବିଧା ସହିତ ୬୪ ହଜାର ଚାଷୀଭାଇ ଉପକୃତ ହେବେ। ସେହିପରି ଭିତ୍ତିପ୍ରସ୍ତର ରଖାଯାଇଥିବା ପ୍ରକଳ୍ପ ଦ୍ୱାରା ୧, ୫୫,୩୬୦ ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିବ ହେବ ଏବଂ ପ୍ରାୟ ୬୩ ହଜାର କୃଷକ ଉପକୃତ ହେବେ। ସମୁଦାୟ ପ୍ରାୟ ୧ ଲକ୍ଷ ୨୭ ହଜାର କୃଷକ ଉପକୃତ ହେବେ। ଏହି ଅବସରରେ ଜଳ ସମ୍ପଦ ବିଭାଗର ୩୩୨, ପୂର୍ତ୍ତ ବିଭାଗର ୧୯୦, ଗୃହ ଓ ନଗର ଉନ୍ନୟନ ବିଭାଗର ୧୪୨ ଜଣ ସହାୟକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ୫ ଜଣ ଅର୍ଥ ଓ ହିସାବ ଅଧିକାରୀ ଏବଂ ୧୫ ଜଣ ଯୋଜନା ସହାୟକଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା। ସମୁଦାୟ ୫୯୧ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ଉନ୍ନତି ପାଇଁ ନିଯୁକ୍ତି ଆବଶ୍ୟକ ଏବଂ ଏହି କଥାକୁ ମୁଖ୍ୟମନ୍ତ୍ରୀ ହୃଦୟଙ୍ଗମ କରି ତ୍ୱରିତ ଗତିରେ ଆଜି ଅନେକ ଖାଲି ପଦବୀ ପୂରଣ କରୁଛନ୍ତି। ସେମାନଙ୍କୁ ପେଶାଦାରିତା ଓ ନିଷ୍ଠାର ସହ ଆଗାମୀ ଭବିଷ୍ୟତ ପାଇଁ ମାନସିକତା ନେଇ କାର୍ଯ୍ୟ କରିବାକୁ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନବ ନିଯୁକ୍ତମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତଭାଷଣ ଦେଇଥିବା ବେଳେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ୧୧ ଅଭିଯୁକ୍ତଙ୍କ ବିରୋଧରେ ...

ମାଗିବା ନେଇ ଏନ୍‌ଆଇଏ ଚାର୍ଜଶିଟରେ ଉଲ୍ଲେଖ କରିଛି। ରାଉରକେଲାର ଏକ ପଥର ଖଣିରୁ ବିସ୍ଫୋରକ ନେବା ଆଣିବାବେଳେ ସିପିଆଇ ମାଓଇଷ୍ଟ ଟେରର୍ ଅର୍ଗାନାଇଜେସନ ସଦସ୍ୟମାନେ ଏହାକୁ ଲୁଟ୍ କରିଥିବା ଏନ୍‌ଆଇଏ ଉଲ୍ଲେଖ କରିଛନ୍ତି। ବାଙ୍କୋ ପଥର ଖଣିରୁ ୨ଟିକିଆରେ ମୋଟ ୨୦୦ ପ୍ୟାକେଟ ବିସ୍ଫୋରକ ଲୁଟ୍ ହୋଇଥିଲା। ୨୦୨୫ ମେ' ୨୭ରେ ବିସ୍ଫୋରକଗୁଡ଼ିକୁ ଇମ୍ପା ବିସ୍ଫୋରକ ଷ୍ଟେଶନରୁ ବାଙ୍କୋ ପଥର ଖଣିକୁ ନିଆଯାଉଥିଲା। ସେତେବେଳେ ୧୦ରୁ ୧୫ଜଣ ଶସ୍ତ୍ରଧାରୀ ମାଓବାଦୀ ବିସ୍ଫୋରକ ବୋଝେଇ ଗାଡ଼ି ସହ ଚାଳକଙ୍କୁ ଜବରଦସ୍ତି ଅପହରଣ କରି ନେଇଥିଲେ। ଏହି ଘଟଣାରେ ପୋଲିସ ଓ ସିଏଏଫ୍ ଯବାନଙ୍କ ଦ୍ୱାରା ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଜୁନ୍ ମାସରେ ଏନ୍‌ଆଇଏ ଏହି ମାମଲାକୁ ସ୍ଥାନୀୟ ପୋଲିସଠାରୁ ନେଇଥିଲା। ଏତେ ପରିମାଣର ବିସ୍ଫୋରକ ଲୁଟିବା ପଛରେ ସରକାରୀ ଅଧିକାରୀଙ୍କୁ ଚାପ ପକାଇବା, ବିଶେଷକରି ପୋଲିସ ଓ ସୁରକ୍ଷା ବାହିନୀମାନଙ୍କ ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟ ରଖି ମାଓବାଦୀଙ୍କ ଦ୍ୱାରା ଲୁଟ କରାଯାଇଥିଲା। ଏହା ଦେଶର ସୁରକ୍ଷା ଓ ସ୍ଥିରତାକୁ ଅସ୍ଥିର କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ ଥିଲା ବୋଲି ଏନ୍‌ଆଇଏ ପକ୍ଷରୁ କୁହାଯାଇଥିବା ବେଳେ ମାମଲାର ତଦନ୍ତ ଜାରି ରହିଥିବା ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

## କଂଗ୍ରେସ ନେତୃତ୍ୱକୁ ଚ୍ୟାଲେଞ୍ଜ ପ୍ରସଙ୍ଗ

# ମୋକିମ୍‌ଙ୍କୁ ଘେରିଲେ ସୁର, ଜୟଦେବ

ଭୁବନେଶ୍ୱର,୧୧।୧୨ (ରବିନାରାୟଣ ଜେନା)

ରାଜ୍ୟ ତଥା ସର୍ବଭାରତୀୟସ୍ତରରେ କଂଗ୍ରେସର ନେତୃତ୍ୱକୁ ନେଇ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ପ୍ରଶ୍ନ ଉଠାଇବା ପରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ଏବଂ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ମୋକିମଙ୍କୁ ଘେରିଛନ୍ତି। ସୁରେଶ ରାଉତରାୟ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି, କଂଗ୍ରେସରୁ ଟିକେଟ ପାଇ ବିଧାୟକ ହୋଇଥିବାରୁ ଲୋକେ ତୁମକୁ ଚିହ୍ନିଛନ୍ତି। ଆମେ ଦଳପାଇଁ ୧୮ ଘଣ୍ଟା ଖଟୁଛୁ, ତୁମେ ଦଳରେ ରହୁନାହଁ ବୋଲି କଂଗ୍ରେସକୁ ଶସ୍ତା କରୁଛ। ସେ କହିଛନ୍ତି, ମୋକିମବାବୁ କଂଗ୍ରେସ ନେତୃତ୍ୱକୁ ନେଇ ଯେଉଁ ପ୍ରଶ୍ନ ଉଠାଉଛନ୍ତି, ଏହାଦ୍ୱାରା ନିଜ ଛିଅର କ୍ୟାରିୟରକୁ ନଷ୍ଟ କରିବାକୁ ଯାଉଛନ୍ତି। ଦଳ ବିରୋଧରେ ଏଭଳି କହିବା ଆଦୌ ଉଚିତ ନୁହେଁ। ସୁର କହିଛନ୍ତି, ମୋକିମ ଯଦି ଏଆଇସିସିକୁ ଚିଠି ଲେଖିବାର ଥିଲା ତାହା କାହିଁକି ଗଣମାଧ୍ୟମକୁ ଦେଲେ। ସେହିପରି ଜୟଦେବ ଜେନା କହିଛନ୍ତି, ମୋକିମଙ୍କ ଏପରି କାର୍ଯ୍ୟକୁ ମୁଁ ନାପସନ୍ଦ କରୁଛି। ଏଆଇସିସି ସଭାପତିଙ୍କ ବୟସକୁ ନେଇ ପ୍ରଶ୍ନ କରିବା ଏବଂ ରାହୁଲଙ୍କୁ ଦେଖାକରିପାରିଲେନି ବୋଲି ଚିଠି ଲେଖି ଗଣମାଧ୍ୟମ ସମ୍ମୁଖରେ ରଖିବାର କୌଣସି ଯଥାର୍ଥତା ନଥିଲା। ରାହୁଲ ସାରା ଦେଶ କଥା ବୁଝୁଛନ୍ତି, ମୁଁ ଲେଖିଥିବା ଚିଠିରେ ଉତ୍ତର ମଧ୍ୟ ପାଇଛି। ତେଣୁ ଏହାକୁ ଏକ ପ୍ରସଙ୍ଗ କରିବା ଆଦୌ ଉଚିତ ନୁହେଁ। ଏସ୍କ୍ଲାରରେ ମୋକିମ କହିଛନ୍ତି, ଦଳକୁ ସୁଦୃଢ଼ କରିବାପାଇଁ ଯାହା ଉଚିତ ମନେକଲି ତାହା ଲେଖି ଜଣାଇଛି। ଏହାକୁ ନେଇ ରାଜନୀତି ହେବା କଥା ନୁହେଁ।

---

### OFFICE OF THE PANCHAYAT SAMITI, RANGEILUNDA

Ph.: 0680-2119380(O), Fax No.: 0680-2119380(F)
Email ID: ori-rengaliguda@nic.in

L. No. 7152 VIII-87/25 Dtd.: 10.12.25

**Corrigendum of e-tender Call Notice No. 2/2025-26 published vide Letter No. 6715, Dtd.26.11.2025**

No. i-420: e-Tender Call Notice No. 2/2025-26 of Panchayat Samiti, Rangeilunda vide Letter No. 6715, Dtd.26.11.2025 due to some technical error, the date line of e-tender has been modified for the online bidding last date of e-Tender paper submission to the read as 01.01.2026 at 17.00 P.M. instead of 22.12.2025 and the opening of tender paper is 03.01.2026 at 11.00 A.M. instead of 24.12.2025 at 3.00 P.M.

Sd./- Block Developement Officer, Rangeilunda
OIPR-19424/11/0010/2526

---

### OFFICE OF THE SUPERINTENDENT DHARANIDHAR MEDICAL COLLEGE & HOSPITAL, KEONHAR - 758001

Email: supdtgmckeonjhar@gmail.com

Order No. 5304/DDMCH, Keonjhar Date: 9.12.2025

**CORRIGENDUM TO THE TENDER NOTICE**

No. E-584: Some corrigendum have been made to tender call notice No. 4909 dated 13.11.2025 of the office of the undersigned. The serial No. 08 rules/guidelines for last date of submission of tender for stationary items of 08.12.2025 is hereby changed and the time extended upto 30.12.2025 at 5.00 P.M. The tender will be opened on 31.12.2025 at 12.00 Noon. Other terms condition of the tender call notice are remain unaltered. The details are available in the website www.gmchkeonjhar.odisha.gov.in and kendujhar.nic.in.

Sd./- Superintendent Dharanidhar Medical College & Hospital, Keonjhar
OIPR-10205/11/0020/2526

---

No.O-1730

### GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR

**e-PROCUREMENT NOTICE NO.Tender Online 13 JJPT of 2025-26**

1. Name of the Work: Building Works
2. Total No. of Work: 02 Nos. Building Works
3. Estimated Cost (Approx.): Rs.84.00 Lakhs
4. Period of Completion: 270 Days
5. Class of Contractors: "B" Class

Other details as follows:

a) Procurement Officer: Superintending Engineer, Rural Works Division, Jajpur
b) Availability of tender online & submission of bid: 12.12.2025 at 10.00 AM to 22.12.2025 upto 5.00 PM
c) Last date & time of seeking of tender clarification: 20.12.2025 upto 5.00 PM
d) Opening of Technical Bid: 23.12.2025 at 11.30 A.M.

Further details can be seen from the Govt. website www.tendersodisha.gov.in

**Note: If situation arises the transparent lottery will be held on 30.12.2025, At 11.30 AM.**

Sd./- Superintending Engineer Rural Works Division, Jajpur
OIPR-25047/11/0057/2526

---

No.C-1727 M - 06645-356292 Fax - 06645-250236 Email: municipalitybelpahar@gmail.com

### OFFICE OF THE MUNICIPAL COUNCIL, BELPAHAR

"e" PROCUREMENT NOTICE
BID REFERENCE NO. EO/BPHM/MS/01/25-26
BID IDENTIFICATION NO. 2025_ORULB_122817
Tender Call Notice No. 3258 Dt.08.12.2025

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Name of the Work | : | Providing Manpower Services to Belpahar Municipality for Operation and Maintenance of Smart Park during 2025-26 |
| No of Works | : | 01 Nos. |
| Value of work | : | Rs.12,91,506.00 |
| Period of Completion | : | 12 Calendar Months |
| Date & Time of availability of the bid documents in the portal | : | From dt.09.12.2025 at 10.00 A.M. to dt.18.12.2025 up to 5.00 P.M. |
| Bids received online shall be opened on | : | 11.00 A.M. onwards on dt.19.12.2025 |
| Name & address of the officer inviting EOI | : | Executive Officer, Belpahar Municipality |

Further the details can be seen from the procurement portal : www.tendersorissa.gov.in. If any addendum/corrigendum/cancellation of tender shall be published in the above website only.

Sd./- Executive Officer Belpahar Municipality
OIPR-13050/11/0024/2526

---

### OFFICE OF THE ROURKELA MUNICIPAL CORPORATION

UDIT NAGAR, ROURKELA, ODISHA - 769012
E-mail id: rourkelamunicipality@gmail.com

No. 14126 Date: 06.12.2025

**AUCTION SALE NOTICE FOR PARKING LOTS IN TRAFFIC GATE PARKING AREA & SENSORY PARK UNDER ROURKELA MUNICIPAL CORPORATION**

No.C-1721: Sealed Quotations are invited from the intending Authorized Firms / Agencies for Auction of parking space near traffic Gate, Rourkela. The agencies must have valid GST registration certificate and PAN Card. The agency should quote the rate as per the below mentioned format in the letterhead and submit the sealed Tender super scribed on cover as **"Auction Sale Notice for Parking Lots in Traffic gate parking Area & Sensory Park under Rourkela Municipal Corporation"** and reach to the undersigned on or before 22.12.2025 up to 01.00 PM through Regd. Post/ Speed Post/ Courier/ or by hand. The Tender will be opened on the same day at 04.30 PM in presence of the Bidders or their authorized representatives who wish to attend. Authority will not be responsible for any delay in receipt of Tender and the same will not be accepted. The undersigned reserves the right to reject / cancel any or all the Quotations at any time without assigning any reason thereof. The Tender Paper may be downloaded from RMC website: rmc.nic.in.

Sd./- Commissioner Rourkela Municipal Corporation
OIPR-13131/11/0183/2526

---

### GOVERNMENT OF ODISHA Office of the Superintending Engineer Bhanjanagar (R&B) Division, Bhanjanagar

(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. //881//Dtd.05.12.2025

No.B-812 **INVITATIONS FOR BIDS (IFB)**

E-Procurement Bid Identification No. S.E - BNJ-R&B-19/2025-26

1. Name of work : Building Works
2. No. of works : 2 Nos. Building Work
3. No. of Covers : Double Cover
4. Estimated cost : Rs.61.98 to 66.66 lakhs
5. Period of Completion : Six Calendar Months
6. Date of time of availability of bid document in the portal : From 12.00 Noon of dated 12.12.2025 to 5.00 P.M. of dated 22.12.2025
7. Last date/time for receipt of bids in the portal : Up to 5.00 P.M. of dated 22.12.2025
8. Date of opening of bid documents : At 11.00 A.M. of dated 23.12.2025
9. Class of contractor : "B" Class Contractor
10. Name and address of Officer inviting bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer Bhanjanagar (R&B) Division
OIPR-34015/11/0034/2526

---

### ROURKELA SMART CITY LIMITED, Rourkela

2nd & 3rd Floor, ICCC Building, Rourakela One, Pan-posh-769004, Email: rourkelascl@gmail.com

BID ID : RSCL/1774/2025 DATE : 09.12.2025

**NOTICE INVITING TENDER NATIONAL COMPETITIVE BIDDING**

No.C-1758 : The Chief Executive Officer, RSCL, invites bids from eligible contractors for the following project:

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Development of Surface Parking in front of Nexa Showroom on percentage basis | 56.73 Lakhs. |

The Tender Fees of Rs.11,800/-to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in from 12.12.2025 to 29.12.2025(upto 13:00 Hrs. IST). Pre- Bid Meeting will be held on 19.12.2025 at 12.30 P.M. in the Conference Hall of RSCL. For queries, intending bidder may contact Er.Amarjeet Behera, RSCL Vide Phone No.84559144951, Email Id:rourkelascl@gmail.com.

Sd./- Chief Executive Officer Rourkela Smart City Limited
OIPR-13080/11/0047/2526

---

### ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ,ରାଉରକେଲା (କେ.ପ.) ବନଖଣ୍ଡ
### OFFICE OF THE DIVISIONAL FOREST OFFICER, ROURKELA (KL) DIVISION

(Phone No.0661-2950169// E-mail: dfokl1973@gmail.com)
Order No.217/ Date. 09.12.2025

No.MM-362: **INVITATION FOR BIDS (IFB)**

E-Procurement Bid Identification No.03 RKL-KL-F.E.&C.C/2025-26, Dtd.09.12.2025

| | | | |
|---|---|---|---|
| 1. | Name of work | :- | Construction of Range Office-cum-Residence at Bonai (KL) Range under Rourkela K.L. Division, District-Sundargarh |
| 2. | No. of Works | :- | 01 Nos. |
| 3. | No. of Covers | :- | Double Cover |
| 4. | **Estimated Cost (Excluding GST)** | :- | **Rs.54,51,350.00** |
| 5. | Period of Completion | :- | 03 Calendar Months |
| 6. | Date & Time of availability of bid documents in portal | :- | From **10.00 A.M.** of Date **12.12.2025** to **05.00 P.M.** of Date **26.12.2025** |
| 7. | Last date/time for receipt of bids in the portal | :- | Upto **5.00 P.M.** of Date **26.12.2025** |
| 8. | Date of Opening of bid documents | :- | At **11.30 A.M.** of Date **29.12.2025** |
| 9. | Class of Contractor | :- | **'B'** Class Contractor |
| 10. | Name and address of Officer Inviting Bid | :- | Divisional Forest Officer, Rourkela K.L. Division, Panposh |

Further, details can be seen from the e-Procurement portal **www.tenderodisha.gov.in.** The Addendum/ Corrigendum if any will be hosted in the website only

Sd./- Divisional Forest Officer Rourkela K.L. Division
OIPR-08072/11/0005/2526

---

### GOVERNMENT OF ODISHA
# AGRICULTURE DEPARTMENT
### OFFICE OF THE EXECUTIVE ENGINEER (AGRIL.), DHENKANAL DIVISION, DHENKANAL

No. 1215 Date; 08.12.2025

**INVITATION FOR BIDS (IFB)**
**e-Procurement Notice**

**Bid Identification Number/Tender Call Notice No. E E (A) D/D-04 of 2025-26**

No. L-129: The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximaterly from 5.00 lakhs to 7.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documetns can be downloaded from **www.tendersorissa.gov.in** from 12.12.2025 at 10.00 hours to 18.12.2025 at 05.00 P.M. The bid will be opened on 19.12.2025 at 03.30 P.M. in the O/o. Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from **www.tendersorissa.gov.in**.

Email ID: **eeagri.dhenkanal@gmail.com**

Sd./- Executive Engineer (Agril.) Dhenkanal Division, Dhenkanal
OIPR-01446/11/0012/2526

---

### Government of Odisha "e" procurement Notice

**Bid Identification No. TENDER ONLINE SBPR-16 OF 2025-26**
e-mail ID : rw_sambalpur@yahoo.co.in, Phone No. 0663-2401850

No.O-1740 No.5737 dated. 08.12.2025

1. Name of the work : Road Works as per DTCN available in the website www.tendersodisha.gov.in
2. Total No. of Work : 01 (One) No.
3. Estimated Cost : Varies from Rs.6.72 lakhs
4. Period of Completion : 01 (One) Calendar months
5. Period and time of availability of bid document in the portal for bidding : 12.12.2025 at 11.00 A.M. to 19.12.2025 up to 5.00 P.M.
6. Date and time of opening of Tender : 20.12.2025 at 11.00 A.M.
7. Name and address of the officer inviting bid : S.E.R.W. Divn. Sambalpur

(1) Other details can be seen from detailed notice inviting tenders, available in website www.tendersodisha.gov.in
(2) Corrigendum if any shall only be published in the website : www.tenderodisha.gov.in

Sd./- Superintending Engineer Rural Works Division, Sambalpur
OIPR-25076/11/0042/2526

---

### ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
### OFFICE OF THE NOTIFIED AREA COUNCIL, PADAMPUR

Dist.: Bargarh (Odisha), PIN - 768036

Notice No. 3449 Date: 09.12.2025

**QUOTATION CALL NOTICE**

No. C-1751: The sealed quotations are invited from interested and eligible contractors/suppliers for the work under NAC, Padampur for Construction of Iron Vending Zone, Demolition of Existing Vending Zone and Re-installation of Old Vending Zone within the NAC Jurisdiction.

**Terms & Conditions:**

1. The quotationer must submit copies of contract licence, GST Registration, PAN.
2. The quoted rate should be inclusive of all taxes, labour, materials and transportation, fabrication, demolition and re-installation charges.
3. Work shall be executed as per the specifications and as directed by the Engineers of NAC, Padampur.
4. Safe demolition and disposal of debris shall be the responsibility of the contractor.
5. Sealed quotations must reach the office of the undersigned on or before 19.12.2025 through Registered/Speed Post.
6. NAC, Padampur reserves the right to accept or reject any or all quotations without assigning any reason thereof.

| Sl. No. | Item | Rate (Exluding) GST | Rate |
|---|---|---|---|
| 1 | New Vending Zone | Square Feet | |
| 2 | Desmentaling Old Vending Zone | Square Feet | |
| 3 | Re-installation Old Vending Zone | Square Feet | |

For details you may visit **WWW.NACPADAMPUR.IN**.

OIPR-13118/11/0049/2526 Sd./- Executive Officer, NAC, Padampur

---

idco | ODISHA NEW OPPORTUNITIES No.CAD-2645

### ODISHA INDUSTRIAL INFRASTRUCTURE DEVELOPMENT CORPORATION

(A Government of Odisha Undertaking)
IDCO, IDCO Towers, Janpath, Bhubaneswar-751022, Odisha, INDIA
+91-0674-2542448, 2540820 (PABX), e-mail: cgmmsme@idco.in, Web:www.idco.in

No:IDCO/MSME/A-9819/01/2023-25/35015 Date:06.12.2025

**ADVERTISEMENT**
**INDUSTRIAL PLOTS WITH BASIC INFRASTRUCTURE AVAILABLE FOR ALLOTMENT TO MSME UNITS**

| Sl. No. | Name of the Indl. Estates/ MSME Parks and districts | Allotable land (in acres) |
|---|---|---|
| 1 | RUIN, Sundergarh | Ac. 43.18 |
| 2 | Panchapada, Jharsuguda | Ac.36.13 |
| 3 | Kurlupada (Kesinga), Kalahandi | Ac.31.70 |

Prospective MSME entrepreneurs with Udyam registration certificate/EIN may apply online in "GO-SWIFT" portal in consultation with District Industries Centre concerned. Land details alongwith layout map of the above Indl. Estates/MSME Parks are available in the respective Division offices of IDCO as well as Head Office, IDCO at Bhubaneswar.

**For details contact:**

| Sl. No. | Contact Person | E-mail address | Telephone/ Mobile No. |
|---|---|---|---|
| 1 | Divisional Head, IDCO, Rourkela Division | dhrourkela@idco.in | 0661-2400320 7978456201 |
| 2 | Divisional Head, IDCO, Sambalpur Division | dhsambalpur@idco.in | 0663-2405111 7205802452 |
| 3 | Divisional Head, IDCO, Bolangir Division | dhbolangir@idco.in | 06652-232405 9439191221 |

For availability of land please visit: Web: **www.gis.investodisha.gov.in**

OIPR-14003/11/0259/2526 Sd./- Chief General Manager (MSME)

---

### ବ୍ୟାସନଗର ପୌରପାଳିକା, ବ୍ୟାସନଗର
### OFFICE OF THE VYASANAGAR MUNICIPALITY VYASANAGAR, JAJPUR

Email_Id : vyasanagarmunicipality@gmail.com
Letter No.3880//Date : 09.12.2025

**Quotation call notice**

**No.C-1746** : The EO,Vyasanagar Municipality, Jajpur Road invites Sealed quotation from the interested registered firm/agency for Annual repair & maintenance of Battery-Operated Vehicle. The individual agency may submit the price of spare parts as including service charges, detail in Annexure-A. This will be received by the undersigned up to 12.00 P.M. on dt.22/12/2025 and will be opened at 4.00 P.M. at office conference hall on the same day. The EMD of Rs.5000 and the cost of bid document Rs.500/-(non refundable) in shape of Bank Draft of any Scheduled Bank drawn at Jajpur Road branch favoring the Executive Officer, Vyasanagar Municipality. If the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to cancel all quotation without assigning any reason thereof.

**Terms and Condition : -**

1. The contract would normally be for a period of one year, extendable by another one year at a time based upon mutual agreement or satisfactory manner.
2. The contractor will supply the original parts as per the approved rates of AMC submitted by the agency.
3. No advance payment will be made the approved contract or shall submit his bill (in duplicate) on completion of repairs.
4. Copies of valid GST registration Certificate and PAN card should also accompany the technical Bid.
5. The Municipality shall not be responsible for any financial loss.

Sd./- Executive Officer Vyasanagar Municipality
OIPR-13092/11/0014/2526

---

### ଓଡ଼ିଶା ସରକାର
### ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ, ବାଲେଶ୍ୱର
### OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE

AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6635/DATE 04.12.2025

**2nd CORRIGENDUM**
**TENDER FOR THE WORK**

**No.C-1762:"Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Soro Town".**

In continuation to this office Bid-Identification No.SEPHBLS-28 of 2025-26 dt 12.11.2025. The following amendments have been made to **Critical Dates.**

| | Item/ Clause | Description | Existing Critical Dates | 1st time corrigendum of critical dates | 2nd corrigendum of Revised/Amended Critical Dates |
|---|---|---|---|---|---|
| 1 | Critical Dates in NIT, Sec-tion-1 of DTCN | Last date and time of seeking clarification | 17.00 Hr. of dt.28.11.2025 | 17.00 Hr. of dt.05.12.2025 | 17.00 Hr. of dt.10.12.2025 |
| | | Last date & time of bidding on-line | 17.00 Hr. of dt.03.12.2025 | 17.00 Hr. of dt.10.12.2025 | 17.00 Hr. of dt.15.12.2025 |
| | | Date & Time of opening Bid | 12.00 Hr. of dt.04.12.2025 | 12.00 Hr. of dt.11.12.2025 | 12.00 Hr. of dt.16.12.2025 |

**All other terms and conditions un-altered.**

Sd./- Superintending Engineer P.H. Division, Balasore
OIPR-13053/11/0043/2526

---

### WATER AND LAND MANAGEMENT INSTITUTE

(A Premier Training Institute of DOWR, Govt. of Odisha) Pratapnagari, Telengapentha, Cuttack, Odisha, Pin - 754001
Website: walmi.odisha.gov.in, E-mail: walmi@odisha.gov.in

**QUOTATION CALL NOTICE NO. 06/ 2025-26**

**No.A-1100** : Sealed Tenders are invited from the qualified agencies/ firms relating to printing of (a) Pani Panchayat Samachar and (b) Safal Katha under Information, Education and Communication (IEC) plan of Department of Water Resources, Government of Odisha. The details of tender will be available at the website walmi.odisha.gov.in. from 12.12.2025 1.00 P.M to 22.12.2025 5.00 P.M. The bidders are to download the tender documents and bid formats from the website and send the filled in formats along with all relevant documents as per the tender enquiry for applying the assignment as mentioned above. The cost of tender document is to be remitted in the form of Bank Draft/ Demand Draft payable to the Deputy Director, WALMI at Bhubaneswar or Cuttack. The firms/ agencies are to send their bids to Deputy Director, WALMI with EMD and Tender fee on or before 22.12.2025 by 5.00 P.M which is the last date of receipt of application. The rate quoted should be inclusive of all costs of materials, labour, taxes, transportation, loading & unloading, bundling to appropriate size & stacking in designated place in WALMI. The time and date of opening of the Technical Proposal is 23.12.2025 at 3.30 P.M in the Office chamber of Deputy Director, WALMI in the presence of the quotationer or their authorized representatives. The application received after the due date and time due to any reason shall not be entertained. The authority reserves the right to modify/ cancel the quotation without assigning any reason thereof. Contact No-8658644865

OIPR-32228/11/0003/2526 Sd./- Deputy Director, WALMI

---

No.O-1656

### GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

Phone-0674-2540742, Email : se_ccrw@yahoo.co.in
No.5360/Date.29.11.2025

**"e" Procurement Notice for Road Works**
**T.C.N No. Tender-Online-C.C-43 of 2025**

| | | | |
|---|---|---|---|
| 1. | Name of the Work | : | Road works under MMSY-Disaster Resilient Road (DRR) |
| 2. | Total No. of Packages | : | 6 Nos. of Road Works under MMSY-Disaster Resilient Road (DRR) for the year 2025-26 |
| 3. | Estimated Cost of the Package | : | Varies from Rs.416.67 lakhs to Rs.708.33 lakhs |
| 4. | Class of Contractor | : | |
| | a) Estimated cost more than Rs.20.00 lakhs up to Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated cost more than Rs.1.00 Crores up to Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crores up to Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |
| | i) Officer inviting tender | : | Chief Construction Engineer, Central Rural Works Circle, Bhubaneswar |
| | ii) Availability of Tender | : | Dt.12.12.2025 from 11.00 hours to Dt.29.12.2025 up to 5.00 P.M. |
| | iii) Date of opening of Technical Bid | : | Dt.30.12.2025 at 11.00 A.M. |
| | iv) Date of opening of Financial Bid | : | To be intimated later on |

Further details can be seen from the website www.tendersodisha.gov.in

Sd./- Chief Construction Engineer Central Rural Works Circle, Bhubaneswar
OIPR-25082/11/0038/2526

---

OHPC ISO 9001-14001 18001 Certified

### OFFICE OF THE SR.GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com/sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-38/2025-26, DATED 08.12.2025**

**No.CAD-2638:** Sealed tenders are invited in two parts i.e. (i) Techno Commercial bid (ii) Price bid in separate sealed envelopes from the registered travel agencies/vehicle owners/service providers for providing services as mentioned below.

| Description of Materials/ Services | Cost of tender paper (Non-re-fundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of Sale/ download of tender docu-ment | Last date & time of receipt of tender | Date & time of opening of Techno commer-cial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for patrolling of the local Police Officer, Outpost of Mukhiguda for 04 Years | 7,080/- (inclu-sive of GST) | 01% of quoted price | From 12.12.2025 to 23.12.2025 upto 13.00 Hrs. | 23.12.2025 (upto 13.30 Hrs.) | 23.12.2025 at 16.30 Hrs |

For details of the tender documents, terms and conditions please visit our website www.ohpcltd.com

OIPR-04008/11/0050/2526 Sd./- C&P Head, UIHEP, Mukhiguda

---

### GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH

Near Bana Durga Temple, Sankara, Sundargarh, Dist. : Sundargarh, PIN-770020, Email - serw_sundargarh@yahoo.com
Office Order No.3947//Date. 09.12.2025

**1st Corrigendum**

**No.O-1756** : The date of availability of tender online/date of seeking clarification/date of opening of tender for all the works invited under NIT Letter No : 3754 dtd 28.11.2025 vide Bid Identification No. : Online - RWCCESNG-24 of 2025-26 are hereby modified as follows :

| Procurement Officer | Bid Identification No. | Availability of Tender on-line for bidding | Availability of Tender On-line for bidding upto | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 24 of 2025-26 | 23.12.2025 11:00 A.M. | 12.01.2026 5:00 P.M. | 09.01.2026 5:00 P.M. | 13.01.2026 11:00 A.M. | Will be intimated separately |

All other terms and Conditions are remained Unchanged.

Sd./- Chief Construction Engineer Rural Works Circle, Sundargarh
OIPR-25133/11/0089/2526

---

No.i-417

### GOVERNMENT OF ODISHA PANCHAYAT RAJ AND DRINKING WATER DEPARTMENT PANCHAYAT SAMITI, BARPALI

**e-Procurement Notice No.BDO/01/2025-26**
e-mail address: ori-barpali@nic.in

1. Type/Nature of Work: Civil Work/ Building Works. 2. Total No. of Works: 02 (Two) Nos., 3. Approx. value of works: Rs.12.03 Lakhs and 12.32 Lakhs. 4. Period of Completion: 06 (Six) Calendar Months. 5. Classification of bidders: 'D' & 'C' Class Contractor only.

**Other details as follows:**

| Procurement Officer | e-Procurement Notice No. | Availability & Submission of bids in online From | Availability & Submission of bids in online To | Date & time of opening of tender |
|---|---|---|---|---|
| 1 | 2 | 3 | 4 | 5 |
| Block Development Officer, Barpali, Dist: Bargarh, Odisha | BDO/01/2025-26 | 11.12.2025 from 10.00 AM | 23.12.2025 upto 5.00 PM | 24.12.2025 at 11.00 AM |

N.B.: Further details can be seen from the e-procurement portal https://www.tendersodisha.gov.in. Any addendum/ Corrigendum/Cancellation to the above notice will be published in the Govt. website www.tendersodisha.gov.in.

OIPR-19334/11/0001/2526 Sd./- Block Development Officer, Barpali, Dist-Bargarh, Odisha

---

OHPC

### ODISHA HYDRO POWER CORPORATION LIMITED OFFICE OF THE SENIOR GENERAL MANAGER (ELECTRICAL),BHEP

At/POST: BALIMELA, DIST: MALKANGIRI (ODISHA) PIN: 764 051
Phones: 06861-232581(O)/ 232641 (R) Fax:06861-232541, E mail: unit.head_balimela@yahoo.com/bhep.balimela@gmail.com

**TENDER CALL NOTICE**
**NOTICE INVITING TENDER No.BHEP/48/2025-26, Dated 08.12.2025**

**No.CAD-2634:** The Sealed tenders are invited in **Single part bid basis (i.e. Techno-commercial bid) & in percentage wise** basis from the Electrical Contractors/ Firms/Agencies having experience in the execution of any electrical works under State/ Central Govt./PSU of Govt. of India/PSU of Govt. of Odisha & having **valid Electrical Contractor License** & fulfilling the eligibility criteria as per the tender specification for the work as mentioned below.

| Sl. No. | Name of the Work | E.M.D. (Refunded) | Cost of bid documents in Rs. |
|---|---|---|---|
| 1 | Dismantling of unused conductors and uprooted of joist poles from colony area of BHEP, Balimela | 1% of the Quoted Value exclusive of GST | Rs.4,000.00+ (GST @ 18%) Rs.720.00= Rs.4,720.00 |

Availability of bid document : From 10.00 Hrs. of 11.12.2025 to 12.00 Hrs. of 22.12.2025
Last date & time of submission of bid: Upto 12.00 Hrs. of 22.12.2025
The date & time of opening of the bid: 12.30 Hrs onwards of 22.12.2025
For details of the tender documents, terms & conditions, please visit our website www.ohpcltd.com

OIPR-04019/11/0125/2526 Sd./- C & P Head, BHEP, Balimela

## ଚିକିଟି ଅଞ୍ଚଳରେ ବଢୁଛି ଜୁଆଖେଳ

ଚିକିଟି, (ପ୍ରକାଶ ଚନ୍ଦ୍ର ସାହୁ)କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଇଲାକାରେ ଦିନକୁ ଦିନ ଜୁଆଖେଳ ବଢିଚାଲିଛି । ଏହାକୁ ବନ୍ଦ କରିବା ପାଇଁ ଆଖପାଖ ଗ୍ରାମବାସୀ ସ୍ଥାନୀୟ ପୋଲିସକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି । ଏପରିକି ରାମଚନ୍ଦ୍ରପୁର ପଞ୍ଚାୟତ ତଳ ହରଡ଼ାବାଡ଼ି ଓ ଉପର ହରଡ଼ାବାଡ଼ି ଗ୍ରାମର ପାହାଡ଼ ପାଖରେ ଦୀର୍ଘ ମାସ ଧରି ବଡ ଧରଣର ଜୁଆଆଡ୍ଡା ଚାଲିଛି । ଏହି ଜୁଆ ଖେଳକୁ ଆନ୍ଧ୍ର ସୀମାନ୍ତ ଏବଂ ଚିକିଟି ପାତ୍ରପୁର ଅଞ୍ଚଳରୁ କିଛି ଜୁଆଡ଼ି ଆସି ଏବଂ ଅପରାଧୀ, ଖଳ ପ୍ରକୃତିର ଲୋକ ଆସୁଛନ୍ତି । ଯାହାଦ୍ୱାରା ଅଞ୍ଚଳରେ ଚୋରି ଡକାୟତ ଘଟଣା ଘଟୁଛି ।



## କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ଭଞ୍ଜନଗର,୧୧।୧୨(ବାବୁଲା ପ୍ରଧାନ): ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲାପାଳ ତଥା କଲେଜ ପରିଚାଳନା କମିଟି ଚେୟାରମ୍ୟାନ ଉମାଶଙ୍କର ବେହେରା ଅଧକ୍ଷତା କରି ଗୁଣାତ୍ମକ ଶିକ୍ଷାର ବିକାଶ କିଭଳି ହୋଇପାରିବ ସେ ନେଇ କହିଥିଲେ। ଏଥିସହ ଚଳିତବର୍ଷ ପରୀକ୍ଷା ଫଳ ଶତ ପ୍ରତିଶତ କିଭଳି ହେବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ଉପ ଜିଲାପାଳ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଯୁକ୍ତ ୨ ଖୋଲିବା ପ୍ରକ୍ରିୟା ଚାଲିଛି। ଏଥିପାଇଁ ଆବଶ୍ୟକ ଶ୍ରେଣୀଗୃହ ଗୁଡିକ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଦ୍ୟାଳୟ ପ୍ରିନ୍ସପାଲ ପ୍ରଦୀପ କାମାନୁ ବିଦ୍ୟାଳୟର ଆବଶ୍ୟକତା ଏବଂ ଅନ୍ୟାନ୍ୟ ବିଷୟ ଉପରେ କହିଥିଲେ। ପରିଚାଳନା କମିଟି ସଦସ୍ୟ ତଥା କେଏସୟୁବି କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ଦାଶ, ବରିଷ୍ଠ ଶିକ୍ଷାବିତ୍ ଅଧ୍ୟାପକ ଡ. ସୁଶାନ୍ତ କୁମାର ମଲ୍ଲିକ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ବେହେରା, ଶିକ୍ଷକ ପ୍ରତିନିଧି ଜ୍ୟୋତିପ୍ରକାଶ ସାହୁ, ଶିକ୍ଷୟତ୍ରୀ କୃଷ୍ଣମୟୀ ପରିଡା, ଅଭିଭାବକ ସଦସ୍ୟ ରବିନାରାୟଣ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଚିନିଶିଳ୍ପ ପରିଦର୍ଶନ କଲେ ଜାତୀୟ ସମବାୟ ଚିନିଶିଳ୍ପ ମହାସଂଘ ପ୍ରତିନିଧି ଦଳ

ଆସିକା,୧୧।୧୨(ସୁରେନ୍ଦ୍ର ନାଥ ସାହୁ):


ପ୍ରତିନିଧି ଦଳ ଆଖୁକ୍ଷେତ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ନୂଆଦିଲ୍ଲୀସ୍ଥିତ ଜାତୀୟ ସମବାୟ ଚିନିଶିଳ୍ପ ମହାସଂଘର ୩ ଜଣିଆ ପ୍ରତିନିଧି ଦଳ ଗତ ୮ରୁ ୧୦ ତାରିଖ ଯାଏ ଆସିକା ଚିନିଶିଳ୍ପ ପରିଦର୍ଶନ କରିବା ସହ ଚିନିଶିଳ୍ପ ପରିସରଭୁକ୍ତ ଅଞ୍ଚଳର ଆଖୁଚାଷ ପରିଦର୍ଶନ କରି ଫେରିଛନ୍ତି। ଏହି ପ୍ରତିନିଧି ଦଳରେ ଜାତୀୟ ପରାମର୍ଶଦାତା ଡ. ଆର.ବି. ଡୋଲେ, କେ. ମୂରଲିଧର ଚୌଧୁରୀ ଓ ଏସ. ସୋମସନ୍ଦରମ ରହିଥିଲେ । ପ୍ରତିନିଧି ଦଳ ଚିନିଶିଳ୍ପ ପରିସରଭୁକ୍ତ ଅଞ୍ଚଳ ବେଗୁନିଆପଡା ବ୍ଲକର କୁମ୍ଭାର ଗାଁ, ହଂସତଲି, ଅଙ୍ଗାରଗାଁ, ଶେରଗଡ ବ୍ଲକର ହାଡିଚିରା, କବିସୂର୍ଯ୍ୟନଗର ବ୍ଲକର ଗୋଲାମୁଣ୍ଡଳା ଗ୍ରାମରେ ଆଖୁଚାଷ ବୁଲି ଦେଖିବା ସହ ଚାଷୀମାନଙ୍କ ସହିତ ଆଖୁଚାଷ ସମ୍ପର୍କିତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଚାଷୀମାନେ ଆଖୁଚାଷ ଲାଗି ଶ୍ରମିକ ସମସ୍ୟା, ଆଖୁ କିଆରିକୁ ଜଳସେଚନ ସମସ୍ୟା, ବନ୍ୟଜନ୍ତୁଙ୍କଠାରୁ ଆଖୁ ସୁରକ୍ଷା ଓ ଖରାଦିନେ ଅଗ୍ନିକାଣ୍ଡରେ ନଷ୍ଟ ହେଉଥିବା ଆଖୁର କ୍ଷତିପୂରଣ ପାଇଁ ବୀମା କମ୍ପାନୀମାନଙ୍କ ନିତି ନିୟମ ଓ ସମୟ ଅବଧିରେ ପରିବର୍ତ୍ତନ କରି ଆଖୁଫସଲକୁ ବୀମାଭୁକ୍ତ କରିବା ପାଇଁ ଏହି ପ୍ରତିନିଧି ଦଳଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ । ଆଖୁ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଫସଲପାଇଁ ବୀମା ବ୍ୟବସ୍ଥା ହୋଇଛି। ଆଖୁଚାଷୀଙ୍କୁ ସରକାର ଓ ବୀମା କମ୍ପାନୀଗୁଡିକ ଉପେକ୍ଷା କରୁଥିବା ନେଇ ଚାଷୀ କ୍ଷୋଭ ପ୍ରକାଶ କରିଥିଲେ । ଡ. ଡୋଲେ ସମସ୍ୟା ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିନିଧି ଦଳ ଚିନିଶିଳ୍ପ ପରିଦର୍ଶନ କରି ବିଭିନ୍ନ ଯନ୍ତ୍ରାଂଶର ମରାମତି, ପୁନରୁଦ୍ଧାର, ନୂତନ ଯନ୍ତ୍ରାଂଶର ପୁନଃ ସ୍ଥାପନା ବିଷୟରେ ସମୀକ୍ଷା କରିଥିଲେ । ଏଥି ସହ ଚିନିଶିଳ୍ପର ପରିଚାଳନା ପରିଷଦ ସଭାପତି ରବିନ୍ଦ୍ର ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା, ସଂପାଦକ ସନ୍ତୋଷ କୁମାର ମଲିକ, ମୁଖ୍ୟ ଯନ୍ତ୍ରୀ କେଦାରନାଥ ସାହୁ ଏବଂ ବରିଷ୍ଠ ପରିଚାଳକଙ୍କ ସହ ଚିନିଶିଳ୍ପର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ପରିଷଦର ସଦସ୍ୟ ବସନ୍ତ ଦଳାଇ, ଉଦୟନାଥ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ ସାମିଲ ରହିଥିଲା ବେଳେ ପ୍ରତିନିଧି ଦଳଙ୍କ ଆଖୁକ୍ଷେତ ପରିଦର୍ଶନରେ ଆଖୁ ଉନ୍ନୟନ ପର୍ଯ୍ୟବେକ୍ଷକ ବାଇଧର ନାହାକ, ଚିରଞ୍ଜିବି ମହାନ୍ତି, ସୁକାନ୍ତ ପଣ୍ଡା, ଧ୍ରୁବ ଚରଣ ସାହୁ ପ୍ରମୁଖ ସାମିଲ ଥିଲେ ।

## ସ୍କୁଟିରେ ଧକ୍କା ହେଲା ବାର୍ହା, ମହିଳାଙ୍କ ମୃତ୍ୟୁ

ଛତ୍ରପୁର,୧୧।୧୨(ଦିଲୀପ ସାମଲ): ସ୍କୁଟିରେ ବାର୍ହା ଧକ୍କା ହେବାରୁ ପଡ଼ିଯାଇ ଗୁରୁତର ହୋଇଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ଝୁନୁ ରାଉଳ । ଗତ ରବିବାର ରାତି ସାଢ଼େ ୯ଟାରେ ଝୁନୁ ରାୟଗଡ଼ାରେ ରହୁଥିବା ତାଙ୍କ ଭଉଣୀ ଘରକୁ ଟ୍ରେନ୍‌ରେ ଯିବା ପାଇଁ ଛତ୍ରପୁର ରେଲୱେ ଷ୍ଟେଶନକୁ ଜଣଙ୍କ ସହ ସ୍କୁଟିରେ ବସି ଆସୁଥିଲେ। ପୋଡାପଦର ଗ୍ରାମ ପୋଖରୀ ନିକଟରେ ଏକ ବାର୍ହା ଆସି ସ୍କୁଟିକୁ ଧକ୍କା ଦେବାରୁ ଚାଳକ ଏବଂ ଝୁନୁ ଉଭୟେ ଖସିପଡି ଗୁରୁତର ଆହତ ହୋଇଥିଲେ। ସେ ସମୟରେ ପାଟ୍ରୋଲିଂ କରୁଥିବା ଗଞ୍ଜାମ ପୋଲିସ ଉଭୟଙ୍କୁ ପଡିଥିବା ଦେଖି ଗାଡ଼ିରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ଝୁନୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସେଠାରୁ ବ୍ରହ୍ମପୁର ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।

### ରିସୋର୍ଟ ନିର୍ମାଣ ପାଇଁ ଜାଗା ଦେଇଛି ପ୍ରଶାସନ

## ଜାଗା ଚିହ୍ନଟକୁ ଗ୍ରାମବାସୀଙ୍କ ବିରୋଧ

ମୋହନା,୧୧।୧୨(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଅନକ ଡୁଙ୍ଗୁରୁ ଗାଁ ନିକଟରେ ଥିବା ଏକ ସରକାରୀ ଜମିରେ ରିସୋର୍ଟ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହି ସରକାରୀ ଜମିରେ ଗାଁର ୩୪ ପରିବାର ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତି କରିବା ଲକ୍ଷ୍ୟରେ ଏବେ ଏହି ଜମିକୁ ଇଡ଼କୋକୁ ଏକ ରିସୋର୍ଟ କରିବାକୁ ଅନୁମତି ମିଳିଛି। ଫଳରେ ଗୁରୁବାର ଉପଜିଲାପାଳ ଅନୁପ ପଣ୍ଡାଙ୍କ ଉପସ୍ଥିତିରେ ଜମି ଅଧିଗ୍ରହଣ କରିବାକୁ ଚିହ୍ନଟ ପାଇଁ ୩ ପ୍ଲାଟୁନ ପୋଲିସ ଫୋର୍ସ ଧରି ପହଞ୍ଚିଥିଲା ପ୍ରଶାସନ। ମାତ୍ର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜାଗା ଚିହ୍ନଟକୁ ବିରୋଧ କରିବା ସହ ସେଠାରୁ ଚାଲିଯିବାକୁ ଜିଦ ଧରି ଦିନ ତମାମ ଜଗି ରହିଥିଲେ। ଅନ୍ୟପକ୍ଷରେ ମୋହନା ତହସିଲଦାର ଚକ୍ରଧର ପାଢ଼ୀ ୩୪ ଜଣ ପରିବାରର ସଦସ୍ୟଙ୍କୁ ଯୋଗ୍ୟତା ଅନୁସାରେ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଗ୍ରାମବାସୀ ଶୁଣି ନ ଥିଲେ। ଶେଷରେ ଗାଁ ଲୋକଙ୍କ ସହ ଉପଜିଲାପାଳ ପଣ୍ଡାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଗାଁ ଲୋକେ ଘର ପିଛା ଦଶ ଏକର ଜମି ଦେଲେ ସେହି ଜାଗାକୁ ଛଡ଼ାଯିବ ବୋଲି କହିଥିଲେ। ଫଳରେ କିଛି ନିଷ୍ପତ୍ତି ହୋଇ ନ ପାରି ଅଧାରୁ ବୈଠକ ବନ୍ଦ ହୋଇଥିଲା। ଏ ସମ୍ପର୍କରେ ଉପ ଜିଲାପାଳ ପଣ୍ଡା କହିଛନ୍ତି, ଗାଁରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରାଯାଉଛି।

## ଗଞ୍ଜାମକୁ ଭାଗ କରି ୪ ଜିଲା କରାଯାଉ

### ଭାରତୀୟ ବିକାଶ ପରିଷଦ ଦାବି

ଭଞ୍ଜନଗର,୧୧।୧୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲାକୁ ଭାଗ ଭାଗ କରି ୪ଟି ଜିଲା ଘୋଷଣା କରିବାକୁ ଭାରତୀୟ ବିକାଶ ପରିଷଦ ଦାବି କରିଛି। ଉପଜିଲାପାଳ ଏବଂ ଆର୍‌ଡିସିଙ୍କ କ୍ଷମତା ଦିନକୁ ଦିନ ସରକାର ସଙ୍କୁଚିତ କରୁଛନ୍ତି। ତେଣୁ ଉକ୍ତ କାର୍ଯ୍ୟାଳୟଗୁଡିକ ରହିବା ଦ୍ୱାରା ବିପୁଳ ରାଜସ୍ୱ କ୍ଷତି ହେଉଛି। ସରକାର ଉକ୍ତ ୨ ପଦବୀ ଉଚ୍ଛେଦ କରିବା ସହ ଗଞ୍ଜାମକୁ ୪ ଭାଗ କରି ୪ଟି ଜିଲା ଯଥା ବ୍ରହ୍ମପୁର, ଘୁମୁସର, ରଷକୁଲ୍ୟା ଓ ଗଞ୍ଜାମ ଜିଲା ଭାବେ ଘୋଷଣା କରିବା ପାଇଁ ଭାରତୀୟ ବିକାଶ ପରିଷଦ ତରଫରୁ ଗୁରୁବାର ଖବରଦାତା ସମ୍ମିଳନୀରେ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଦାବି କରିଛନ୍ତି। ଏଥିସହ ସେ ବ୍ରହ୍ମପୁର ଜିଲାର ମୁଖ୍ୟ ଦପ୍ତର ବ୍ରହ୍ମପୁର, ଘୁମୁସରର ଭଞ୍ଜନଗର, ରଷିକୂଲ୍ୟାର ଆସିକା ଏବଂ ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁର ହେଉ ବୋଲି କହିଛନ୍ତି।

ଅବିଭକ୍ତ ଗଞ୍ଜାମ ଜିଲାକୁ ୧୯୯୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପୁର୍ନଗଠନ କରି ନୂତନ ଗଜପତି ଜିଲା ଗଠନ କରିଥିଲେ । ସେବେଠାରୁ ଗଞ୍ଜାମ ୨୨ଟି ବ୍ଲକ, ୧୮ଟି ସହରାଞ୍ଚଳ ଓ ମୋଟ ୩୨୫୦ ରାଜସ୍ୱ ଗ୍ରାମକୁ ନେଇ ଗଞ୍ଜାମ ଜିଲା ହୋଇ ରହିଛି। ଜନସଂଖ୍ୟା ୩୫,୨୯୦୩୧ରୁ ଉର୍ଦ୍ଧ୍ୱ । ଯାହାକି ରାଜନୈତିକ, ଭୌଗଳିକ, ପ୍ରଶାସନିକ ଦୃଷ୍ଟିରୁ ଓଡ଼ିଶାର ସର୍ବ ବୃହତମ ଜିଲା। ତେଣୁ ସରକାର ଉପରୋକ୍ତ ୨ ଦାବିକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଅନ୍ତୁ। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଦିଗପହଣ୍ଡି,୧୧।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଭୀମ୍ପଗିରି ଗ୍ରାମସ୍ଥିତ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ୨ ଦିନ ଧରି ଅନୁଷ୍ଠିତ କ୍ରୀଡ଼ା ଉତ୍ସବକୁ ଅଧକ୍ଷ ଜେନାମଣି ସାହୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଅଧକ୍ଷ ଡ.ସୁଧୀ ରଞ୍ଜନ ହୋତା ଏବଂ ରାମଜୀ ଯୁକ୍ତ ୩ ଡିଗ୍ରୀ କଲେଜ ଅଧକ୍ଷ ନିହାର ରଞ୍ଜନ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଜିତ ଜେନା, ବାଣିଜ୍ୟ ବିଭାଗ ଶିକ୍ଷକ ବିକାଶ ବେହେରା ଏବଂ ଶିକ୍ଷକ କୁନା ବିବାର କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

## କୁକୁଡ଼ା ଚାଷ ସମ୍ପର୍କିତ ତାଲିମ ଉଦ୍‌ଯାପିତ

ଆର. ଉଦୟଗିରି,୧୧।୧୨(ମନୋଜ କୁମାର ପାଢ଼ୀ)

ଗଜପତି ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ କୁକୁଡ଼ା ଚାଷ ଉପରେ ଚାଲିଥିବା ୩ ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମରେ ଆର.ଉଦୟଗିରି ବ୍ଲକର ବିଭିନ୍ନ ଗ୍ରାମରୁ ୨୦ ଜଣ ମହିଳା ଚାଷୀ ଭାଗ ନେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବିଜ୍ଞାନୀ ଡ. ସୁଶ୍ରୀ ଚୌଧୁରୀ ସ୍ୱାଗତ ସୂଚନା ଦେଇ କୁକୁଡ଼ା ପାଳନ ଦ୍ୱାରା ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରର ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ଜୀବିକା ନିମନ୍ତେ କୁକୁଡ଼ା ପାଳନ ଏକ ସହଜ ଏବଂ କମ ପୁଞ୍ଜିରେ ଆରମ୍ଭ କରାଯାଉଥିବା ବ୍ୟବସାୟ ବୋଲି ବୁଝାଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ.ତୁଷାରେନ୍ଦୁ ନାୟକ ଓ ପ୍ରାଣୀ ବିଜ୍ଞାନୀ ଡ. ଆଲୋକପ୍ରଭା ଷଡ଼ଙ୍ଗୀ ଉପସ୍ଥିତ ଚାଷୀମାନଙ୍କୁ କୁକୁଡ଼ା ପାଳନରେ ଗୃହ ପରିଚାଳନା, ଖାଦ୍ୟ ପରିଚାଳନା, ରୋଗ ପରିଚାଳନା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ୨ୟ ଦିନରେ ନୂଆଗଡ ଓ ରାୟଗଡ ବ୍ଲକର ପ୍ରାଣୀ ଚିକିତ୍ସକମାନେ ଯୋଗଦେଇ ପୋଷଣ ମିଶ୍ରିତ ଦାନା, ଖାଦ୍ୟ ଓ ପୋଷଣ, କୁକୁଡ଼ା ଅଣ୍ଡା ଓ ମାଂସ ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଶେଷ ଦିବସରେ ଚାଷୀମାନେ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ।

## ୨ ଛାତ୍ରଙ୍କ ଗଣ୍ଡଗୋଳରୁ ସ୍କୁଲ ଆଗରେ ବୁଲିଲା ଖଣ୍ଡା

ଚିକିଟି,୧୧।୧୨(ପ୍ରକାଶ ଚନ୍ଦ୍ର ସାହୁ):ଗଞ୍ଜାମ ଜିଲା ଚିକିଟି ପେଣ୍ଠସ୍ଥିତ ନୋଡାଲ ହାଇସ୍କୁଲର ୨ ଛାତ୍ରଙ୍କ ମଧ୍ୟରେ କୌଣସି କାରଣରୁ ଗୁରୁବାର ଗଣ୍ଡଗୋଳ ହୋଇଥିଲା । ଉଭୟ ଛାତ୍ର ନିଜ ନିଜ ଘରେ ଏହା କହିବା ପରେ ଉଭୟଙ୍କ ସମର୍ଥକମାନେ କାତି ଠେଙ୍ଗା ଧରି ସ୍କୁଲଠାରେ ପହଞ୍ଚି ଗେଟ୍ ବାହାରେ ହୋ ହାଲ୍ଲା କରିଥିଲେ। ପରିସ୍ଥିତି ଅଣାୟତ ହେବାରୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବି ସାହୁ ଏନେଇ କେ.ନୂଆଗାଁ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଛାତ୍ରଙ୍କ ସମର୍ଥକ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିଲା। ପରେ ସମସ୍ତେ ଛତ୍ରଭଙ୍ଗ ଦେଇ ପଳାଇଥିଲେ । ଏନେଇ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। ସ୍କୁଲରେ ପୋଲିସ ମୁତୟନ ପାଇଁ ଲିଖିତ ଭାବେ କେ ନୂଆଗାଁ ଥାନାକୁ ଜଣାଇଛି ବୋଲି କହିଛନ୍ତି।

## ଏକଲ ଆଚାର୍ଯ୍ୟ ଅଭ୍ୟାସ ବର୍ଗ ଉଦ୍‌ଯାପିତ

ରାଇକିଆ,୧୧।୧୨ (ପ୍ରଦୀପ ବେହେରା)

ଏକଲ ଅଭିଯାନ ଓଡ଼ିଶା ସଂଭାଗ ଦକ୍ଷିଣ ଭାଗ ଫୁଲବାଣୀ ଅଞ୍ଚଳର ରାଇକିଆ ଏବଂ କ.ନୂଆଗାଁ ସଞ୍ଚର ଚାଲିଥିବା ୫ ଦିନିଆ ଆଚାର୍ଯ୍ୟ ଅଭ୍ୟାସ ବର୍ଗ ସୁଗୁଡବାଡ଼ି ପଞ୍ଚାୟତ ଲେଙ୍ଗୁମାହାଠାରେ ଗୁରୁବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା ଯୋଗ ଦେଇ ଗ୍ରାମୀଣ କ୍ଷେତ୍ରରେ କୁସଂସ୍କାର, ଅନ୍ଧବିଶ୍ୱାସକୁ ଦୂରେଇବା ସହ ଶିକ୍ଷା, ଜାଗରଣ ଓ ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ ଦିବସରେ ଅତିଥି ଭାବେ ରାଇକିଆମଣ୍ଡଳ ସଭାପତି ସନ୍ତୋଷ ପାତ୍ର, ଅନ୍ୟ ସମ୍ମାନିତ ଅତିଥି ବିଷ୍ଣୁ ପ୍ରସାଦ ନାୟକ, ଅରୁଣ ପଣ୍ଡା ଉପସ୍ଥିତ ଥିଲେ। ସଞ୍ଚ ସଭାପତି ନାରାୟଣ ପ୍ରସାଦ ମହାନ୍ତି, ଉପସଭାପତି ଗଦାଧର ସାହୁ ପରିଚାଳନା କରିଥିଲେ।

## ବଡ଼ଦିନ ପାଇଁ ପୋଲିସର ଫ୍ଲାଗ ମାର୍ଚ୍ଚ

ଜି.ଉଦୟଗିରି,୧୧/୧୨(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲାରେ ଚଳିତ ବର୍ଷ ବଡ଼ଦିନକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମନ୍ତେ ଜିଲାରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାକୁ ଗୁରୁତ୍ୱ ଦେଇ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ସ୍ଥାନରେ ଶାନ୍ତି କମିଟି ବୈଠକ କରାଯିବା ସହିତ ପୋଲିସର ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ଜି.ଉଦୟଗିରି ପୋଲିସ ସହରରେ ଫ୍ଲାଗ ମାର୍ଚ୍ଚ କରିଛି। ଥାନା ଅଧିକାରୀ ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି ଫ୍ଲାଗ ମାର୍ଚ୍ଚରେ ଇନ୍ସପେକ୍ଟର ରଞ୍ଜିତା ବେହେରା,ଏସ୍‌ଆଇ ରୂପକ ଦଳେଇ ପ୍ରମୁଖ ଓ ଅନ୍ୟମାନେ ସହର ପରିକ୍ରମା କରିଥିଲେ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କୌଣସି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଥାନା ଅଧିକାରୀ କହିଛନ୍ତି।


ଭାରତ ସରକାର
ଅର୍ଥ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ
ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟ
କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
ହୋଟେଲ ସମ୍ରାଟ, ଚାଣକ୍ୟପୁରୀ, ନୂଆଦିଲ୍ଲୀ
ଇମେଲ: cis.dgsystems@gov.in ୱେବ୍‌ସାଇଟ: www.cbic.gov.in

ଟେଣ୍ଡର ଆଇଡି: ୨୦୨୫_ଡିଆରଇଭି_୮୮୯୨୫୮ ତାରିଖ:

ବିଜ୍ଞପ୍ତି

ସୀମା ଶୁଳ୍କ ଏକୀକୃତ ପ୍ରଣାଳୀ (ସିଆଇଏସ୍) ନିମନ୍ତେ କାର୍ଯ୍ୟାନ୍ୱୟନ ଏଜେନ୍ସି (ଆଇଏ) ଚୟନ ଲାଗି ଆଗ୍ରହର ଅଭିବ୍ୟକ୍ତି (ଇଓଆଇ)

ଭାରତର ରାଷ୍ଟ୍ରପତି, କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ ଅଧୀନସ୍ଥ ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟ ଜରିଆରେ ସୀମା ଶୁଳ୍କ ଏକୀକୃତ ପ୍ରଣାଳୀ (ସିଆଇଏସ୍) ନିମନ୍ତେ କାର୍ଯ୍ୟାନ୍ୱୟନ ଏଜେନ୍ସିର ଚୟନ ପାଇଁ ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରୁଛନ୍ତି । ଆଗ୍ରହୀ ବିଡରମାନେ ସିପିପି ପୋର୍ଟାଲରେ ତା୧୦।୧୨।୨୦୨୫ରିଖରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ଆଇଡି ୨୦୨୫_ଡିଆରଇଭି_୮୮୯୨୫୮ ଅନୁଯାୟୀ ଆବଶ୍ୟକୀୟ ସମ୍ପୂର୍ଣ୍ଣ ସୂଚନା ସହ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ସେମାନଙ୍କର ଦରଖାସ୍ତ ଦାଖଲ କରିପାରନ୍ତି । ବିଡ୍ ଦାଖଲର ଶେଷ ତାରିଖ ହେଉଛି ତା୨୧।୦୧।୨୦୨୬ରିଖ ୧୭.୦୦ ଘଟିକା (ଆଇଏସ୍‌ଟି) ସୁଦ୍ଧା । ସବିଶେଷ ବିଜ୍ଞପ୍ତି ଏବଂ ଅଂଶଗ୍ରହଣ ପାଇଁ ଦୟାକରି ଇ-ଟେଣ୍ଡର ୱେବ୍‌ସାଇଟ: https://eprocure.gov.in/eprocure/app ପରିଦର୍ଶନ କରନ୍ତୁ ।
ସମସ୍ତ ପ୍ରଶ୍ନ cis.dgsystems@gov.inକୁ ଇମେଲ୍ କରାଯାଇପାରିବ ।
CBC 15502/11/0045/2526



GANGADHAR MEHER UNIVERSITY
AMRUTA VIHAR, SAMBALPUR (ODISHA)- 768004
No.5429/GMU Date 11.12.2025

WALK-IN INTERVIEW FOR ENGAGEMENT OF TEACHERS (CONTRACTUAL BASIS)

A Walk-in-Interview is scheduled to be held on dt.19.12.2025 for engagement of eligible candidates as teachers purely on contractual basis for ITEP as per NCTE guideline. For details candidates may visit "www.gmuniversity.ac.in"
Sd./- Registrar



କିଡ୍‌ସ ହସ୍ପିଟାଲ, ଡୁମୁଡୁମା, ଭୁବନେଶ୍ୱର – ୭୫୧୦୧୯, ଓଡ଼ିଶା

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଛି ଯେ, ମେଡ଼ିକାଲ ରେକର୍ଡ ନିୟମ ଅନୁସାରେ, କିଡ୍‌ସ ହସ୍ପିଟାଲ, ଡୁମୁଡୁମା, ଭୁବନେଶ୍ୱର – ୭୫୧୦୧୯, ଓଡ଼ିଶା ଗତ ୧୫।୧୧।୨୦୦୮ ମସିହାଠାରୁ ୩୧।୧୨।୨୦୧୫ ମଧ୍ୟରେ ଚିକିତ୍ସିତ ହୋଇଥିବା ରୋଗୀ (ଉଭୟ ବହିର୍ବିଭାଗ ଓ ଅନ୍ତର୍ବିଭାଗ)ମାନଙ୍କର ଚିକିତ୍ସା ସମ୍ପର୍କିତ ଫାଇଲ ଆସନ୍ତା ତା୨୦।୧୨।୨୫ରିଖ ଦିନ ନଷ୍ଟ କରାଯିବ। ତେଣୁ ଏହି ସମୟ ମଧ୍ୟରେ ଚିକିତ୍ସିତ ହୋଇଥିବା ରୋଗୀ, ରୋଗୀ ସମ୍ପର୍କିତ, ବ୍ୟକ୍ତି ବିଶେଷ, ପ୍ରାଧିକାରୀ ଅନୁଷ୍ଠାନ ଉପରୋକ୍ତ ରୋଗୀ ଫାଇଲ ସମ୍ବନ୍ଧରେ କିଛି ଆପତ୍ତି ଅଭିଯୋଗ, ଅନୁସନ୍ଧାନ ଥାଏ ତାହାହେଲେ ସେମାନେ କିଡ୍‌ସ ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିପାରିବେ ଓ ଧାର୍ଯ୍ୟ ତାରିଖ ଅର୍ଥାତ୍ ୧୯।୧୨।୨୦୨୫ ପରେ ଉପରୋକ୍ତ ଫାଇଲ ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ।
କର୍ତ୍ତୃପକ୍ଷ
କିଡ୍‌ସ ହସ୍ପିଟାଲ, ଡୁମୁଡୁମା, ଭୁବନେଶ୍ୱର
ଯୋଗାଯୋଗ:
୯୨୩୮୦୨୩୮୦୦, ୯୨୩୮୦୨୩୮୩୦, Email: mrd@kidshospital.in



वरीय पुलिस अधीक्षक का कार्यालय
पूर्वी सिंहभूम, जमशेदपुर
लापताः आवश्यक सूचना


गुमशुदा महिला बीना नायक, उम्र–करीब 30 वर्ष

उपरोक्त प्रसंग एवं विषय के संबंध में सूचित करना है कि आवेदक जीतवाहन नायक के द्वारा अपनी पत्नी **बीना नायक, उम्र–करीब 30 वर्ष की गुमशुदगी** के संबंध में संबंधित थाना श्यामसुन्दरपुर में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा बीना नायक, उम्र–करीब 30 वर्ष, पति–जीतवाहन नायक, पता–ग्राम–डाकुई, थाना–श्यामसुन्दरपुर, जिला–पूर्वी सिंहभूम, जमशेदपुर** जो दिनांक–01.12.2025 को सुबह करीब 10 बजे घर से बिना बताये निकली है अभी तक वापस नहीं लौटी है। आवेदक एवं इनके रिश्तेदारों के द्वारा काफी खोजबीन किया गया लेकिन कुछ पता नहीं चल सका है। **गुमशुदा महिला का हुलिया निम्न प्रकार है :–उम्र–करीब 30 वर्ष, कद–लगभग 05 फीट, रंग–गोरी, बाल–लम्बा काला, पहनावा–छींटदार लाल साड़ी, ब्लाउज लाल रंग, पैर में हवाई चप्पल, भाषा–बंगला एवं हिन्दी ।**
अतः अनुरोध है कि **गुमशुदा महिला बीना नायक, उम्र–करीब 30 वर्ष** को खोजबीन/पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
अनुमण्डल पुलिस पदा0, घाटशिला : 9431706485
थाना प्रभारी, श्यामसुन्दरपुर : 9431706521

वरीय पुलिस अधीक्षक,
पूर्वी सिंहभूम, जमशेदपुर
PR 368329 Police(25-26).D



POLICE HELPLINE (EMERGENCY DIAL)-112 CHILD HELPLINE-1098
WOMEN HELPLINE-1091 DOMESTIC ABUSE HELPLINE-181
CYBER CRIME HELPLINE-1930 AMBULANCE SERVICE-108



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
ପତ୍ର ସଂଖ୍ୟା: 935 ତାରିଖ: 11.12.2025

ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁମାନଙ୍କୁ ଉଦ୍ଧାର କରାଯାଇ ଯଥାକ୍ରମେ St. Catherine's House, Raikia ଓ ସୁଭଦ୍ରା ମହତାବ ସେବା ସଦନ, ଜି. ଉଦୟଗିରିଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି। ଏହି ଶିଶୁମାନଙ୍କର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦)ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କନ୍ଧମାଳ, ମିଶନଶକ୍ତି ଭବନ, ଡି.ଆର୍.ଡି.ଏ. ଛକ, ଫୁଲବାଣୀ – ୭୬୨୦୦୧, ଫୋନ ନଂ. ୦୬୮୪୨–୨୫୪୪୫୩, ମୋ ନଂ. ୯୪୩୭୪୨୩୪୨୭କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ନିମ୍ନଲିଖିତ ଶିଶୁମାନଙ୍କ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଧାରା ୩୮ ଅନୁଯାୟୀ ଥଇଥାନ କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | ଉଦ୍ଧାର ହୋଇଥିବା ସ୍ଥାନ ଓ ତାରିଖ | ଫଟୋ |
|---|---|---|---|---|---|
| ୧ | ତାପସ | ପୁଅ | ୨ବର୍ଷ ଓ ୧୧ମାସ | ଗ୍ରାମ: ପାଙ୍ଗାନାଜୁ, ପୋଷ୍ଟ: ଗୁମାମାହା, ଥାନା: ରାଇକିଆ, ଜିଲ୍ଲା: କନ୍ଧମାଳ, ତା: ୧୭।୦୧।୨୦୨୩ |  |
| ୨ | ଲକ୍ଷ୍ମୀ ମୁର୍ମୁ | ଝିଅ | ୧୨ ବର୍ଷ ଓ ୧୧ମାସ | ସାଲିଆସାହି ଭୁବନେଶ୍ୱର, ଓଡ଼ିଶା ତା: ୧୪।୧୧।୨୦୨୧ |  |

ସ୍ୱା./– ଜିଲ୍ଲାପାଳ, କନ୍ଧମାଳ



कार्यपालक अभियंता का कार्यालय
लघु सिंचाई प्रमंडल, दुमका।
शुद्धि–पत्र

इस कार्यालय के द्वारा प्रकाशित ई–निविदा संख्या – WRD/MID/DUMKA/B.D./S.L.I.-01/2025-26 एवं पी० आर० नं० – 367886 Minor Irrigation (25-26)*D के Last Date/Time for downloading of bidding documents and Submission of Tender on Portal की तिथि – 21/12/2025 के स्थान पर दिनांक – 22/12/2025 तक पढ़ा जाय। Technical Bid Opening Date की तिथि – 22/12/2025 के स्थान पर दिनांक – 23/12/2025 पढ़ा जाय। निविदा की बाकी सभी शर्तें यथावत रहेंगी।
ह०/–
कार्यपालक अभियंता,
लघु सिंचाई प्रमंडल, दुमका।
PR 368303 Irrigation(25-26)D



ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹26,38,626/- ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍/ପ୍ରେକ୍ଷାଳୟ ପାଇଁ ଆକୋଷ୍ଟିକ୍ ଫଲ୍ସ ସିଲିଂ ପ୍ରସ୍ତୁତ କରିବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 40 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 26, 2025 ଅପରାହ୍ନ 02:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹47,30,418/- ଟଙ୍କା ଆନୁମାନିକ ମୂଲ୍ୟ ରେ **ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର ସ୍ଥିତ ଏହାର ଷ୍ଟାଫ୍ କ୍ୱାର୍ଟର୍ସ ରେ ପାଇପଲାଇନ କାର୍ଯ୍ୟ (ମୁଖ୍ୟ ପାଇପଲାଇନ/ପ୍ଲମ୍ବିଂ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 60 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 24, 2025 ଅପରାହ୍ନ 02:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।
କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ,
ପୋ.: ମର୍କତ ନଗର, କଟକ - ୭୫୩୦୧୪
ଇ-ମେଲ: zocuttack@indianbank.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

**ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ** ଥିବାସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବ୍‌ସାଇଟ୍ : **https://www.ebkray.in/baanknet.com**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବକେୟା ପରିମାଣ /ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଜେଲ୍ ରୋଡ ଭଦ୍ରକ ଶାଖା/ ଋଣଗ୍ରହୀତା: ସେକ୍ ସବିର, ପିତା: ୰ ସେକ୍ ସଫିରୁଦ୍ଦିନ /ସହ-ଋଣଗ୍ରହୀତା: ସେକ୍ ସଫିରୁଦ୍ଦିନ / ଗ୍ୟାରେଣ୍ଟିଦାତା: ଭୁଟୁ ଅଲ୍ଲୀ, ପିତା: ମିର ଅବଦୁଲ ରସିଦ, ସମସ୍ତଙ୍କ ଠିକଣା– ସା: ଅପର୍ତିବିନ୍ଧା (ମିର ସାହି), ପୋ/ଥାନା: ଭଦ୍ରକ, ଭଦ୍ରକ-୭୫୬୧୦୦ | ସେକ୍ ସବିରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୪୩, ଖାତା ନଂ.: ୭୯୧/୬୩୧, କ୍ଷେତ୍ର: ଏକର୦.୦୮୦ ଡିସିମିଲି, କିସମ: ଘରବାରୀ, ମୌଜା: ଅପର୍ତିବିନ୍ଧା, ଥାନା ନଂ.: ୯୧, ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ବିକ୍ରୟ ଦଲିଲ ଅନୁଯାୟୀ ଉତ୍ତର: ଟେରା ପଣ୍ଡା, ଦକ୍ଷିଣ: ଟେରା ପଣ୍ଡା, ପୂର୍ବ: ମସଜିଦ୍ ଏବଂ ମିର ରମଜାନ, ପଶ୍ଚିମ: ମିର ଆବାସ / **ସମ୍ପତ୍ତି ଆଇଡି: IDIB30138005919S** | ୦୬.୦୬.୨୦୨୪ / ୩୧.୦୮.୨୦୨୪ / ୧୫.୦୯.୨୦୨୫ ସୁଦ୍ଧା ଟ.୧୯,୦୦,୬୧୬/- ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଗଠନ୍ମାତକ (ଭୌତିକ) | ଟ.୩୭,୮୩,୬୦୦/- / ଟ.୩,୭୮,୩୬୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ: ୨୭.୧୨.୨୦୨୫ (ଶନିବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୬.୧୨.୨୦୨୫ରିଖ ରାତ୍ର ୧୧.୫୫ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ) ଅର୍ଥାତ ପୋର୍ଟାଲରେ ଦର୍ଶିତ ନିଲାମ ତାରିଖ ଓ ସମୟ ପୂର୍ବରୁ

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୭.୧୨.୨୦୨୫ରିଖ ଠାରୁ ତା.୨୪.୧୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ନିୟମ ଓ ସର୍ତ୍ତାବଳୀ : ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ: **https://www.ebkray.in/baanknet.com** ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ **୧୫ଦିନିଆ** ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶୃତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତିନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: କଟକ, ତାରିଖ: ୧୧.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ଯଜ୍ଞ ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ଚକାପାଦ, (ପ୍ରତାପ କିଶୋର ବେହେରା): ଛକାପାଦ ବ୍ଲକ୍ ବାପଲମେଣ୍ଡି ଗ୍ରାମ କାଳି ପଡ଼ିଆଠାରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଗୁରୁବାର ଶୁଭ ଖୁଣ୍ଟି ସ୍ଥାପନ ହୋଇଛି। ଗ୍ରାମ ପଞ୍ଚାୟତର ୫ ଖଣ୍ଡ ଗ୍ରାମବାସୀମାନେ ସକାଳ ପ୍ରଥମ ପର୍ଯ୍ୟାୟରେ ମାଟିକୁ ଗୁରୁମାନେ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ପରେ ଗୁରୁ ଦଣ୍ଡ ପୂଜକ, ଗ୍ରାମ ଦେବୀ ପୂଜକ ଓ ଯଜ୍ଞ ପରୋହିତ ଗ୍ରାମରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ବାକଣି ଜଙ୍ଗଲ ଯାଇ ନୂତନ ଶାଳ ଗଛ ଆଣି ଶୁଭ ଖୁଣ୍ଟି ସ୍ଥାପନ କରିଥିଲେ। ଜାନୁଆରୀ ୧୮ରେ ଅଧିବାସ, ୧୯ରେ ନାମ ଯଜ୍ଞ ଓ ୨୦ରେ ପୂର୍ଣ୍ଣାହୂତି ହେବ ବୋଲି ଯଜ୍ଞ ପରିଚାଳକ ସଞ୍ଜୟ ନାୟକ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶୀତରେ ଥରୁଛି କନ୍ଧମାଳ, ଫୁଲବାଣୀରେ ତୁଷାରପାତ

ଫୁଲବାଣୀ, ୧୧।୧୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଶୀତର ପ୍ରକୋପ ହଠାତ୍ ବଢ଼ିଯାଇଛି । ସକାଳ ଓ ଅପରାହ୍ଣରେ ଶୀତବସ୍ତ୍ର ନ ପିନ୍ଧିଲେ ବାହାରକୁ ବାହାରି ହେଉନାହିଁ। ଗୁରୁବାର ଭୋରରେ ଫୁଲବାଣୀରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ସହରଠାରୁ ଅଳ୍ପ ଦୂର ସାର୍ଡ଼ାଗୁଡ଼ା ଗ୍ରାମର ଅଧିକାଂଶ ସ୍ଥାନରେ ତୁଷାରପାତ ହୋଇଥିଲା। ଗ୍ରାମର ଶିବ ମହାନ୍ତିଙ୍କ ଖଳାରେ ଧାନରେ ଘୋଡ଼ାଯାଇଥିବା ପାଲ ଉପରେ ପ୍ରବଳ ତୁଷାରପାତ ହୋଇ ବରଫ ଆସ୍ତରଣ ହୋଇଥିଲା। ଏହାକୁ ନିକଟବର୍ତ୍ତୀ ଗ୍ରାମବାସୀ ଓ ସହରରୁ ଲୋକେ ମଧ୍ୟ ଦେଖିବାକୁ ଆସିଥିଲେ। ଚଳିତ ବର୍ଷ ଶୀତରେ ପ୍ରଥମଥର ପାଇଁ ତୁଷାରପାତ ହୋଇ ବରଫ ଜମିଥିବାରୁ ଆଗକୁ ପର୍ଯ୍ୟଟକଙ୍କ ଆଗମନ ଆହୁରି ବଢ଼ିବ ବୋଲି ଆକଳନ କରାଯାଉଛି। ସେହିପରି ଦାରିଙ୍ଗବାଡ଼ିରେ ମଧ୍ୟ ତୁଷାରପାତ ହୋଇଥିବା ଜଣାପଡ଼ିଛି।



ଫୁଲବାଣୀ: ସାର୍ଡ଼ାଗୁଡ଼ା ଗ୍ରାମରେ ତୁଷାରପାତ ହୋଇ ସୃଷ୍ଟି ହୋଇଥିବା ବରଫ ଖଣ୍ଡ।

ଅନ୍ୟପଟେ ଶୀତ କନ୍ଧମାଳରେ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ବୟସ୍କଙ୍କ ସମସ୍ୟା ଆହୁରି ଜଟିଳ ହୋଇପଡ଼ିଛି। ଗାଡ଼ି ଚଲାଇଲେ ମୁହଁ, ହାତ, ପାଦ କୋଲ ମାରିଯାଉଛି। ଶୀତ ଆହୁରି ବୃଦ୍ଧି ପାଇବ ବୋଲି ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି । ଜିଲା ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଫୁଲବାଣୀରେ ସର୍ବନିମ୍ନ ପାରଦ ୫.୨ ଡିଗ୍ରୀ, ଜି. ଉଦୟଗିରିରେ ୪ ଡିଗ୍ରୀ ଏବଂ ଦାରିଙ୍ଗବାଡ଼ିରେ ୭ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଅପରପକ୍ଷେ ଶୀତ ସାଙ୍ଗକୁ ଘନ କୁହୁଡ଼ି ସ୍ଥିତିକୁ ଆହୁରି ସଙ୍ଗିନ କରୁଛି। ସକାଳ ୮ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳରେ ବାଧା ଉପୁଜୁଛି। ସେପଟେ ପ୍ରାତଃ ଭ୍ରମଣକାରୀ ଶୀତର ଅଧିକ ମଜା ନେଉଛନ୍ତି । ଦିନରେ ପାଗ ଖରାଟିଆ ରହୁଛି। ଅପରାହ୍ଣ ୩ଟାରୁ ତାପମାତ୍ରା କମି ଭୋର ପର୍ଯ୍ୟନ୍ତ ରହୁଛି ।

# ଜି.ଉଦୟଗିରି: ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ

ଜି.ଉଦୟଗିରି, ୧୧।୧୨(ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ)

ରାଜ୍ୟର ବହୁ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳେ ରହିଛି। ବିଗତ ୨ ସପ୍ତାହ ହେବ ହାଡ଼ଭଙ୍ଗା ଶୀତରେ ଜି.ଉଦୟଗିରି ଅଞ୍ଚଳ ଥରୁଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଜି.ଉଦୟଗିରିରେ ଗୁରୁବାର ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଫୁଲବାଣୀ ୫.୨ ଡିଗ୍ରୀ ଦାରିଙ୍ଗବାଡ଼ିରେ ୭ ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି। ପାହାଡ଼ ତଳିଆ ଅଞ୍ଚଳରେ ଆହୁରି ଅଧିକ ଥଣ୍ଡା ହେଉଥିବା ବେଳେ ତାପମାତ୍ରା ୨ ଡିଗ୍ରୀ ତଳେ ରହୁଛି। ବିଗତ ୫ ଦିନ ହେବ ୫ ଡିଗ୍ରୀ ତଳେ ତାପମାତ୍ରା ରହିଛି। ପ୍ରବଳ ଶୀତ ଓ ଘନ କୁହୁଡ଼ି ଯୋଗୁ ଜନ ଜୀବନ ପ୍ରଭାବିତ ହେଉଛି। ବିଶେଷ କରି ଘନ କୁହୁଡ଼ି ଯୋଗୁ କଳିଙ୍ଗାଘାଟି ସହ ସମସ୍ତ ଜାତୀୟ ଓ ରାଜ୍ୟ ରାଜପଥରେ ଯାନବାହାନ ଚଳାଚଳ ଅସୁବିଧା ହେଉଛି। ପ୍ରବଳ ଶୀତ ଯୋଗୁ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ସ୍ଥାନୀୟ ଚାଷୀ, ଦିନ ମଜୁରିଆ ମାନେ ବେଶୀ ପ୍ରଭାବିତ ହେଉଛନ୍ତି। ଅନ୍ୟପଟେ ଶୀତର ମଜା ନେବା ପାଇଁ ରାଜ୍ୟବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ି ଚାଲିଛି।

# ଭଞ୍ଜନଗର ଉପଖଣ୍ଡରେ ଗଡ଼ିଲା କୃଷକ ପ୍ରଚାର ରଥ




ଭଞ୍ଜନଗର,୧୧।୧୨(ବାବୁଲା ପ୍ରଧାନ): ଭଞ୍ଜନଗର ଉପଖଣ୍ଡରେ ଆସନ୍ତା ୨୩ ତାରିଖରୁ ଧାନମଣ୍ଡି ଖୋଲିବ। ଏଥିପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଣ୍ଡିରେ ଚାଷୀଙ୍କଠାରୁ ମାର୍ଚ୍ଚ ୨୦୨୬ ଯାଏଁ ଧାନ ସଂଗ୍ରହ ହେବ। ଚଳିତବର୍ଷ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନପୁଟ ସହାୟତା ମିଶାଇ କୁଇଣ୍ଟାଲ ପିଛା ଚାଷୀ ୩୧୦୦ ଟଙ୍କା ପାଇବେ। ତେଣୁ ଧାନଚାଷ କରି ମଣ୍ଡିରେ ବିକ୍ରି କରିବା ପାଇଁ ଚାଷୀଙ୍କ ମଧ୍ୟରେ ଆଗ୍ରହ ବଢୁଛି। ଗୁରୁବାର ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରୁ କୃଷକ ପ୍ରଚାର ରଥ ଗଡ଼ିଛି। ଉପ ଜିଲାପାଳ ଉମା ଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତକା ଦେଖାଇ ୨ଟି ରଥକୁ ଶୁଭାରମ୍ଭ କରିଥିଲେ। ଉକ୍ତ ପ୍ରଚାର ରଥ ଉପଖଣ୍ଡର ବିଭିନ୍ନ ଗ୍ରାମ ପରିକ୍ରମା କରି ଚଳିତ ବର୍ଷର ଧାନ କିଣା ବାବଦରେ ଚାଷୀମାନଙ୍କୁ ସଚେତନ କରିବ। ଚାଷୀ ଯେପରି ମଣ୍ଡିକୁ ଶୁଖିଲା,ପରିଷ୍କାର, ସମରଙ୍ଗୀ, ସମଆକାର, ଗୋଟିଏ କିସମ ଧାନ ଆଣିବା ନେଇ ସଚେତନ କରାଯିବ। ଚାଷୀ ସରକାରଙ୍କ ନିକଟରେ ପଞ୍ଜିକୃତ କରିଥିବା ମୋବାଇଲ ନମ୍ବରରେ ଧାନ ବିକ୍ରି ସମ୍ବନ୍ଧରେ ତଥ୍ୟ ପାଇବେ। ଏଥିସହ ଟୋଲ ଫ୍ରି ନଂ.୧୯୬୭ କୁ କଲ କରି ସମସ୍ତ ତଥ୍ୟ ହାସଲ କରିପାରିବେ। ଆଗାମୀ ଦିନରେ ଉପଖଣ୍ଡର ଜଗନ୍ନାଥପ୍ରସାଦ, ବେଲଗୁଣ୍ଠା, ବୁଗୁଡ଼ା, ଆସିକା, ସୋରଡ଼ା, ଶେରଗଡ଼, ଧରାକୋଟ, ଭଞ୍ଜନଗର ବ୍ଲକରେ କୃଷକ ପ୍ରଚାର ରଥ ମାଧ୍ୟମରେ ଚାଷୀଙ୍କୁ ଏଫଏକ୍ୟୁ ଧାନ କିଣା ବାବଦରେ ସଚେତନ କରାଯିବ ବୋଲି ଆରଏମସି ସଂପାଦକ ସୁମନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# କଳାବଜାରିଙ୍କୁ ଅଧା ଦାମରେ ଧାନ ବିକୁଛନ୍ତି ଚାଷୀ

ବୁଗୁଡା,୧୧।୧୨(କାଳିଚରଣ ଦାଶ)

ସରକାରୀସ୍ତରରେ ଧାନ କିଣିବା ପାଇଁ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ସୀମାନ୍ତ ଆନ୍ଧ୍ରା ଓ ଅଞ୍ଚଳର କଳାବଜାରୀଙ୍କୁ ଅଧା ଦାମରେ ପୋଲସରା ଓ ବୁଗୁଡା ଅଞ୍ଚଳର ଚାଷୀ ଧାନ ବିକୁଛନ୍ତି। ଚଳିତ ଖରିଫ ଋତୁରେ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ୯୦ ପ୍ରତିଶତ ଧାନ ଅମଳ କରି ସାରି ଥିବାବେଳେ ବିକ୍ରି କରିବାକୁ ଅପେକ୍ଷା କରିଥିବା ଚାଷୀମାନେ ବାଧ୍ୟ ହୋଇ ଆନ୍ଧ୍ରଅଞ୍ଚଳର ବେପାରୀଙ୍କୁ ଅଧା ଦାମରେ ବିକୁଛନ୍ତି। ଚାଷୀମାନଙ୍କ ଅସୁବିଧାର ସୁଯୋଗ ନେଇ ଏବେ ଗାଁଗାଁରେ ଦଲାଲମାନେ ସକ୍ରିୟ ହୋଇଛନ୍ତି। ଚଳିତ ବର୍ଷ ପୋଲସରା ଓ ବୁଗୁଡ଼ା ଅଞ୍ଚଳରଚାଷୀଙ୍କ ଅମଳ ଭଲ ହୋଇଛି। ବହୁ ଚାଷୀଙ୍କ ଅମଳ ଧାନ ରଖିବା ପାଇଁ ଅସୁବିଧା ଯେପରିକି ଖରା, କାକରରେ ଖଳାରେ ଧାନ ପଡି ରହିବା ସହିତ ମୂଷା ଦାଉରୁ ଧାନକୁ ରକ୍ଷା କରି ଚାଷ କାର୍ଯ୍ୟ ପାଇଁ ଆଣିଥିବା ଧାରକରଜରୁ ମୁକ୍ତ ହେବା ପାଇଁ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି। ଆସନ୍ତା ଦିନରେ ମଣ୍ଡି ଖୋଲିବା ନେଇ ପୋଲସରା ଓ ବୁଗୁଡା ପ୍ରଶାସନ କହୁଥିବା ବେଳେ ମଣ୍ଡି ଖୋଲିବାକୁ ବିଳମ୍ବ ହେଉଥିବାରୁ ଚାଷୀମାନେ ଆନ୍ଧ୍ରଅଞ୍ଚଳର ଅସାଧୁ ବେପାରୀଙ୍କୁ ଧାନ ବିକିବା ପାଇଁ ବାଧ୍ୟ ହେଉଛନ୍ତି। ଅସାଧୁ ଧାନ ବେପାରୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ସନ୍ଦେହ ଘେରରେ ଦାରିଙ୍ଗବାଡ଼ି ତାପମାପକ ଯନ୍ତ୍ର

## ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀରେ ତୁଷାରପାତକୁ ନେଇ ବଢ଼ିଲା ସନ୍ଦେହ

ଦାରିଙ୍ଗବାଡ଼ି,୧୧।୧୨ (ଅରୁଣ ସାହୁ)

ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡି ବ୍ଲକ୍ କାର୍ଯ୍ୟାଳୟରେ ଆଇଏମ୍‌ଡି ପକ୍ଷରୁ ରହିଥିବା ତାପମାପକ ଯନ୍ତ୍ର ତ୍ରୁଟି ରହିଥିବା ଆଲୋଚନା ହେଉଛି। ଗୁରୁବାର ସକାଳେ ଦାରିଙ୍ଗବାଡ଼ିର ବିଭିନ୍ନ ସ୍ଥାନରେ ତୁଷାରପାତ ହେବା ପରେ ଲୋକଙ୍କ ଭିତରେ ଆଲୋଚନା ଜୋର ଧରିଛି। କନ୍ଧମାଳ ଜିଲାର ଦାରିଙ୍ଗବାଡ଼ିରେ ଅଧିକା ଥଣ୍ଡା ଅନୁଭୁତ ହେଉଥିବା ବେଳେ ଜିଲାର ଅନ୍ୟ ସ୍ଥାନ ଗୁଡ଼ିକରେ ଦାରିଙ୍ଗବାଡି ଠାରୁ ୨ରୁ୩ ଡିଗ୍ରୀ କମ ତାପମାତ୍ରା ରହୁଥିବା ରେକର୍ଡ ସଂଗ୍ରହ ହେଉଛି। କିନ୍ତୁ ଦାରିଙ୍ଗବାଡ଼ିରେ ଅଧିକ ଶୀତ ସହ ଜାଡ଼ ଅନୁଭୁତ ହେଉଥିବା ପର୍ଯ୍ୟଟକମାନେ କହୁଛନ୍ତି। ଏନେଇ ଆଇଏମଡି ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେଲା ତାପମାପକ ଯନ୍ତ୍ର ସ୍ଥାପନ କରାଯାଇଥିବା ବେଳେ ଗତ କିଛି ବର୍ଷ ହେଲା ସେହି ତାପମାପକ ଯନ୍ତ୍ରରେ ଭୁଲ ତଥ୍ୟ ପ୍ରକାଶ ପାଉଥିବା ଅଭିଯୋଗ ହୋଇଆସୁଥିଲା। ନଭେମ୍ବର ୧୦ରେ କନ୍ଧମାଳ ଜିଲାପାଳ ବେଦଭୂଷଣଙ୍କ ନିକଟରେ ଦାରିଙ୍ଗବାଡିର ସ୍ଥାନୀୟ ବାସିନ୍ଦା, ଗଣମାଧ୍ୟମ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନେଇ ସେ ଆଇଏମ୍‌ଡିକୁ ଜଣାଇବେ ଓ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ତାପମାତ୍ରା ୩ ଡିଗ୍ରୀ ତଳେ ରହିଥିବା ସନ୍ଦେହ ବଢ଼ିଛି। କାରଣ ଅଞ୍ଚଳରେ ସ୍ଥାନେ ସ୍ଥାନେ ଖୋଲାପଡ଼ିଆ, ଚାଷ ଜମିରେ ଏହି ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। କଫି ବଗିଚା, କଲେଜ ପଡ଼ିଆ ନିକଟରେ ଅଧିକ ତୁଷାରପାତ ହୋଇଥିବା ଜଣାପଡ଼ିଛି।

# ବେଆଇନ କାର୍ଯ୍ୟକଳାପ ବିରୋଧରେ ପୋଲିସର ସ୍ୱତନ୍ତ୍ର ଅଭିଯାନ

ବାଲିଗୁଡା,୧୧।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡରେ ପୋଲିସ୍ ପକ୍ଷରୁ ସ୍ପେସାଲ୍ ଡ୍ରାଇଭ୍ ଆରମ୍ଭ ହୋଇଛି। କନ୍ଧମାଳ ଜିଲା ବାଲିଗୁଡ଼ା ସବ-ଡିଭିଜନ ପୋଲିସ ଖୋଲା ମଦ ସେବନ ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅଭିଯାନ ନୂତନ ଏସଡିପିଓ ଶୁଭମ ଭୋସଲେଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଉପଖଣ୍ଡର ଚିହ୍ନଟ ହୋଇଥିବା ବିଭିନ୍ନ ଅନ୍ଧାର ଅଞ୍ଚଳ ଏବଂ ସମ୍ବେଦନଶୀଳ ସ୍ଥାନରେ ଚଢାଉ କରାଯାଉଛି। ଏଣୁ ସାଧାରଣ ସୁରକ୍ଷା, ବିଶେଷ କରି ମହିଳା ଏବଂ ଶିଶୁଙ୍କ ପାଇଁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଣୁ ଉପରୋକ୍ତ କାର୍ଯ୍ୟରେ ଲିପ୍ତ ରହୁଥିବା ବ୍ୟକ୍ତି ବିଶେଷ ମାନେ ଏ ସବୁ କାର୍ଯ୍ୟରୁ ଦୂରେଇ ରହିବା ସହ ଅଞ୍ଚଳବାସୀ ଏପରି ଯେକୌଣସି କାର୍ଯ୍ୟକଳାପ ନଜରରେ ଆସିଲେ ପୋଲିସକୁ ଜଣାଇବେ, ଜଣାଇଥିବା ବ୍ୟକ୍ତି ବିଶେଷଙ୍କ ପରିଚୟ ଶତ ପ୍ରତିଶତ ଗୋପନ ରଖାଯିବା ସହ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯିବ ବୋଲି ଏସଡିପିଓ ଭୋସଲେ କହିଛନ୍ତି।

# ଭାରତୀୟ ଭାଷା ଦିବସ ପାଳିତ

ପାରଳାଖେମୁଣ୍ଡି,୧୧।୧୨ (ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତୀୟ ଭାଷା ଦିବସ ତଥା ମହାକବି ସୁବ୍ରମଣ୍ୟମ ଭାରତୀଙ୍କ ଜୟନ୍ତୀ ପାଳନ ହୋଇଛି। ମୁଖ୍ୟଅତିଥି ରୂପେ ବିଦ୍ୟାଳୟର ପରିଚାଳନା କମିଟି କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ପାଢ଼ୀ ଓ ଅନ୍ୟତମ ଅତିଥି ଆଚାର୍ଯ୍ୟା ସଂଗୀତା ଭୁକ୍ତା ଆଜିକାର ଦିବସର ମହତ୍ୱ, ତାମିଲ ମହାକବି ସୁବ୍ରମଣ୍ୟମ ଭାରତୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସରୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଆଚାର୍ଯ୍ୟ ଗୋପାଳ କୃଷ୍ଣ ପଣ୍ଡିତ ଓ ଆଚାର୍ଯ୍ୟା ଶୈଳେଷ୍ଠା ଖଡ୍‌ଗରାୟ ପରିଚାଳନା କରିଥିଲେ। ଆଚାର୍ଯ୍ୟା ସୁନୀତା ମହାରଣା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଓଡ଼ିଆ କବି କବୟତ୍ରୀଙ୍କ ଫଟୋଚତ୍ର, ପୁସ୍ତକ ପ୍ରଦର୍ଶନୀ ହୋଇଥିଲା।

# ରାଜ୍ୟସ୍ତରୀୟ କ୍ରିକେଟ: ଗଜପତି ଚାମ୍ପିୟନ



ପାରଳାଖେମୁଣ୍ଡି,୧୧।୧୨(ଗିରିଧାରୀ ପରିଚ୍ଛା)

ଜଗତସିଂହପୁର ଏସକେ ଏକାଡେମୀଠାରେ ଚାଲିଥିବା ୬୯ତମ ରାଜ୍ୟସ୍ତରୀୟ କ୍ରିକେଟ ଚାମ୍ପିୟନଶିପର ଫାଇନାଲରେ ଗଜପତି ଜିଲା ଟିମ୍ ଯାଜପୁରକୁ ପରାଜିତ କରି ଚାମ୍ପିୟନ ହୋଇଛି। ଏହା ଡିସେମ୍ବର ୬ରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ୧୧ ପର୍ଯ୍ୟନ୍ତ ଚାଲିଥିଲା। ଗଜପତି ଚାମ୍ପିୟନ ହୋଇଥିବାରୁ ଜିଲା ଶିକ୍ଷା ଅଧିକାରୀ ଡ. ମୟାଧର ସାହୁ ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପାତ୍ର ଦଳର ସମସ୍ତ ଖେଳାଳି ଓ ଅନ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଥମ ବ୍ୟାଟିଂ କରି ଗଜପତି ୨୦ ଓଭରରେ ୯ ଉଇକେଟ ହରାଇ ୨୦୧ ରନ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟାଟିଂ କରି ଯାଜପୁର ଟିମ୍ ୨୦ଓଭରରେ ୭ ଉଇକେଟ ହରାଇ ୧୬୬ ରନ କରିଥିଲା। ଫଳରେ ଗଜପତି ଟିମ୍ ଚାମ୍ପିୟନ ହୋଇଥିଲା। ଗଜପତିର ପି.କାର୍ତ୍ତିକ ସର୍ବାଧିକ ୩୪ ବଲରେ ୬୩ ରନ, ଲିଭିଂଷ୍ଟୋନ ମିଶାଲ ୩୮ ବଲରେ ୫୩ ରନ, ସନ୍ତୋଷ ଲେଙ୍କା ୧୫ ବଲରେ ୩୬ ରନ ଓ କେ.ଭାର୍ଗବ ୧୩ ବଲରେ ୨୭ ରନ କରିଥିଲେ।


# Classified Everyday

**0674-2580101, 9692975378**



## REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ଫ୍ଲାଟ୍ 6,75,000ରେ ବିକ୍ରିହେବ। 9776974912. D-14

## GENERAL

WELDING WORKS, ANYBODY WANTS ANY WELDING, WORKS LIKE SHUTTER, GODOWN, GRILLS, DOORS & WINDOWS. PL CALL 7809525452. D-225




All types of physiotherapy with massage, Contact number 9556924059/ 7656969134. D-2766

Now Matrimonial ads. only on Wednesday & Sunday Book 1 Get 1 FREE

## LOST

The following documents of Gurumaharaj Engicon Pvt. Ltd. has been lost of Kesura Mouza- 79, Tahashil Bhubaneswar, Plot No.- 1043: Regd. saledeed No.- 4935, ROR of khata No.- 461 & 514/903, Plot No.- 1023: Regd. saledeed No.- 10922, ROR of Khata No.- 507, 514/910 & 514/3354, Plot No.- 1075: Regd. saledeed No.- 11171, ROR of Khata No.- 245, 514/906 & 514/3355, Plot No.- 1049: Regd. saledeed No.- 10918, ROR of Khata No-101, 514/911 & 514/3351, Plot No.- 1024: Regd. saledeed No.- 10917, ROR of Khata No.- 331, 514/907 & 514/3350, Plot No.- 1041: Regd. saledeed No.- 10915, ROR of Khata No.- 64, 514/913 & 514/3349, If anyone found kindly contact Plot No.- 698, GEPL House, Behera sahi, Nayapalli, BBSR-751012, Odisha, Mob: 8093014523. D-76949

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Executive Magistrate, Hatadihi, Kendujhar, Dated- 03.12.2025, I, Girija Sankar Dora, At- Kapundi, P.O./Via- Hatadihi, P.S.- Nandipada, Dist.- Kendujhar, PIN- 758083, State- Odisha declare that I have changed the name of my daughter from Sai Rudranshi Dora to Urbi Dora. Henceforth, she shall be known as Urbi Dora for all purposes.
Girija Sankar Dora
D-2801

By virtue of an affidavit sworn before the Executive Magistrate, Sambalpur, No. 710, Dtd.- 14.11.25, I, DIPTI NANDA, W/o.- Umakanta Nanda, R/o. At- Balunkeswar Lane, Nandapada, Sadar, Sambalpur, Odisha, PIN- 768001 declare that I have changed my name from SUNANDA PANDA to DIPTI NANDA. Henceforth, I shall be known as DIPTI NANDA for all purposes.
DIPTI NANDA
D-2802

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before The Notary Public, Bhubaneswar dated 11.12.2025, I, K.Jagnyadatta, Address At- Kakbhata, Near to Jagannath Mandir, P. O.- Lanjigarh Road, P.S.- Narala, Dist.- Kalahandi, Odisha- 766110 declare that I have changed my name from K.Jagnyadatta to Kumar Jagnyadatta. Henceforth, I shall be known as Kumar Jagnyadatta for all purposes.
Kumar Jagnyadatta.
D-2803




ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.-୩ (ଶ୍ରୀ ପ୍ରବୀର କୁମାର ନାୟକ), ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନଂ.- ୬୧୯/୨୦୨୪

ସାବିତ୍ରୀ ପାଇକରାୟ ଏବଂ ଅନ୍ୟମାନେ .....ବାଦୀ

ବନାମ

ଦିରିବ ଓରଫ ଦିରଜ ଭୋଇ ଏବଂ ଅନ୍ୟମାନେ ..ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ.-୫, ନିୟମ-୨୦ ଉପନିୟମ୧(ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା-

ପ୍ରତିବାଦୀ ନଂ.୧- ଦିରିବ ଓରଫ ଦିରଜ ଭୋଇ, ପିତା- ୰ଲକ୍ଷ୍ମଣ ଭୋଇ, ଠିକଣା- ଗ୍ରାମ/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୧୦୨୯।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.-୧ଙ୍କ ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ଦୈନିକ ଖବରକାଗଜ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ସଂଶୋଧନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.- ୩ ରେ ଦାଖଲ କରିଛନ୍ତି । ପ୍ରତିବାଦୀ ନଂ.୧ ଦିରିବ ଓରଫ ଦିରଜ ଭୋଇଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ପ୍ରତିବାଦୀ ନଂ.-୧ ମୃତ ହେତୁ ଉକ୍ତ ନୋଟିସ ଫେରସ୍ତ ଆସିଅଛି ।

### ଜମିଜମାର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା- ଚନ୍ଦକା ନଂ-୪୪, ମୌଜା- ଅନ୍ଧାରୁଆ

ସାବକ: ଖାତା ନମ୍ବର- ୭୨୨, ପ୍ଲଟ୍ ନମ୍ବର- ୨୩୦୫, କିସମ- ବାଜେଫସଲ ତିନି, ରକବା- ଏ୦.୦୬୫ଡି. ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୭୭୬, ପ୍ଲଟ୍ ନମ୍ବର- ୩୧୦୪, କିସମ- ତଇଲା, ରକବା- ଏ୦.୦୪୭ଡି. ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୭୭୬, ପ୍ଲଟ୍ ନମ୍ବର- ୩୧୦୩, କିସମ- ତଇଲା, ରକବା- ଏ୦.୦୧୮ଡି. ସ୍ୱତ୍ୱ- ସ୍ଥିତିବାନ୍।

ଯେହେତୁ ପ୍ରତିବାଦୀ ନଂ-୧ ମୃତ, ତେଣୁ ଅତ୍ର ସମ୍ବାଦପତ୍ର ଦ୍ୱାରା ନୋଟିସ ଜାରି ହେଲା ଯେ ତାଙ୍କର ଉତ୍ତରାଧିକାରୀ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଆସନ୍ତା ତା.୩୦.୧୨.୨୫ରିଖ ୩.୩୦ ସମୟରେ କୋର୍ଟ ନଂ-୩ ରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ସ୍ଥାନ- ଭୁବନେଶ୍ୱର
ତାରିଖ- ୦୪।୧୨।୨୦୨୫


ମାନ୍ୟବର ଅତିରିକ୍ତ ରିଭିଜନ
ସ୍ୱା/- କୋର୍ଟଙ୍କ ଆଦେଶକ୍ରମେ

ଧ-୨୮୦୦

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



**ଶ୍ରୀବତ୍ସ ମହାପାତ୍ର (କକେଇ)**
ରଥ ରୋଡ଼, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୪।୦୭।୧୯୪୬
ତିରୋଧାନ: ୧।୧୨।୨୦୨୫

ଆପଣଙ୍କ ଇହଲୀଳା ସମ୍ବରଣ କରିବାର ଏଗାର ଦିନ ପରେ ମଧ, ଆମେ ଆପଣଙ୍କୁ ଭୁଲିପାରୁନୁ। ଆପଣଙ୍କ ତ୍ୟାଗ, ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ପରୋପକାର ଆମମାନଙ୍କ ପାଇଁ ପ୍ରେରଣା ଏବଂ ଚିରସ୍ମରଣୀୟ ହୋଇରହିବ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ଲିଙ୍ଗରାଜ ଓ ମା' ଗୌରୀଙ୍କ ନିକଟରେ ପ୍ରାର୍ଥନା।

ପୁଅ, ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାର ବର୍ଗ


**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଦିଶା ଦେଖାଇଲେ ଦୃଷ୍ଟିବାଧିତ କନ୍ୟା

**କଲମ୍ବୋରେ ଅନୁଷ୍ଠିତ ସର୍ବପ୍ରଥମ ମହିଳା ଟି୨୦ ବିଶ୍ୱକପରେ ଭାରତୀୟ ଦଳ ପିନ୍ଧିଥିଲା ବିଜୟ ମୁକୁଟ। ଭାରତର ଏହି ସ୍ମରଣୀୟ ବିଜୟରେ ସାମିଲଥିଲେ ଓଡ଼ିଶାର ୪ କନ୍ୟାରତ୍ନ। ଜାତୀୟ ଦଳର ସ୍ୱର୍ଣ୍ଣିମ ସଫଳତାରେ ଅଂଶୀଦାର ହୋଇ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟକୁ ନୂଆ ଦିଶା ଦେଖାଇଥିବା ଏହି ୪ ଖେଳାଳି ହେଲେ ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନା ରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି। ସାହସ, ଦୃଢ଼ତା ଓ ସଶକ୍ତୀକରଣର ଉଦାହରଣ ଭାବେ ଉଭାହୋଇଥିବା ଏହି ୪ ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**




ନଭେମ୍ବର ୨୨, ୨୦୨୫ରେ ଶ୍ରୀଲଙ୍କାର କଲମ୍ବୋରୁ ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ପାଇଁ ଆସିଥିଲା ବହୁତ ବଡ଼ ଖବର। ସେଠାରେ ଅନୁଷ୍ଠିତ ସର୍ବପ୍ରଥମ ମହିଳା ଟି୨୦ ବିଶ୍ୱକପରେ ଭାରତୀୟ ଦଳ ପିନ୍ଧିଥିଲା ବିଜୟ ମୁକୁଟ। ଫାଇନାଲରେ ଭାରତ ୭ ଉଇକେଟରେ ନେପାଳକୁ ପରାସ୍ତ କରିବା ପରେ ଆରମ୍ଭ ହୋଇଥିଲା ଜାତୀୟ ଦଳର ବିଜୟ ଉତ୍ସବ। ଭାରତର ଏହି ସ୍ମରଣୀୟ ବିଜୟରେ ସାମିଲଥିଲେ ଓଡ଼ିଶାର ୪ କନ୍ୟାରତ୍ନ। ଜାତୀୟ ଦଳର ସ୍ୱର୍ଣ୍ଣିମ ସଫଳତାରେ ଅଂଶୀଦାର ହୋଇ ରାଜ୍ୟକୁ ଗର୍ବିତ କରିବା ସହ ଦୃଷ୍ଟିବାଧିତ କ୍ରିକେଟକୁ ନୂଆ ଦିଶା ଦେଖାଇଥିବା ଏହି ୪ ଖେଳାଳି ହେଲେ ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନା ରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି। ଓଡ଼ିଶାର ସମସ୍ତ ଖେଳାଳି ପୂରା ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଫାଇନାଲରେ ଫୁଲ ସୋରେନ (ବି୩) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇ ନିଜ କ୍ୟାରିୟରକୁ ଗୋଟିଏ ପାଦ ଆଗକୁ ବଢ଼ାଇଥିଲେ। ଭାରତ ଚାମ୍ପିୟନ ହେବାପରେ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାର ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖେଳାଳିଙ୍କ ଉପରେ ପୁରସ୍କାର ବର୍ଷା କରାଯାଉଛି। ସେବେଠାରୁ ସମ୍ବର୍ଦ୍ଧନା ଏବଂ ସମ୍ମାନ ଉତ୍ସବ ଲାଗିରହିଛି। କେହି ଭିନ୍ନକ୍ଷମ କିମ୍ବା ଅକ୍ଷମ ନୁହନ୍ତି। ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ ବୋଲି ଏହି ଖେଳାଳିମାନେ ପ୍ରମାଣିତ କରିଛନ୍ତି। ସାହସ, ଦୃଢ଼ତା ଓ ସଶକ୍ତୀକରଣର ଏକ ପ୍ରେରଣାଦାୟକ ଉଦାହରଣ ଭାବେ ଏମାନେ ଉଭା ହୋଇଛନ୍ତି।

## ଫୁଲ ସୋରେନ

ଓଡ଼ିଶାର ଅନ୍ୟତମ ପ୍ରତିଭାସମ୍ପନ୍ନ ଏବଂ ସର୍ବାଧିକ ଚର୍ଚ୍ଚିତ ଦୃଷ୍ଟିବାଧିତ ମହିଳା କ୍ରିକେଟର ହେଲେ ଫୁଲ ସୋରେନ। ତାଙ୍କ ଘର ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ସାଲବଣି ଗ୍ରାମରେ। ତାଙ୍କ ବାପାଙ୍କ ନାମ ସୁନା ସୋରେନ ଓ ମା' ସ୍ୱର୍ଗତା ଡେଗେ ସୋରେନ। ଫୁଲ ଓଡ଼ିଶା ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଦଳର ଅଧିନାୟିକା। ସେ ଜଣେ ଅଲ୍‌ରାଉଣ୍ଡର। ସେ ୨୦୨୩ଠାରୁ ଭାରତ ପାଇଁ ଖେଳୁଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ୨୦୨୩ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେ ଦଳର ଉପଅଧିନାୟିକା ଥିଲେ। ଫୁଲ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ବ୍ୟାଟର ଓ ଫାଷ୍ଟ ବୋଲର। ଓଡ଼ିଶାର ସାନ୍ତାଳ ଆଦିବାସୀ ସମ୍ପ୍ରଦାୟରୁ ଆସିଥିବା ଫୁଲ ମାତ୍ର ୧୮ ବର୍ଷରୁ ନିଜପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ। ସେ ଜନ୍ମବେଳେ ଦୃଷ୍ଟିବାଧିତ ନ ଥିଲେ। ୫ ବର୍ଷର ହୋଇଥିବାବେଳେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ଆବଶ୍ୟକ ଚିକିତ୍ସା ଅଭାବରୁ କ୍ରମେ ଦୃଷ୍ଟିଶକ୍ତି ହରାଇଥିଲେ। ଦୃଷ୍ଟିଶକ୍ତି ସହ ଛୋଟ ବେଳରୁ ମା'ଙ୍କୁ ହରାଇଥିବା ଫୁଲ ବାପାଙ୍କଦ୍ୱାରା ପ୍ରତିପାଳିତ ହୋଇଥିଲେ। ବାପା ଜଣେ କୃଷକ ହୋଇଥିଲେ ହେଁ ଫୁଲଙ୍କୁ ଆଗକୁ ବଢ଼ିବାରେ ତାଙ୍କର କୌଣସି ଦ୍ୱିଧା ନ ଥିଲା। ଫୁଲ ଏବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

ଫୁଲଙ୍କ କ୍ରିକେଟ ପ୍ରତିଭା ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନର ଚୟନ କମିଟି ନଜରକୁ ଆସିଥିଲା। ଫୁଲ ମଧ୍ୟ କଠିନ ପରିଶ୍ରମ କରିଥିଲେ। ସେ ଅନେକ ଜିଲାସ୍ତରୀୟ ଟୁର୍ନାମେଣ୍ଟ ଖେଳିବା ପରେ ୨୦୧୯ରୁ ଏପର୍ଯ୍ୟନ୍ତ ୫ ବର୍ଷ ଧରି ଜାତୀୟ ଟୁର୍ନାମେଣ୍ଟରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ଫୁଲଙ୍କ ନେତୃତ୍ୱରେ ଓଡ଼ିଶା ୨୦୨୩ ଓ ୨୦୨୪ରେ ଅନୁଷ୍ଠିତ ଜାତୀୟ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ଦୁଇବର୍ଷ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳି ଆସୁଥିବା ଫୁଲ ନେପାଳ ବିପକ୍ଷ ଦ୍ୱିପାକ୍ଷିକ ଟି୨୦ ସିରିଜ, ୨୦୨୩ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସ ଆଦି ଖେଳି ନିଜ ଦକ୍ଷତା ଦେଖାଇଛନ୍ତି। ଇଂଲଣ୍ଡର ବର୍ମିଂହାମରେ ଅନୁଷ୍ଠିତ ୱାର୍ଲ୍ଡ ଗେମ୍ସରେ ସେ ଭାରତୀୟ ଦଳର ଉପ ଅଧିନାୟିକା ଥିଲେ ଏବଂ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଥିଲା। କ୍ରିକେଟ ବ୍ୟତୀତ ଜଣେ ଭଲ ଶିକ୍ଷକ ହେବାକୁ ଫୁଲ ରୁଚି ରଖନ୍ତି। ଏଥିପାଇଁ ସେ ପଢ଼ା ପ୍ରତି ମଧ୍ୟ ଖୁବ୍ ସିରିୟସ୍। ନିଜର ସଫଳତା ଲାଗି ଫୁଲ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ରାଜ୍ୟ ଆସୋସିଏଶନ, ତାଙ୍କ ମେଣ୍ଟର ଅନ୍ତର୍ଜାତୀୟ କ୍ରିକେଟର ଜାଫର ଇକ୍‌ବାଲ, କୋଚ୍ ଦେବାଶିଷ ଜେନା ଓ ସୁଖରାମ ମାଝିଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। ଓଡ଼ିଶାର ଏକ ଛୋଟ ଗାଁରୁ ଆସି ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠା କରି ଫୁଲ ଅନ୍ୟ ଖେଳାଳିଙ୍କ ଲାଗି ଉଦାହରଣ ସାଜିଛନ୍ତି।

## ପାର୍ବତୀ ମାର୍ଣ୍ଡି

ପାର୍ବତୀଙ୍କ ଘର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାଲିମୁଣ୍ଡୁଳି ଗାଁରେ। ତାଙ୍କ ମା'ଙ୍କ ନାମ ଶୋଭା ଓ ବାପାଙ୍କ ନାମ ଥୁମ୍ପୁ ମାର୍ଣ୍ଡି। ସେ ସ୍କୁଲ ଫର୍ ଦି ବ୍ଲାଇଣ୍ଡ ରାଣୀପାଟନା ବାଲେଶ୍ୱରରେ ଦଶମ ଶ୍ରେଣୀରେ ପଢ଼ୁଛନ୍ତି। ମାତ୍ର ୧୬ ବର୍ଷ ବୟସରେ ସେ ଉତ୍ସାହ ଏବଂ ଦୃଢ଼ସଂକଳ୍ପର ଉଦାହରଣ ଭାବେ ଉଭା ହୋଇଛନ୍ତି। ପାର୍ବତୀ ମଧ୍ୟ ଜନ୍ମ ବେଳରୁ ଦୃଷ୍ଟିବାଧିତ ନ ଥିଲେ। ୫ ବର୍ଷର ହୋଇଥିବା ବେଳେ ଏକ ଦୁଃଖଦ ଦୁର୍ଘଟଣାରେ ତାଙ୍କ ଡାହାଣ ଆଖି ଚାଲିଯାଇଥିଲା। ପରେ ତାଙ୍କ ବାମ ଆଖି ମଧ୍ୟ ଆଶିଂକ ପ୍ରଭାବିତ ହୋଇଥିଲା। ହଠାତ୍ ଦୃଷ୍ଟିଶକ୍ତ ପ୍ରଭାବିତ ହେବାଜନିତ ଦୁଃସମୟରେ ତାଙ୍କ ପରିବାର ଭାଙ୍ଗି ପଡ଼ିଥିଲେ। ମାତ୍ର ପାର୍ବତୀ ହାତଟେକି ଦେଇ ନ ଥିଲେ। ପରିବାରର ସହାୟତାରେ ଉତ୍ସାହର ସହ ପାଠ ପଢ଼ାରେ ମନ ଦେଇଥିଲେ। ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଆସୋସିଏଶନର ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମରେ ସେ ଚୟନକର୍ତ୍ତାଙ୍କ ନଜରକୁ ଆସିଥିଲେ। ବାଲେଶ୍ୱରରେ ଅନୁଷ୍ଠିତ ୫ ଦିନ ଟ୍ରେନିଂ କ୍ୟାମ୍ପରେ ତାଙ୍କ ଉତ୍ସାହ ଦେଖି ଚୟନକର୍ତ୍ତା ପ୍ରଭାବିତ ହୋଇଥିଲେ। ୨୦୨୨ରେ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଦଳରେ ସେ ପ୍ରଥମେ ସାମିଲ ହୋଇଥିଲେ। ସେ ଜଣେ ଅଲ୍‌ରାଉଣ୍ଡର ଭାବେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଧୀରେ ଧୀରେ ସେ ଉଇକେଟ୍‌କିପର-ବ୍ୟାଟର ଭାବେ ନିଜକୁ ଗଢ଼ିତୋଳିଥିଲେ। ସେ ଜଣେ ବ୍ୟାଟର, ଯିଏକି ଇନିଂସ୍ ଓପନ୍ କରିବା ସହ ମଧ୍ୟକ୍ରମ ଏବଂ ଫିନିଶର ଭାବେ ମଧ୍ୟ ଖେଳିପାରନ୍ତି। ସେ ଅତ୍ୟଧିକ ଚାପ ପରିସ୍ଥିତିରେ ମଧ୍ୟ ଭଲ ବ୍ୟାଟିଂ କରିଥାନ୍ତି। ନିକଟରେ ଅନୁଷ୍ଠିତ ଚୟନ ଶିବିରରେ ସେ ନିଜର ବ୍ୟାଟିଂ ଓ କିପିଂ ଦକ୍ଷତା ବଳରେ ଚୟନ କମିଟିର ଧ୍ୟାନ ଆକର୍ଷଣ କରିଥିଲେ। ଜୋନାଲ କ୍ରିକେଟ ପରେ ସେ ଭାରତୀୟ ଦଳରେ ସାମିଲ ହେବାର ସୁଯୋଗ ପାଇଥିଲେ। ଏବେ ବିଶ୍ୱକପ ଜିତି ସେ ନିଜ କ୍ୟାରିୟରକୁ ଏକ ଭିନ୍ନ ସୋପାନକୁ ନେଇ ଯାଇଛନ୍ତି। ଉଭୟ ଖେଳ ଏବଂ ପାଠପଢ଼ାରେ ଆଗକୁ ଯିବାକୁ ଚାହୁଁଛନ୍ତି ପାର୍ବତୀ। ଭବିଷ୍ୟତରେ ଜଣେ ଶିକ୍ଷକ ହେବା ସହ ଅଧିକରୁ ଅଧିକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ତାଙ୍କର ଲକ୍ଷ୍ୟ। ଭାରତୀୟ ଦଳର ଅନ୍ୟତମ କନିଷ୍ଠ ଏବଂ ପ୍ରତିଭା ସମ୍ପନ୍ନ କ୍ରିକେଟର ବିବେଚିତ ହେଉଥିବା ପାର୍ବତୀ ଆଗାମୀ ଦିନରେ ଦୃଷ୍ଟିବାଧିତ କ୍ରିକେଟକୁ କ୍ୟାରିୟର କରିବାକୁ ଚାହୁଁଥିବା ଖେଳାଳିଙ୍କଲାଗି ରୋଲ୍ ମଡେଲ୍।

## ଯମୁନାରାଣୀ ଟୁଡୁ

ଓଡ଼ିଶାର ମୟୂରଭଞ୍ଜ ଜିଲା ଅନ୍ତର୍ଗତ ଭଦାସୁର ଗ୍ରାମର ଦୃଷ୍ଟିବାଧିତା କ୍ରିକେଟର ହେଲେ ଯମୁନା ରାଣୀ ଟୁଡୁ। ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିଲେ ହେଁ ପ୍ରମାଣ କରିଛନ୍ତି ଯେ, ଦୃଷ୍ଟିହୀନତାରେ ମଧ୍ୟ ଦୃଢ଼ତା ଏବଂ ସମର୍ପଣ ପଥକୁ ଆଲୋକିତ କରାଯାଇପାରେ। ଯମୁନାଙ୍କ ମାତାପିତା ମଙ୍ଗଳୀ ଟୁଡୁ ଓ ମଦନ ଟୁଡୁ କୃଷକ ହୋଇଥିଲେ ହେଁ ଆରମ୍ଭରୁ ତାଙ୍କୁ ସମର୍ଥନ କରିଆସିଛନ୍ତି। ସେମାନଙ୍କର ପ୍ରୋତ୍ସାହନ ଓ ବିଶ୍ୱାସ ଯମୁନାଙ୍କୁ ସୀମାବାହାରେ ସ୍ୱପ୍ନ ଦେଖିବାରେ ସାହାଯ୍ୟ କରିଛି। ଆଜି ସେ କେବଳ ଭାରତର ପ୍ରତିନିଧିତ୍ୱ କରୁଥିବା ଜଣେ ପ୍ରସିଦ୍ଧ ଦୃଷ୍ଟିହୀନ କ୍ରିକେଟର ନୁହନ୍ତି, ବରଂ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଜଣେ ଜୁନିୟର ଆସିଷ୍ଟାଣ୍ଟ ମଧ୍ୟ। ଏହା ତାଙ୍କ ସ୍ଥିରତା ଓ କଠିନ ପରିଶ୍ରମକୁ ପ୍ରତିଫଳିତ କରେ। ଯମୁନା ତାଙ୍କର ପ୍ରାରମ୍ଭିକ ଶିକ୍ଷା ଏକ ସାଧାରଣ ବିଦ୍ୟାଳୟରେ ଆରମ୍ଭ କରିଥିଲେ। ମାତ୍ର ତାଙ୍କର ଦୃଷ୍ଟିଶକ୍ତି କ୍ରମେ ହ୍ରାସ ପାଇବାରେ ଲାଗିବାରୁ ସେ ଏକ ଦୃଷ୍ଟିହୀନ ବିଦ୍ୟାଳୟକୁ ସ୍ଥାନାନ୍ତରିତ ହୋଇଥିଲେ, ଯେଉଁଠାରେ ସେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ପରେ ସେ ଭଦ୍ରକ ଦୃଷ୍ଟିହୀନ ସ୍କୁଲରେ ତାଙ୍କ ଏକାଦଶ ଓ ଦ୍ୱାଦଶ ପାଠ୍ୟକ୍ରମ ଶେଷ କରିଥିଲେ। ବର୍ତ୍ତମାନ ସେ ରମାଦେବୀ ମହାବିଦ୍ୟାଳୟରେ ସ୍ନାତକ ଶିକ୍ଷା କରୁଛନ୍ତି। ଦୃଷ୍ଟିହୀନ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ତାଙ୍କ ଶାରୀରିକ ତାଲିମ ଶିକ୍ଷକ (ପିଇଟି) ତାଙ୍କୁ କ୍ରିକେଟ ଦୁନିଆ ସହ ପରିଚୟ କରାଇଥିଲେ, ଯାହା ତାଙ୍କ ଜୀବନର ଏକ ମୋଡ଼ ଥିଲା। କୌତୂହଳୀ ଓ ପ୍ରେରଣାପ୍ରାପ୍ତ ଯମୁନା ଯେତେବେଳେ ବ୍ୟାଟ୍ ଧରିଥିଲେ ସେ ଜାଣି ନ ଥିଲେ ଯେ, ଏହା ଦିନେ ତାଙ୍କୁ ଜାତୀୟ ମଞ୍ଚକୁ ନେଇଯିବ। ୨୦୧୮ରେ ଯମୁନା ଭୁବନେଶ୍ୱରରେ ତାଙ୍କର ପ୍ରଥମ ରାଜ୍ୟସ୍ତରୀୟ ମ୍ୟାଚ ଖେଳିଥିଲେ। ତାଙ୍କ ପ୍ରତିଭା ଓଡ଼ିଶା ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ମୁଖ୍ୟ ଜାଫର ଇକ୍‌ବାଲଙ୍କ ନଜରକୁ ଆସିଥିଲା। ସେ ଯମୁନାଙ୍କ ମେଣ୍ଟର ଓ ଗାଇଡ୍ ପାଲଟି ଯାଇଥିଲେ। ଉତ୍ତମ ପ୍ରଦର୍ଶନ କରି ସେ ଜାତୀୟ ଦଳରେ ସ୍ଥାନ ପାଇବାରେ ସକ୍ଷମ ହୋଇଥିଲେ। ଏହି ମାଇଲଖୁଣ୍ଟ ଯମୁନାଙ୍କ ସ୍ୱପ୍ନକୁ ସାକାର କରିଥିଲା। ଯମୁନା ଜଣେ ଦୃଷ୍ଟିବାଧିତା ହୋଇଥିବାରୁ ବିଶ୍ୱ ପରିସର ତାଙ୍କ ପାଇଁ ସୀମିତ ବୋଲି ଯେଉଁମାନେ ମନେ କରୁଥିଲେ ତାହାକୁ ସେ ଭୁଲ୍ ବୋଲି ପ୍ରମାଣିତ କରି ଦେଖାଇଛନ୍ତି। ଯମୁନା ତାଙ୍କ କ୍ରିକେଟ କ୍ୟାରିୟରରେ ଅନେକ ସଫଳତା ହାସଲ କରିଛନ୍ତି। ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରି ସେ ମର୍ଯ୍ୟାଦାଜନକ ନାଗେଶ୍ୱର ଟ୍ରଫି ଟୁର୍ନାମେଣ୍ଟ ଜିତିଛନ୍ତି।

## ବାସନ୍ତୀ ହାଁସଦା

ବାସନ୍ତୀଙ୍କ ଘର ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ସାସାକୁଲ୍‌ଗି ଗାଁରେ। ତାଙ୍କ ବାପା ଚାକୁ ହାଁସଦା ଓ ମା' ଯମୁନା ହାଁସଦା ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ବାସନ୍ତୀ ଜନ୍ମବେଳୁ ଦୃଷ୍ଟିବାଧିତ ନ ଥିଲେ। ପିଲାବେଳେ ସାଙ୍ଗଙ୍କ ସହ ଖେଳିବାବେଳେ ଆଖିରେ ଆଘାତ ପାଇଥିଲେ। ସଚେତନତାର ଅଭାବ ଏବଂ ଆର୍ଥିକ ଅନଟନ ଯୋଗୁ ତାଙ୍କ ପରିବାର ଉପଯୁକ୍ତ ଚିକିତ୍ସା କରାଇ ନ ପାରିବାରୁ ବାସନ୍ତୀ କ୍ରମେ ଦୃଷ୍ଟିଶକ୍ତି ହରାଇଥିଲେ। ୨୦୧୭ରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ବାସନ୍ତୀ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ୨୦୧୮ରୁ ରାଜ୍ୟ ପକ୍ଷରୁ ସେ ପ୍ରତିନିଧିତ୍ୱ କରି ଆସିଛନ୍ତି ଏବଂ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଅଲ୍‌ରାଉଣ୍ଡରଭାବେ ବେଶ୍ ପରିଚିତ। ସେ ମୁଖ୍ୟତଃ ନିଜର ବ୍ୟାଟିଂ ଓ ଫିଲ୍ଡିଂ ଦକ୍ଷତା ପାଇଁ ପରିଚିତ। ଓଡ଼ିଶା ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳର ଉପଅଧିନାୟିକା ଥିବା ବାସନ୍ତୀ ୨୦୨୩ଠାରୁ ଭାରତ ପାଇଁ ଖେଳିଆସୁଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଆଇବିଏସ୍‌ଏ ୱାର୍ଲ୍ଡ ଗେମ୍ସ ୨୦୨୩ରେ ସ୍ୱର୍ଣ୍ଣ ଜିତିଥିଲା। ଓଡ଼ିଶା ପକ୍ଷରୁ ସେ ୫ଟି ଜାତୀୟ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଖେଳିଛନ୍ତି। ଏଥିରେ ଓଡ଼ିଶା ୩ଟିରେ ଚାମ୍ପିୟନ ହୋଇଛି। ଅନେକ ଟୁର୍ନାମେଣ୍ଟରେ ସେ ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଛନ୍ତି। ୨୦୨୫ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଭାରତକୁ ଚାମ୍ପିୟନ କରାଇବାରେ ସେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ମା' ବାପାଙ୍କ ସମର୍ଥନ ଯୋଗୁ ସେ ଆଜି ଏଠାରେ ପହଞ୍ଚି ପାରିଛନ୍ତି ବୋଲି ବାସନ୍ତୀ ପ୍ରକାଶ କରିଛନ୍ତି। ତାଙ୍କ ମା' ଓ ବାପାଙ୍କୁ ମୋଟିଭେଟ କରିପାରି ଥିବାରୁ ସେ ଜାଫର ଇକ୍‌ବାଲଙ୍କୁ ଏବଂ ସହଯୋଗର ହାତ ବଢ଼ାଇଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। କୋଚ୍ ଦେବାଶିଷ ଜେନା ଓ ସୁଖରାମ ମାଝିଙ୍କୁ ମଧ୍ୟ ଅନେକ ଶ୍ରେୟ ଦେଇଛନ୍ତି ଏହି ଦୃଷ୍ଟିବାଧିତା କ୍ରିକେଟର।

**ପ୍ରସ୍ତୁତି: ବିଜୟ ରଣା**
**ତପନ କୁମାର ସ୍ୱାଇଁ**



କଲମ୍ବୋରେ ଅନୁଷ୍ଠିତ ଫାଇନାଲରେ ନେପାଳକୁ ହରାଇବାପରେ ଜାତୀୟ ପତାକା ସହ ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଦଳ।

## ମେମୋରେବଲ

ଲୋ ସ୍କୋରିଙ୍ଗରେ ଦକ୍ଷିଣ ଆଫ୍ରିକାକୁ
ଟିମ ଚଟାଇଲା ଧୂଳି
ମାରକ୍ରମ ମୁଣ୍ଡ କାମ କଲାନାହିଁ
ଗୋଟି ଗୋଟି ଖାଇ ବଳି
ସେନା ତାର ଗଲେ ଟଳି
ଦି ହଜାର ପନ୍ଦର ମସିହା ଡିଫିଟ
ପ୍ରତିଶୋଧ ନେଲା ଜଳି।

ହାର୍ଦ୍ଦିକ ମାଡ଼ରେ କମ୍ପୁଥିଲେ ଫ୍ୟାନ୍
କମ୍ପୁଥିଲା ବାରବାଟୀ
ଗୁଳି ଭଳି ଛକା ଚଉକାରେ ଚୁପ୍
ଦକ୍ଷିଣ ଆଫ୍ରିକା ପାଟି
ଚାରି ଛକା ପିଟି ଏଠି
ଟି ଟୋଣ୍ଟିରେ ଶହେ ଛକା ମାରିବାରେ
ହାର୍ଦ୍ଦିକ ଚତୁର୍ଥ ପାର୍ଟି।



ଏଲିଟ ବୋଲରଙ୍କ କ୍ଲବରେ ବୁମରା
ସାମିଲ ହୋଇଛି ସେତ
କଟକର ଟି ଟୋଣ୍ଟି ମ୍ୟାଚ ପାଇଁ
ଏ ସବୁ ହୋଇଛି ସତ
ଶେଷ ବାରବାଟୀ ଯାତ
ମେମୋରେବଲ ଟିମ ଇଣ୍ଡିଆ ୱିନ୍
କଙ୍ଗ୍ରାଚୁଲେଶନ ମିତ।
**-ସୁବାସ ଚନ୍ଦ୍ର ପ୍ରଧାନ**

# ଏମ୍‌ଏମ୍‌ଏ ପ୍ରତିଭା କୌସ୍ତୁଭ

**ଉଭୟ ବଡିବିଲ୍ଡିଂ ମିକ୍ସଡ ମାର୍ଶାଲ ଆର୍ଟରେ ସଫଳତା ଅର୍ଜନ କରି ଆଗକୁ ବଢ଼ିବାକୁ ଚାହୁଁଛନ୍ତି ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍ କୌସ୍ତୁଭ ମହାନ୍ତି। ଏକାବେଳକେ ଯଦିଓ ଏହି ଦୁଇଟି କ୍ରୀଡ଼ାରେ ସଫଳତା ହାସଲ ସହଜ ନୁହେଁ ତେବେ ଆଗାମୀ ଦିନରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ତାଙ୍କର ଲକ୍ଷ୍ୟ...**




କୋଚ୍ ରୁଦ୍ର ପ୍ରସାଦ କରଙ୍କ ସହ କୌସ୍ତୁଭ



ମିକ୍ସଡ ମାର୍ଶାଲ ଆର୍ଟ (ଏମ୍‌ଏମ୍‌ଏ) ପରି ଏକ କଷ୍ଟସାଧ କ୍ରୀଡ଼ାକୁ କ୍ୟାରିୟର କରି ଆଗକୁ ବଢ଼ିବାକୁ ଚାହୁଁଥିବା କ୍ରୀଡ଼ାବିତ୍ ହେଉଛନ୍ତି କୌସ୍ତୁଭ ମହାନ୍ତି। ୨୦୦୩ ଡିସେମ୍ବର ୨୯ରେ ଲକ୍ଷ୍ମୀସାଗରସ୍ଥିତ ଚିନ୍ତାମଣିଶ୍ୱରରେ ଜନ୍ମିତ କୌସ୍ତୁଭଙ୍କ ମା' ଗାୟତ୍ରୀ ମହାନ୍ତି ଜଣେ ଗୃହିଣୀ ଏବଂ ବାପା ତୁଷାରକାନ୍ତି ମହାନ୍ତି ହେଉଛନ୍ତି ହୋମିଓପାଥି ଡାକ୍ତର। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ମେକାନିକାଲ ବ୍ରାଞ୍ଚରେ ବି-ଟେକ୍ କରୁଥିବା କୌସ୍ତୁଭ ପିଲାଦିନେ ଟିଭିରେ କାର୍ଟୁନ ଓ ମିକ୍ସଡ ମାର୍ଶାଲ ଆର୍ଟ ଦେଖି ଖେଳପ୍ରତି ଆକୃଷ୍ଟ ହୋଇଥିଲେ। ବଡିବିଲ୍ଡିଂରେ ମଧ୍ୟ ରୁଚି ରଖିଥିବା ଏହି ପ୍ରତିଭାବାନ୍ କ୍ରୀଡ଼ାବିତ୍ ଇତିମଧ୍ୟରେ ଗତ ନଭେମ୍ବରରେ ଗୋଆରେ ଅନୁଷ୍ଠିତ ଆଇସିଏନ୍ (ଆଇ କମ୍ପିଟ୍ ନ୍ୟାଶନାଲ) ପ୍ରତିଯୋଗିତାରେ ୬ଷ୍ଠ ସ୍ଥାନରେ ରହି ଅଭିଜ୍ଞତା ଆହରଣ କରିଛନ୍ତି। ଆଗାମୀ ଦିନରେ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କର ଲକ୍ଷ୍ୟ। ଆଇସିଏନ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ରୁଦ୍ର ପ୍ରସାଦ କର ହେଉଛନ୍ତି ତାଙ୍କ କୋଚ୍ ଓ ଆଦର୍ଶ।

୨୦୧୮ରୁ କିକ୍‌ବକ୍ସିଂ ଓ ଜୁ-ଜିତ୍‌ସୁରେ କ୍ୟାରିୟର କରି ଏକାଧିକ ସଫଳତା ଲାଭ କରିଥିବା କୌସ୍ତୁଭ ରେସ୍‌ଲିଂରେ ମଧ୍ୟ ଆଗ୍ରହ ରଖିଛନ୍ତି। କିକ୍ ବକ୍ସିଂରେ ସେ ୨୦୨୪ରେ ରୌପ୍ୟ ଏବଂ ୨୦୨୫ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୨୪ରେ ଜୟପୁରରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ କ୍ୟାରିୟରକୁ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ୨୦୨୩ରେ ସେ ରାଜ୍ୟ ଜୁ-ଜିତ୍‌ସୁରେ ଭାଗନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହି ବର୍ଷ ସେ ଜାତୀୟ ପ୍ରତିଯୋଗିତାରେ ମଧ୍ୟ ଭାଗନେଇ ଅଭିଜ୍ଞତା ଆହରଣ କରିଥିଲେ। କୌସ୍ତୁଭଙ୍କ ମତରେ ନିଜ ଦକ୍ଷତା ଉପରେ ଭରସା ରଖିବା ସହିତ ଉପଯୁକ୍ତ କଳାକୌଶଳ ଶିଖିଲେ କେଜ୍ ମଧ୍ୟରେ ମିକ୍ସଡ ମାର୍ଶାଲ ଆର୍ଟ ଲଢ଼େଇରେ ଜଣେ ନିଶ୍ଚିତ ସଫଳତା ପାଇପାରିବ। ସେଥିପାଇଁ ସେ ଅଧିକ ଜ୍ଞାନ ଆହରଣ କରୁଛନ୍ତି ଏବଂ ଭବିଷ୍ୟତରେ ଏଥିରେ ଜଣେ ସଫଳ ପ୍ରତିଯୋଗୀଭାବେ ଉଭା ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଫେବୃଆରୀରେ ମୁମ୍ବାଇରେ ଅନୁଷ୍ଠିତ ମିକ୍ସଡ ମାର୍ଶାଲ ଆର୍ଟରେ ସେ ରୌପ୍ୟ ପଦକ ହାସଲ କରିଛନ୍ତି।

ବଡିବିଲ୍ଡିଂ ହେଉ କି ମିକ୍ସଡ ମାର୍ଶାଲ ଆର୍ଟରେ ମୁଁ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଚାହେଁ। ଏକା ସହିତ ତ ୨ଟି ଯାକ କରିବା ସମ୍ଭବ ନୁହେଁ। ତେଣୁ ମୁଁ ଗୋଟିଏ ପରେ ଗୋଟିଏରେ ଆଗକୁ ବଢ଼ିବାକୁ ଚାହୁଁଛି। ୨୦୨୬ରେ ଗୋଆରେ ହେବାକୁ ଯାଉଥିବା ଆଇସିଏନ୍ ପ୍ରତିଯୋଗିତାରେ ମୁଁ ସ୍ୱର୍ଣ୍ଣ ପଦକ ଜିତିବାକୁ ଲକ୍ଷ୍ୟ ରଖିଛି। ୨୦୨୫ ଏମ୍‌ଏମ୍‌ଏ ଅବସରରେ ମୁଁ ଆଘାତପ୍ରାପ୍ତ ହୋଇଥିବାରୁ ବ୍ରେକ୍ ନେଇଛି। ତେଣୁ ୨୦୨୭ରେ ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱର୍ଣ୍ଣ ପଦକ ଜିତିବା ଲକ୍ଷ୍ୟରେ ରହିବି। ଓଡ଼ିଶାରୁ ଖେଳାଳିମାନେ ଯାଇ ଅଧିକରୁ ଅଧିକ ସଂଖ୍ୟାରେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରନ୍ତୁ ବୋଲି ମୋର ଇଚ୍ଛା। ମୁଁ ମଧ୍ୟ କିପରି ଅଧିକ ପ୍ରତିଯୋଗିତାରେ ଉଚ୍ଚସ୍ତରରେ ଭାଗ ନେଇପାରିବି ତା' ଉପରେ ଫୋକସ୍ କରୁଛି। ଉଭୟ ପାଠ ଓ ଖେଳରେ ମୁଁ ସିରିୟସ୍ ଅଛି। ତେଣୁ ଉଭୟରେ ଦକ୍ଷ ହେବା ମୋର ଅଭିଳାଷ ରହିଛି ବୋଲି କୌସ୍ତୁଭ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୨/୨୦୨୫ Bhubaneswar, Friday, December 12/ 2025

# ଉନ୍ନତି ମହିଳା, ମାନେପଲ୍ଲୀ ପୁରୁଷ କ୍ୱାର୍ଟରରେ



ପ୍ରତିଯୋଗିତାର ୩ୟ ଦିବସରେ ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ। (ଫଟୋ ରାଜକିଶୋର ମହାନ୍ତି)।

**ଭୁବନେଶ୍ୱର, ୧୧।୧୨ (ବିଜୟ ରଣା)**

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡିଶା ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ୨୦୨୫ର ସମସ୍ତ ବିଭାଗର ମୋଟ ୩୯ ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଅଛି। ଟୁର୍ନାମେଣ୍ଟର ତୃତୀୟ ଦିବସରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ଏ ଅବସରରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, କଟକ ସଦର ବିଧାୟକ ପ୍ରକାଶ ସେଠୀ, କ୍ରୀଡା ନିର୍ଦ୍ଦେଶକ ଡ଼. ବିଜୟ ୟେଦୁଲ୍ଲା, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ, କଟକ ମହାନଗର ନିଗମର କମିଶନର କିରଣ ଦୀପ

### ଓଡିଶା ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ

କୌର ସହଟା ପ୍ରମୁଖ ଅତିଥି ଭାବେ ଉପସ୍ଥିତଥିଲେ। ତୃତୀୟ ଦିନ ରେ ଖେଳାଯାଇ ଥିବା ମହିଳାଓ ପୁରୁଷ ସିଙ୍ଗଲ୍ସ ବିଭାଗରେ ପ୍ରାୟତଃ ସିଡେଡ୍ ଖେଳାଳି ମାନେ ଉତ୍ତମ ଖେଳ ପ୍ରଦର୍ଶନ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ବିଭାଗର ପ୍ରି-କ୍ୱାର୍ଟର ରାଉଣ୍ଡରେ ଟପ୍‌ସିଡ୍ ଭାରତୀୟ ଖେଳାଳି ଉନ୍ନତି ହୁଡା ଥାଇଲାଣ୍ଡ ଖେଳାଳି ଟୀଦାପ୍ରନ କ୍ଲିବାଇସୁନଙ୍କୁ ୨୧-୭, ୨୧-୧୪ରେ ପରାଜିତ କରି କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ମହିଳା କ୍ୱାର୍ଟର ଫାଇନାଲରେ ରେ ପହଞ୍ଚି ଥିବା ଅନ୍ୟ ଖେଳାଳିମାନେ ହେଲେ ତୃତୀୟ ସିଡ ତନଭୀ ଶର୍ମା, ପଞ୍ଚମ ସିଡ୍ ଅନୁପମା ଉପାଧ୍ୟାୟ ଓ ୬ଷ୍ଠ ସିଡ ଅନମୋଲ ଖର୍ବ। ସେହିପରି ପୁରୁଷ ବିଭାଗ ସିଙ୍ଗଲ୍ସରେ ଟପ ସିଡ ଥରୁନ ମାନେପଲ୍ଲୀ ନିଜ ଦେଶ ଖେଳାଳି ଗୋବିନ୍ଦ କ୍ରିଷ୍ଣାଙ୍କୁ ୨୧-୧୬,୧୨-୨୧ ଓ ୨୧-୧୧ରେ ଏକ ସଂଘର୍ଷପୂର୍ଣ୍ଣ ବିଜୟ ସହ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ଅନ୍ୟ ଖେଳାଳିମାନେ ହେଲେ ଗତ ସିଜନ୍‌ର ସିଙ୍ଗଲ୍ସ ଚାମ୍ପିୟନ ତଥା ଅଷ୍ଟମ ସିଡ୍ ସତୀଶ କୁମାର, ଦ୍ୱିତୀୟ ସିଡ୍ କିରଣ ଜର୍ଜଏବଂ ସପ୍ତମ ସିଡ୍ ଶଙ୍କର ସୁବ୍ରମଣିଅନ।

ଅନ୍ୟପକ୍ଷରେ ମହିଳା ଡବଲ୍ସ ବିଭାଗ୍‌ରେ ଅନୁଷ୍ଠିତ ପ୍ରି-କ୍ୱାର୍ଟର ରାଉଣ୍ଡ ମ୍ୟାଚରେ ଟପ୍ ସିଡ୍ ବୁଲଗେରିଆ ଯୋଡ଼ି ଗେବ୍ରିଏଲା ଷ୍ଟୋଭା ଓ ଷ୍ଟେଫାନୀ ଷ୍ଟୋଭା ଇଣ୍ଡୋନେସିଆ ଯୋଡି ଭେଲିଶା କ୍ରିଷ୍ଟିନା ଓ ଅଗ୍ନିଆ ଶ୍ରୀରହୟୁ ଙ୍କୁ ୨୧-୧୯, ୨୧-୧୩ ପଏଣ୍ଟ ରେ ପରାସ୍ତ କରି କ୍ୱାର୍ଟରଫାଇନାଲ ରେ ପହଞ୍ଚିଛନ୍ତି। ସେହିପରି ମହିଳା ଡବଲ୍ସ କ୍ୱାର୍ଟର ରେ ପହଞ୍ଚିଥିବା ଅନ୍ୟ ଯୋଡ଼ିମାନେ ହେଲେ ଭାରତୀୟ ଯୋଡ଼ି ଅଶ୍ୱିନୀ ଭଟ୍ଟ ଓ ସାଥି ଶିଖା ଗୌତମ, ୬ଷ୍ଠ ସିଡ କବିପ୍ରିୟା ସେଲବମ ଓ ସାଥି ସିମରନ ସିଂଘି ଏବଂ ଅଷ୍ଟମ ସିଡ୍ ଇଣ୍ଡୋନେସିଆ ଯୋଡି ଶିଟି ସରହ ଆଜହାର ଏବଂ ଦିତ୍ୟା ରାମଧାନୀ। ଭାରତୀୟ ବ୍ୟାଡମିଣ୍ଟନ ସଙ୍ଘ, ଓଡ଼ିଶା ସରକାର ଏବଂ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ମିଳିତ ସହଯୋଗରେ ଚାଲିଥିବା ଏହି ଆନ୍ତର୍ଜାତୀୟ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲର ସମସ୍ତ ମ୍ୟାଚ ଗୁରୁବାର ଖେଳାଯିବ।

## ମହିଳା କ୍ରିକେଟରଙ୍କ ଘରୋଇ ବେତନ ସମୀକ୍ଷା କରିବ ବିସିସିଆଇ

**ମୁମ୍ବାଇ, ୧୧।୧୨:** ଆସନ୍ତା ୨୨ ତାରିଖରେ ହେବାକୁ ଥିବା ବିସିସିଆଇ କାର୍ଯ୍ୟକାରୀ ପରିଷଦ ବୈଠକରେ ମହିଳା କ୍ରିକେଟରଙ୍କ ଘରୋଇ ବେତନ ସମୀକ୍ଷା କରାଯିବ। ମିଳିଥିବା ସୂଚନା ମୁତାବକ, ବିସିସିଆଇ ଘରୋଇ କ୍ରିକେଟରେ ମହିଳା କ୍ରିକେଟରଙ୍କ ମ୍ୟାଚ୍ ଫି' ସଂଶୋଧନ କରିବାକୁ ଯୋଜନା କରୁଛି। ମହିଳା ଦଳ ଦିନିକିଆ ବିଶ୍ୱକପ୍ ବିଜୟ ପରେ ବିସିସିଆଇ ମହିଳାଙ୍କ ବେତନ ସମ୍ପର୍କରେ ଆଲୋଚନା କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଏହି ବୈଠକ ଭର୍ଚୁଆଲ ମୋଡ଼ରେ ହେବ। ଅନ୍ତର୍ଜାତୀୟ କ୍ରିକେଟରେ ପୁରୁଷ ଓ ମହିଳା କ୍ରିକେଟରଙ୍କ ଦରମା ମଧ୍ୟରେ କୌଣସି ପାର୍ଥକ୍ୟ ନ ଥିଲା ବେଳେ ଘରୋଇ କ୍ରିକେଟରେ ପାର୍ଥକ୍ୟ ରହିଛି। ଆଉ ଏକ ଏଜେଣ୍ଡା ହେଉଛି ପୁରୁଷ ଦଳର କେନ୍ଦ୍ରୀୟ ଚୁକ୍ତି। ଟି୨୦ ଓ ଟେଷ୍ଟ ଫର୍ମାଟରୁ ଅବସର ନେଇ ସାରିଥିବାରୁ ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ କେଉଁ ଗ୍ରେଡ୍‌ରେ ରଖାଯିବ, ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏଥିସହିତ ବିସିସିଆଇ ଅମ୍ପାୟରଙ୍କ ଦରମା ବୃଦ୍ଧି କରିପାରେ।

# ଜାତୀୟ ସ୍ତରୀୟ ଫୁଟବଲରେ ଭାଗନେବ ଓଡ଼ିଶା ଦୃଷ୍ଟିବାଧିତ ଫୁଟବଲ ଦଳ


ଓଡ଼ିଶା ଦୃଷ୍ଟିବାଧିତ ମହିଳା ଫୁଟବଲ୍ ଦଳ।

**ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ)**

ଚଳିତ ମାସ ୧୩ରୁ ୧୮ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନଠାରେ ହେବାକୁଥିବା ଜାତୀୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ଦୃଷ୍ଟିବାଧିତ ଫୁଟବଲ ଦଳ (ଉଭୟ ମହିଳା ଓ ପୁରୁଷ) ଭାଗନେବ। ଏଥିପାଇଁ ଓଡ଼ିଶା ଦଳ ଗୁରୁବାର ଡେରାଡୁନ ଯାତ୍ରା କରିଛି ବୋଲି ସାମାଜିକ ଅନୁଷ୍ଠାନ ବ୍ଲୁସ୍‌ଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ପ୍ରକାଶ କରିଛନ୍ତି। ଗତ ନଭେମ୍ବର ୨୬ରୁ ଜଟଣୀର ଆଇଆଇସି (ଇଣ୍ଟିଗ୍ରେଟେଡ୍ ଇନ୍‌ଫ୍ରାଷ୍ଟ୍ରକ୍ଚର କମ୍ପାନୀ) କ୍ୟାମ୍ପରେ ଚାଲିଥିବା ଦୃଷ୍ଟିବାଧିତ ଫୁଟବଲ ଦଳର ତାଲିମ ଏବଂ ଚୟନ ଶିବିର ଗୁରୁବାର ଶେଷ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆଇଆଇସି ସୁପରିଟେଣ୍ଡେଣ୍ଟ ତ୍ରିନାଥ ପାଢ଼ୀ, ବ୍ଲୁସ୍‌ଆଇର କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ଯୋଗଦେଇ ଖେଳାଳିଙ୍କ ମନୋବଳ ବଢ଼ାଇଥିଲେ। ଓଡ଼ିଶା ପୁରୁଷ ଦଳରେ ଆଶିଷ ସାହୁ (ଅଧିନାୟକ), ଆଲୋକ ଦୀପ, ଦୀପକ ସିଂ, ସିତୁ ଦାସ, କାହ୍ନା ସିଂ, ପଙ୍କଜ ମଙ୍ଗଳ, ଶେଖର ପ୍ରଧାନ, ଆକାଶ ପଡିୟାମୀ, ଜଗା ପଡିୟାମୀ, ଶରତ ସିଂ, ସାଇଶିବ ଏବଂ ମହିଳା ଦଳରେ ପଦ୍ମିନୀ ଟୁଡୁ (ଅଧିନାୟିକା), ସୁମିତ୍ରା ସିଂ, ସରସ୍ୱତୀ ମୁର୍ମୁ, ପ୍ରିୟଙ୍କା ଦାସ, ପ୍ରିୟଙ୍କା ସ୍ୱାଇଁ ଓ ପୁଷ୍ପାଞ୍ଜଳି ଭୋଇ ସାମିଲ ଅଛନ୍ତି।

# ରୂପା ବେୟରଙ୍କୁ କ୍ୟାରିୟର ଶ୍ରେଷ୍ଠ ୮ମ ସ୍ଥାନ

**ନୂଆଦିଲ୍ଲୀ, ୧୧।୧୨ (ପି.ଟି.)**

ଏସିଆନ ବ୍ରୋଞ୍ଜ ପଦକ ବିଜେତା ରୂପା ବେୟର ଭାରତର ପ୍ରଥମ ଟାଏକୋଣ୍ଡୋ ଖେଳାଳି ଭାବେ ସଦ୍ୟ ପ୍ରକାଶିତ ବିଶ୍ୱ ର୍‍ୟାଙ୍କିଙ୍ଗରେ କ୍ୟାରିୟର ଶ୍ରେଷ୍ଠ ୮ମ ସ୍ଥାନ ଅଧିକାର କରିଛନ୍ତି। ଅରୁଣାଚଳ ପ୍ରଦେଶର ଏହି ୨୪ ବର୍ଷୀୟା ପୁମ୍‌ସେ ପ୍ରତିଯୋଗୀ ନଭେମ୍ବର ୨୯ରୁ ୩୦ ଅଷ୍ଟ୍ରିଆର ଇନ୍ସବ୍ରକ୍‌ଠାରେ ଅନୁଷ୍ଠିତ ୱାର୍ଲ୍ଡ ଟାଏକୋଣ୍ଡୋ ପ୍ରେସିଡେଣ୍ଟ କପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଗତ ଅଗଷ୍ଟରେ ଅଷ୍ଟ୍ରେଲିଆ

### ଟାଏକୋଣ୍ଡୋ ବିଶ୍ୱ ର୍‍ୟାଙ୍କିଙ୍ଗ

ଓପନ ଟାଏକୋଣ୍ଡୋ ଟୁର୍ନାମେଣ୍ଟରେ ସେ ମଧ୍ୟ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପୁମ୍‌ସେ ହେଉଛି ଟାଏକୋଣ୍ଡୋର ଏକ ଅଣଯୁଦ୍ଧାତ୍ମକ ରୂପ, ଯେଉଁଥିରେ ଜିମ୍ନାଷ୍ଟିକ୍ ରୁଟିନ୍ ଭଳି ଏକ ଢାଞ୍ଚା ପ୍ରଦର୍ଶନ କରିବାକୁ ହୋଇଥାଏ। ଏକ ଜଜ୍ ପ୍ୟାନେଲ ତାହାର ମୂଲ୍ୟାୟନ କରିଥାନ୍ତି। ଏହି ଫର୍ମାଟକୁ ବର୍ତ୍ତମାନ ଏକ ଅଣ ଅଲିମ୍ପିକ କାଟେଗୋରୀରେ ରଖାଯାଇଛି, କିନ୍ତୁ ଏହାକୁ ଏସିଆନ ଗେମ୍ସରେ ସ୍ଥାନିତ କରାଯାଇଛି। ବେୟର ମୁମ୍ବାଇସ୍ଥିତ ଇଣ୍ଡୋ-କୋରିଆନ ଏକାଡେମୀରେ ଟ୍ରେନିଂ ନେଉଛନ୍ତି।




ଚଳିତବର୍ଷ ଏପ୍ରିଲରେ କ୍ରୀଡ଼ା ମନ୍ତ୍ରଣାଳୟ ତାଙ୍କୁ ଟାର୍ଗେଟ ଏସିଆନ ଗେମ୍ସ ଗ୍ରୁପ୍ (ଟିଏଜିଜି)ରେ ସାମିଲ କରିଛି। ସେ ଏକମାତ୍ର ଭାରତୀୟ ଭାବେ ସମସ୍ତ କାଟେଗୋରୀରେ ବିଶ୍ୱ ର୍‍ୟାଙ୍କିଙ୍ଗ ଟପ୍ ୧୦୦ରେ ସ୍ଥାନ ପାଇଛନ୍ତି।

# ଇଣ୍ଡିଆନ ଓମେନ୍ସ ଲିଗ୍ ୨୦ରୁ

**ନୂଆଦିଲ୍ଲୀ, ୧୧।୧୨ (ପି.ଟି.)**

ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ୨୦୨୫-୨୬ ଡିସେମ୍ବର ୨୦ରୁ କୋଲକାତାସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଆରମ୍ଭ ହେବ। ପ୍ରଥମ ମ୍ୟାଚ ସେଥୁ ଏଫ୍‌ସି ଓ କିକ୍‌ଷ୍ଟାର୍ଟ ଏଫ୍‌ସି ମଧ୍ୟରେ ଖେଳାଯିବ। ଆଇଡବ୍ଲ୍ୟୁଏଲ୍ ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୦ରୁ ୨୦୨୬ ଜାନୁଆରୀ ୯ ପର୍ଯ୍ୟନ୍ତ ଖେଳାଯିବ। ଏହି ସମୟ ମଧ୍ୟରେ ୮ଟି ଦଳ ୨୮ଟି ମ୍ୟାଚ ଖେଳିବେ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ପକ୍ଷରୁ ସୂଚନା ଦିଆଯାଇଛି। ଲିଗ୍ ପାଇଁ କୋଲକାତାସ୍ଥିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ ବ୍ୟତୀତ କଲ୍ୟାଣୀସ୍ଥିତ ମ୍ୟୁନିସିପାଲ ଷ୍ଟାଡିୟମକୁ ଅନ୍ୟତମ ଭେନ୍ୟୁ ଭାବେ ମନୋନୀତ କରାଯାଇଛି। ଆଇଡବ୍ଲ୍ୟୁଏଲ୍‌ର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଏପ୍ରିଲ ୨୦ରୁ ମେ ୧୦ ପର୍ଯ୍ୟନ୍ତ ଖେଳାଯିବ, ଯାହା ଫଳରେ ଖେଳାଳିମାନେ ସିନିୟର ଓ ୨୦ ବର୍ଷରୁ କମ୍ ମହିଳା ଜାତୀୟ ଦଳ ପାଇଁ ଉପଲବ୍ଧ ହୋଇପାରିବେ। ଆଇଡବ୍ଲ୍ୟୁଏଲ୍‌ର ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟରେ ଜାତୀୟ ଦଳଗୁଡ଼ିକ ସେମାନଙ୍କ ମହାଦେଶୀୟ ଅଭିଯାନ ପୂର୍ବରୁ ପ୍ରସ୍ତୁତି ପାଇଁ ଯଥେଷ୍ଟ ସମୟ ପାଇବେ ବୋଲି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ପ୍ରକାଶ କରିଛି।

# ଯୁବି, ହରମନଙ୍କ ଷ୍ଟାଣ୍ଡ ଉଦ୍‌ଘାଟିତ

**ମୁଲାନପୁର, ୧୧।୧୨**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍ ପୂର୍ବରୁ ପୂର୍ବତନ ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂ(ଯୁବି) ଓ ମହିଳା ବିଶ୍ୱକପ୍ ଚାମ୍ପିୟନ ଦଳର ଅଧିନାୟିକା ହରମନପ୍ରୀତଙ୍କ ନାମରେ ଷ୍ଟାଣ୍ଡ ଉନ୍ମୋଚିତ କରାଯାଇଛି। ଦୁଇ ଖେଳାଳିଙ୍କ ସହ ସେମାନଙ୍କ ସମ୍ପର୍କୀୟ ଓ ବନ୍ଧୁଗଣଙ୍କ ଉପସ୍ଥିତିରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମନ୍ ଏହାକୁ ଉନ୍ମୋଚିତ କରିଥିଲେ। ଏହି ଅବସରରେ ଯୁବି ଭାରତୀୟ ଦଳର ଖେଳାଳି ଓ ମୁଖ୍ୟ କୋଚ୍ ତଥା ତାଙ୍କ ସାଥି ଖେଳାଳି ଗୌତମ ଗମ୍ଭୀରଙ୍କ ସହ ଆଲୋଚନା କରିଥିଲେ। ଏହି ଗ୍ରାଉଣ୍ଡରେ ଯୁବି ଦୀର୍ଘ ଦିନର ସାଥି ହରଭଜନ ସିଂଙ୍କ ନାମରେ ଏକ ପାଭିଲିଅନ ରହିଛି।


ଷ୍ଟାଣ୍ଡ ଉଦ୍‌ଘାଟନ ପରେ ଭାରତୀୟ ଖେଳାଳିଙ୍କ ସହ ଯୁବି।

# ଅଷ୍ଟ୍ରେଲିଆ ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ

**ମେଲବୋର୍ନ, ୧୧।୧୨(ପି.ଟି.)**

ନାମ୍ବିଆ ଓ ଜିମ୍ବାୱେରେ ଆସନ୍ତା ଜାନୁଆରୀ ୧୫ରୁ ଫେବୃଆରୀ ୬ ପର୍ଯ୍ୟନ୍ତ ହେବାକୁଥିବା ୧୯ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ପାଇଁ ଘୋଷଣା କରାଯାଇଥିବା ଅଷ୍ଟ୍ରେଲିଆର ୧୫ ଜଣିଆ ଦଳରେ ଦୁଇ ଭାରତୀୟ ବଂଶୋଦ୍ଭବ ଆର୍ଯ୍ୟନ ଶର୍ମା ଓ ଜନ୍ ଜେମ୍ସଙ୍କୁ ସ୍ଥାନ ମିଳିଛି। ଆର୍ଯ୍ୟନ

### ୧୯ ବର୍ଷରୁ କମ୍ ବିଶ୍ୱକପ୍

ହେଉଛନ୍ତି ଜଣେ ଦକ୍ଷ ବ୍ୟାଟର ଓ ଧିମା ବାମହାତୀ ସ୍ପିନର। ଅନ୍ୟପକ୍ଷରେ ଜେମ୍ସ ହେଉଛନ୍ତି ଜଣେ ମିଡିୟମ ପେସ୍ ଅଲରାଉଣ୍ଡର। ସେପ୍ଟେମ୍ବରରେ ଭାରତ ବିପକ୍ଷ ଯୁଥ୍ ଟେଷ୍ଟ ଓ ଦିନିକିଆ ଖେଳିଥିବା ଦଳର ଉଭୟ ଅଂଶବିଶେଷ ଥିଲେ। ଭାରତୀୟ ବଂଶୋଦ୍ଭବଙ୍କ ବ୍ୟତୀତ ଦଳରେ ଦୁଇ ଶ୍ରୀଲଙ୍କା ବଂଶୋଦ୍ଭବ (ନାଡେନ କୁରେ ଓ ନିତେଶ ସାମୁଏଲ) ଏବଂ ଜଣେ ଚାଇନିଜ ବଂଶୋଦ୍ଭବ (ଆଲେକ୍ସ ଲି' ୟଙ୍ଗ)ଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଅଷ୍ଟ୍ରେଲିଆ ଗତଥରର ଚାମ୍ପିୟନ ଦଳ ହିସାବରେ ଟୁର୍ନାମେଣ୍ଟରେ ଭାଗ ନେଉଛି। ଅଲିଭର ପିକ୍‌ଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଭାରତ ବିପକ୍ଷ ୧୯ ବର୍ଷରୁ କମ୍ ସିରିଜ ଓ ପର୍ଥରେ ନିକଟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ଦଳ ମନୋନୟନ କରାଯାଇଛି। ଆୟର୍ଲାଣ୍ଡ, ଜାପାନ ଓ ଶ୍ରୀଲଙ୍କା ସହିତ ଅଷ୍ଟ୍ରେଲିଆକୁ ଟୁର୍ନାମେଣ୍ଟର ଗ୍ରୁପ୍ 'ଏ'ରେ ସ୍ଥାନ ମିଳିଛି। ଅଷ୍ଟ୍ରେଲିଆ ଦଳ ଜାନୁଆରୀ ମାସ ପ୍ରାରମ୍ଭରେ ନାମ୍ବିଆରେ ପହଞ୍ଚିବ। ଦଳ ୯ରୁ ୧୪ ପର୍ଯ୍ୟନ୍ତ ୱାର୍ମଅପ୍ ମ୍ୟାଚ ଖେଳିବ।


ଆର୍ଯ୍ୟନ ଶର୍ମା ଓ ଜନ୍ ଜେମ୍ସ।

# ରାଜ୍ୟସ୍ତରୀୟ ଓପନ ଟାଏକୋଣ୍ଡୋ ୨୬ରୁ

**ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ)**

ଓଡ଼ିଶା ଟାଏକୋଣ୍ଡୋ ଆନୁକୂଲ୍ୟରେ ଚଳିତ ମାସ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଭଦ୍ରକର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ମାନ୍ୟତାପ୍ରାପ୍ତ ଏହି ପ୍ରତିଯୋଗିତାରେ ସମସ୍ତ ଜିଲାରୁ ମୋଟ ୯୦୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷକ ଏବଂ ଖେଳାଳି ଅଂଶଗ୍ରହଣ କରିବେ। ଏଥିରେ ଯେଉଁ ଖେଳାଳି ସଫଳ ହେବେ ସେମାନେ ଇଣ୍ଡିଆ ଟାଏକୋଣ୍ଡୋ ଦ୍ୱାରା ଆୟୋଜିତ ଆସନ୍ତା ଜାତୀୟସ୍ତରୀୟ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ଯେଉଁ ଖେଳାଳିମାନେ ଜାତୀୟସ୍ତରରେ ସଫଳତା ଲାଭ କରିବେ ସେମାନେ ଏସିଆନ୍ ଗେମ୍ସର ଟ୍ରାଏଲ ପାଇଁ ମନୋନୀତ ହେବେ ବୋଲି ଓଡ଼ିଶା ଟାଏକୋଣ୍ଡୋର ସମ୍ପାଦକ ଚିନ୍ମୟ ବେହେରା ପ୍ରକାଶ କରିଛନ୍ତି।

# ଟି୨୦ ବିଶ୍ୱକପ୍ ପାଇଁ ଟିକେଟ ବିକ୍ରି ଆରମ୍ଭ

**ମୁମ୍ବାଇ, ୧୧।୧୨ (ପି.ଟି.)**

ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରୁଥିବା ୨୦୨୬ ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଟିକେଟ ବିକ୍ରି ଗୁରୁବାରଠାରୁ ଆରମ୍ଭ ହୋଇଛି। ଆସନ୍ତାବର୍ଷ ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ହେବାକୁଥିବା ଏହିଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟରେ ଟିକେଟର ମୂଲ୍ୟ ଭାରତରେ ସର୍ବନିମ୍ନ ୧୦୦ ଟଙ୍କା ଏବଂ ଶ୍ରୀଲଙ୍କାରେ ସେଠାକାର ମୁଦ୍ରାରେ ୧,୦୦୦ ଟଙ୍କା ରଖାଯାଇଛି।

# ସେମିଫାଇନାଲରେ ଫାଓ ଇଲେଭେନ



ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ହରିଶଙ୍କର ନାୟକ।

**ଭୁବନେଶ୍ୱର, ୧୧।୧୨ (ତପନ ସ୍ୱାଇଁ)**

କ୍ଲବ-୭୩ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଆରମ୍ଭ ହୋଇଛି। ୮ ଦଳକୁ ନେଇ ନକ୍‌ଆଉଟ ଭିତ୍ତିରେ ହେଉଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କଟକର ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ୨-୦ ଗୋଲରେ ହରାଇ ଫାଓ ଇଲେଭେନ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ

### ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆରମ୍ଭ

ପକ୍ଷରୁ ଅରବିନ୍ଦ ଲାକ୍ରା ୮୩ ଓ ହରିଶଙ୍କର ନାୟକ ୯୦+୨ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହରିଶଙ୍କର ନାୟକ ଅତିଥି ପ୍ରଦ୍ୟୁମ୍ନ ପାଢ଼ୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ବିଧାୟକ ଜୟ ନାରାୟଣ ମିଶ୍ର, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ସୁଧାକର ପହି ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଶିବ ଶଙ୍କର ପଣ୍ଡା, ପ୍ରଦୀପ୍ତ ନାୟକ, ଚନ୍ଦ୍ରକାନ୍ତ ବାରିକ, ସୁଜିତ କୁମାର ପାତ୍ରୋ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ଚାମ୍ପିୟନ ଦଳକୁ ପୁରସ୍କାର ଆକାରରେ ୨ ଲକ୍ଷ ଟଙ୍କା ସହ ତପନ ସ୍ମାରକୀ ଟ୍ରଫି ପ୍ରଦାନ କରାଯିବ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ